Split by PDF Splitter



| | | |
|---|---|---|
| ଆଗମଭଣ୍ଡାର | | ଟ°୦୧୬ |
| ଖୁଣ୍ଟଶାଳୀ ପାଠ | „ | ଟ ୦ ।୬ |
| ବିଦଗ୍ଧ ଚିନ୍ତାମଣି | „ | ଟ ୧୫ |
| ଗୌରିଡ଼ାଙ୍ଗ ମାହାତ୍ମ୍ୟ | „ | ଟ ୦୫ |
| ଗଞ୍ଜପଶା ଚନ୍ଦ୍ର | | ଟ ୦ / |
| ବୈଦ୍ୟଜୀବନ ଶ୍ଳୋକ ଓ ଅର୍ଥ | | ଟ ୦ ।/ |
| ହନୁମାନ ଚୌତିଶା | | ଟ° ୧୯ |

ସାଧାରଣାମତ ଗୀତା। ଟ ୦ ।୵

# ହରିବଂଶ ମହାଭାରତାନ୍ତର୍ଗତ ଖିଲ ହରିବଂଶ ପର୍ବ ।

ଅତି ଶୀଘ୍ର ପ୍ରସ୍ତୁତ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କ ଦ୍ୱାରା ପଦ୍ୟଅନୁବାଦ ହୋଇଅଛି ଆଗାମୀ ଜାନୁଆରି ମାସରେ ପ୍ରକାଶିତ ହେବ। ମୂଲ୍ୟ ଟ ୧ ଙ୍କା ଡାକମାସୁଲ ସ୍ୱତନ୍ତ୍ର ଟଙ୍କା ଟ୍ରିଙ୍ଗେଙ୍କଣାଙ୍କ ସମ୍ଭାଳପୁରରେ ବହିଷ୍ଟ ହୋଇଅଛି।

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ

# ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୫୫—୧୧୦ ଷ୍ଟା।

ଏସ୍ପଃ ରଜନୀ ସପ୍ତଦ୍ୱୀପର ରାଜପୁତ୍ରର କଥା ( ଶ୍ରୀକର ଓ ଚନ୍ଦ୍ରିକାର ଅବଶିଷ୍ଟାଂଶ) ଓ ସିନ୍ଦବାଦ ନାବିକର ଜାହାଜ ଯାତ୍ରାର ସାତଗୋଟି ଅତି ଅଦ୍ଭୁତ ବିବରଣ ସନ୍ନିବେଶିତ ହୋଇଅଛି।

ମୂଲ୍ୟ ଟ ୦ ।୵ ଡାଃ ମାଃ ଟ ୦ ୧୬

ପ୍ରଥମ ଖଣ୍ଡର ଅତି ଅଳ୍ପସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି।

ମୂଲ୍ୟ ଟ ୦ । ଡାଃ ମାଃ ଟ ୦ ୧୬

କଟକ ଟ୍ରିଙ୍ଗେଙ୍କୋମ୍ପାନିଙ୍କ ପୁସ୍ତକାଳୟରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ।

ନୂତନପୁସ୍ତକ ନୂତନପୁସ୍ତ

| | | |
|---|---|---|
| ସଂଗୀତ କୁସୁମ | ୧ମ | ଟ ୦ ୵ |
| ସଂଗୀତ ବଲ୍ଲରୀ | ୧ମ | ଟ ୦ ୵ |
| ଶୀକ୍ଷାମାଳତୀ | | ଟ ୦ /୬ |
| ନିତ୍ୟକର୍ମପଦ୍ଧତି | ୧ମ | ଟ ୦ /୬ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ଟ୍ରିଙ୍ଗିକମ୍ପାନୀରେ ପ୍ରାପ୍ତବ୍ୟ। ସଂଗୀତ ବଲ୍ଲରୀ ଓ ନିତ୍ୟକର୍ମପଦ୍ଧତିର ଅନ୍ୟାନ୍ୟ ଭାଗମାନ ଶୀଘ୍ର ପ୍ରକାଶିତ ହେବ।

ଜଗନ୍ନାଥବଲ୍ଲଭ } ପୁରୀ } ଶ୍ରୀ ସୁଦର୍ଶନ ଭଦ୍ରଶର୍ମା

# ଉପନିଷତ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁକ୍ତିକ, ତଳବକାର ବା କେନ ତୈତ୍ତିରୀୟ; ମାଣ୍ଡୁକ୍ୟ, ମୁଣ୍ଡକ ଓ ଛାନ୍ଦୋଗ୍ୟ, ଏହି କତିପୟ ଗୁରୁତର ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୫ ଡାକମାସୁଲ ଟ ୦ / କଟକ ଟ୍ରିଙ୍ଗ୍ କମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ।

ଅସ୍ମ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ବକ୍‌ସିବଜାର ଟ୍ରିଙ୍ଗ୍‌କମ୍ପାନିଙ୍କ ଓ ଭୂତ ଏଜେଣ୍ଟ ବାବୁ ରାମସୁନ୍ଦର ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି। ତାହାରେ ଭି ପେଲ୍ୟୁପେବଲର ପାର୍ଶ୍ୱଲରେ ବହି ନେବେ ତାଙ୍କ ନିକଟକୁ ଲେଖିବାକୁ ହେବ।

| | |
|---|---|
| ଜୀବନଚର୍ଯ୍ୟା, (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ / |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ୵୬ |
| ଏହାର ଦ୍ୱିତୀୟ ତରଙ୍ଗ | ଟ ୦ ୵ |
| ଏହାର ତୃତୀୟ ତରଙ୍ଗ | ଟ ୦ ୵ |
| ଏହାର ଚତୁର୍ଥ ତରଙ୍ଗ | ଟ ୦ ୵ |
| ଏହାର ପଞ୍ଚମ ତରଙ୍ଗ | ଟ ୦ ୵ |
| ଏହାର ଷଷ୍ଠ ତରଙ୍ଗ | ଟ ୦ ୵ |
| ସଙ୍ଗୀତ ସଂସାର | ଟ ୦ ୵ |
| ରମଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ୵ |
| ପାରିଜାତମାଳା (ଶ୍ରୀମତୀ ଲକ୍ଷ୍ମୀ ଦେବୀ କୃତ | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ୵ |
| ବର୍ଣ୍ଣମାଳା ବର୍ତ୍ତିକା | ଟ ୦ ୧୬ |
| ସମରତରଙ୍ଗ | ଟ ୦ ୵ |
| ବାଳସାକ୍ଷୀ | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଘଡ଼ିର ଓସ୍ତାଦ ଅଣାଯିବ ମୂଲ; ସ୍ପ୍ରିଙ୍ଗ୍‌ ବସାଇବା; ଟ ୩ ଙ୍କା ଘସାଇବା ଓସ୍ତାଦ ଟ ୩ ; ଲେଭର୍ ଘଡ଼ି ଲେଭର ଲେଟର ଓସ୍ତାଦ ଟ ୪; କୋଳଘଡ଼ିର କୋ° ଓସ୍ତାଦ ଟ ୧୨ ରୁ ଟ ୩୦ ଙ୍କା ପର୍ଯ୍ୟନ୍ତ; ବାଜା ହାରମୋନିୟମ ( ବଡ଼ ଓ ଛୋଟ ବାଜେ ) ଟ ୪ ଙ୍କା । ପ୍ରତ୍ୟେକ ଘଡ଼ିର ମରାମତି ଦାୟିତ୍ୱ ଓ ମାସିକର ଖରଚ ଲାଗେ।

ଅତି ଆବଶ୍ୟକର ପ୍ରସ୍ତୋକନ; — ସକାଳ୍ପିତ ଗନ୍ଧଦ୍ରବ୍ୟ ( ଶିଶି ) ନୂଆ ଅବସ୍ଥା ୬ ଟି ଟ ୧୬; ୧୨ ଟି ଟ ୨୫;

ଏହି ଏଲେକ୍ଟ୍ରିକ ସାବୁନ ଗୋଟିକୁ ଟ ୦ ।୵, ଡଜନ୍ ଟ ୧ ଙ୍କା, ଗଲିସ୍ଥାନ ତୁଳସୀପୁଷ୍ପ ଗୋଟିକୁ ଟ ୨ ହାର୍ଡୱାର ଉକ୍ତ ( ପାଣ ଲାଗେ ନାହିଁ ) ଟ ୩; ଫଟୋଗ୍ରାଫ୍ ଷ୍ଟାମ୍ପ ୨ ଓ ୩; ଜଳଛବି ( ଏକ ଶେଷ ୧୦ X ୬ ...

ସ୍ଥ ) ଟ ୦ ।୵ ; ସୁନାର ସୁତାର ଚେନ ଟ ୦ । ଅଣା ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ; ମାର୍କିନ ଲଣ୍ଠନ ଟ ୧୨ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ମାସ୍ତୁଲକ ସହିତ। ଏତଦ୍ଭିନ୍ନ ବହୁବିଧ ପ୍ରକାରର ଘଣ୍ଟା ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଯିଏ ଯାହା ଇଂରେଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ଜାଣିବ ଲେଖି ମୂଲ୍ୟ ଜାଣନ୍ତୁ।

ମେଲ ସପ୍ଲାଇ କୋମ୍ପ, ନ ୧୧ ବଲରାମ ଘୋଷ ଷ୍ଟ୍ରୀଟ ଶ୍ୟାମବଜାର କଲିକତା।

# Mitra Sarsa.

# ମୈତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାରୁ ପ୍ରସ୍ତୁତ।

ଶୋଣିତଦୋଷଜ ବାତ, ପାରଦଦୋଷ ଓ ଉପଦଂଶ ଦୋଷ ହରଣ କରିବାରେ ଏହା ଅଦ୍ୱିତୀୟ।

ମୂଲ୍ୟ ପ୍ରତି ଶିଶି ସାଲସା ଟ ୧୮

# ମୈତ୍ର ବଟିକା ।

ମ୍ୟାଲେରିୟା ଜ୍ୱରର ମହୌଷଧ ।

ପଲ୍ଲୀଗ୍ରାମ ସ୍ଥାନରେ ହୋଇଅଛି, ମ୍ୟାଲେରିୟା ଜନିତ ସର୍ବପ୍ରକାର ଜ୍ୱରରେ ଏହା ସ୍ୱଦେଶୀ ଡ଼ାକ୍ତରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ।

ଏହା ନିୟମିତରୂପେ ବ୍ୟବହାର କଲେ ଶରୀରସ୍ଥ ସୁସ୍ଥ ରହେ ଓ ଦୀର୍ଘସ୍ଥାୟୀ ଜ୍ୱରମାନଙ୍କ ରୋଗୀ ଶରୀରରେ ନିର୍ଦ୍ଦୋଷରୂପରେ ଅତ୍ୟନ୍ତ ଲାଭ କରିଅଛନ୍ତି।

ମ୍ୟାଲେରିୟା ପ୍ରପୀଡ଼ିତ ଦେଶ ପକ୍ଷରେ ଏହି ' ମୈତ୍ର ବଟିକା' ର ଅନୁରୂପ ଉତ୍କୃଷ୍ଟ ଔଷଧ ଅଦ୍ୟାପି ହୋଇ ନାହିଁ ଏବଂ ବ୍ୟବହାର କଲେ ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହେଉଅଛନ୍ତି।

ଏହାର ଗୋଟିଏ ମହତ୍ତ୍ୱଗୁଣ ଏହି ଯେ ଏହା ଶିଶୁଙ୍କ ଶରୀରରେ ମଧ୍ୟ ସେବନ କରାଯାଏ । ଏପରି କି ଜ୍ୱରର ଉପକ୍ରମ, ଗାତ୍ର ଓ ହସ୍ତ ପଦ ଜ୍ୱାଳା, ଶରୀର, ହସ୍ତ, ପଦ ଯନ୍ତ୍ରଣା ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଏହିପରି ଅବସ୍ଥାରେ ଏହା ପୂର୍ବରୁ ବ୍ୟବହାର କରିବାରୁ ଅନ୍ତତଃ କଲେ ମ୍ୟାଲେରିୟାରୁ ନିଷ୍କୃତି ଲାଭ ହୁଏ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୩ |
| ୧ „ ୫୦ „ | ଟ ୧୮ |

ଡାକଦ୍ୱାରା ପଠାଇଲେ ଟ ୦ ୵ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ କମିଶନ ଲାଗିବ।

N. N. Mitras Ringworm ointment.

ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟ ନାହିଁ। ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ।

ଯେ କୌଣସିପ୍ରକାର ଦୂଷିତ ଦାଦୁ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲେ ଆରୋଗ୍ୟ ହେବ। ଅନେକ ବ୍ୟକ୍ତି ମାନ° ବର୍ଷର ଦାଦୁରୋଗ ଥିଲା ମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକବାରକେ ଆରୋଗ୍ୟ ଲାଭ କରିଅଛନ୍ତି।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକଖର୍ଚ୍ଚ | ଟ ୦ ୵ |
| ଭି, ପି, | ଟ ୦ / |
| ଏକ ଡଜନକୁ | ଟ ୨୵ |

ଆବଶ୍ୟକୀୟ ସୂଚନା

Digitized by srujanika@gmail.com

Split by PDF Splitter



# N. N. Mitra's

ବାତ ରୋଗର ମହୌଷଧ
ମିଶ୍ର ବାତୁରୋଗର ମହୌଷଧ

ଏହା ବ୍ୟବହାର କରିବା ଠାରେ କେତେ ଦିନ ଏବଂ ଅଳ ଲଗାଇଲେ ଯନ୍ତ୍ରଣାରୁ ମୁକ୍ତ ହେଲେ । ମୂଲ୍ୟ ୧ ଟଙ୍କା ।

ଗ୍ରହଣୀ

ଜ୍ୱରରୋଗ ଔଷଧ ଏବଂ ଅନ୍ୟାନ୍ୟ ପେଟେଣ୍ଟ ଔଷଧ ଏବଂ ଡାକ୍ତର ଔଷଧ ଓ ଅନ୍ୟ ଅସ୍ମୋମାନେ ପାଇକାରୀ ଦରରେ ସରବରାହ କରୁଥାଉଁ ।

ଅସ୍ମୋମାନେ ଦେଶର ଇସରେପ ଓ ଅମେରିକାରୁ ସମସ୍ତ ପ୍ରକାର ଔଷଧ ଓ ଦ୍ରବ୍ୟାଦି ଉତ୍କୃଷ୍ଟ କରି ଆଣାଉଥାଉଁ ସେଥି ପାଇଁ ସବୁବେଳେ ଟଙ୍କା ଓ ସୁଲଭ ମୂଲ୍ୟରେ ମଫସଲର ଡାକ୍ତରମାନଙ୍କୁ ସରବରାହ କରୁଥାଉ ।

ଅସ୍ମୋମାନେ ଅର୍ଡର ପାଇଲା ମାତ୍ରେ ଔଷଧ ଭିପିରୁପେ ପଠାଇ ଦେଇ ସରବରାହ କରୁଥାଉଁ ।

ଏନ, ଏନ, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବଂ ରିଟେଲ ଡ୍ରଗିଷ୍ଟ
୨୨୩ ନମ୍ବର ବହୁବଜାର ଷ୍ଟ୍ରିଟ, କଲିକତା
କଟକର ଏଜେଣ୍ଟ
ବାବୁ କୁସୁମକୁମାର ସେନ ଓକିଲଙ୍କ ମୋହରିର
ବିଶ୍ୱନାଥ ଦାସ

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das. Mohorir
care of Kusum Kumar Sen Pleader
Cuttack.

# ବିନାମୂଲ୍ୟେ ବିତରିତ

ନିମ୍ନଲିଖିତ ନଅ ପ୍ରକାର ଔଷଧ ମଧ୍ୟରୁ ଯେ କୌଣସି ଏକ ପ୍ରକାରରୁ ଏକ ଡଜନ କ୍ରୟ କଲେ ବା ପ୍ରତ୍ୟେକରୁ ଏକ ଏକ ଶିଶି କ୍ରୟ କଲେ ଗ୍ରାହକମାନଙ୍କୁ ଏକାଥରେ ନେଲେ ଏକଟଙ୍କା ମୂଲ୍ୟର ସୁନ୍ଦର ଓ ନୂଆ ମୁଦ୍ରିତ ସଞ୍ଜୀବନଭଣ୍ଡାର ଏକ ଖଣ୍ଡ ବିନାମୂଲ୍ୟେ ଦିଆଯିବ ।

# ନବରତ୍ନ ।

ଏହି କବିରାଜୀ ଓ ଡାକ୍ତରୀ ପରୀକ୍ଷିତ, ସ୍ୱତନ୍ତ୍ର ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅନାବଶ୍ୟକ ।

୧ । ଜ୍ୱରକୁଲ୍ୟ ବଟିକା—ସମ୍ପ୍ରତିରେ ଜ୍ୱରକୁଲ୍ୟ । ଏହା ଦ୍ୱାରା ପାଳି, ଏକଜ୍ୱର, କମ୍ପ, ପେଟ ଓ ଶୀର୍ଣ୍ଣଜ୍ୱର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ନୂତନ ଓ ପୁରାତନ, ବିଷମଜ୍ୱରରେ ଓ ଅନ୍ୟାନ୍ୟ ସବୁପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—୧ ଛୋଟ ଡବା (୧୬ ବଟିକା) ୦୬୷ ୧ ବଡ ଡବା (୩୦ ବଟିକା) ୧୷ ୧ ନମ୍ବର ଡବା (୫୦ ବଟିକା) ୧୷୷ ।

୨ । ଦନ୍ତ୍ରୁ ଦାଢକେଲୁ—ଏହା ଦ୍ୱାରା ଦାନ୍ତ, ଦାନ୍ତ ପୋକ ବା ଉପରାନ୍ତ ଓ ଅଗାରାନ୍ତ ପ୍ରଭୃତି ସର୍ବପ୍ରକାର ଆରୁର ପରୀକ୍ଷିତ ଓ ଅମୋଘ, ତାହା ଯନ୍ତ୍ରଣା ଶୂନ୍ୟ, ଅଶ୍ୱଗନ୍ଧ ମୁଚ ଓ ସୁଲଭ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରାଇ ହୁଏ ନାହିଁ । ମୂଲ୍ୟ ୧ ଡବା ୦ । ଡାକଖର୍ଚ୍ଚ ୦୵ ।

୩ । କୃଷ୍ଣଭାଲାଦଲ—ଏଥିରେ କାନ୍ଦୁ, କୁଣ୍ଡିଆ ପ୍ରଭୃତି ନାନା ପ୍ରକାର ଚର୍ମରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଦାନ୍ଦରେ ଏହା ବୀଶଣଗଣ ଅବଲମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଡବା ୦୵୦ ।, ଡାକ ଖର୍ଚ୍ଚ ୦୵ ।

୪ । ଷଡବିନ୍ଦୁକାନ୍ତ—ଏଥିରେ ସର୍ବପ୍ରକାର ଶିର ପୀଡା ଗର୍ମି, ସିଙ୍ଗାସନ ବା ପ୍ରଭୃତି ଦୃଷ୍ଟ ଅତି ସହଜରେ ଓ ବିନା ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ଶିଶୁମାନଙ୍କର ଖ୍ରିଟ୍ଟକା-ଘାଆ ବା ବଡ଼ ବା କଣ୍ଠ ବା ଓ ରଙ୍ଗ ବା ଉପରେ ମନ୍ତ୍ରବତ ଦର୍ଶ କରେ । ମୂଲ୍ୟ—ପ୍ରତି ଡବା ୦ । ଓ ଡାକ ୦୵

୫ । ଶୂଳଚକ୍ରାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଡବା ୦୵; ଡାକ ଖର୍ଚ୍ଚ ୦୵ ଆ ।

୬ । ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେହରୋଗ ଶରୀରର ପତନକାରୀ । ଏହା ଶରୀରକୁ ଆକ୍ରମଣ କଲେ ବୀର୍ଯ୍ୟର ସ୍ୱାସ୍ଥ୍ୟ ଆଶାକୁ ପଣ୍ଡ ନଷ୍ଟ କରେ ଏପରି ଭୀଷଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା । ଏଥିରେ ରୋଗର ବିଷ ସମ୍ପୂର୍ଣ୍ଣରୂପେ ରୋଗକୁ ନଷ୍ଟ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରୋଗ ଧାତୁଗତ ଓ ଦନ୍ତ୍ରଣ ଆଦି ଦୌର୍ବଲ୍ୟାଦି ଏବଂ ଅଶ୍ୱଗନ୍ଧ ଓ ଅନ୍ୟ କାହାରି ଦ୍ୱାରା ଅତ୍ୟାବଶ୍ୟ ଅଭାବ ନାହିଁ; ଅସ୍ୱାସ ରୋଗର ଅମୋଘ ଔଷଧ । ମୂଲ୍ୟ—ପ୍ରତିଡବା ୦୵; ଡାକଖର୍ଚ୍ଚ ୦୵(ଆ

୭ । ବର୍ଣ୍ଣାମୃତତୈଳ—ଏହାଙ୍କ ନୂତନ ଓ ପୁରାତନ ସର୍ବପ୍ରକାର କାନପଚା ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—୦୷; ଡାକଖର୍ଚ୍ଚ ୦୵( ଆ

୮ । ଅମୃତରସ—ଯେପରି ନାମ ସେପରି ଗୁଣ ଦରକା ଓ ଦୁର୍ବଳତା ରୋଗର ଅବ୍ୟର୍ଥ ଅଶ୍ୱଗନ୍ଧ ଔଷଧ । ଅଳ୍ପଦିନ ମଧ୍ୟ ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣଜ୍ୱର ପ୍ରଭୃତି ପୀଡା, ଅଜୀର୍ଣ୍ଣ, ଅତିସାର, କାଶ, ସର୍ଦି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ୦୵ ଓ ଡାକ ୦୵ ଆ

୯ । ଭାସ୍କରତୈଳ—ଏହା ଅର୍ଶବ୍ରଣ, ଅର୍ଶବଳି ଅମ୍ଳବାତ ଓ ଅସାଡ ଲକ୍ଷଣ ବେଦନା ଓ ଅନ୍ୟ ସର୍ବପ୍ରକାର ନିଉଜ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ୦୷, ଡାକ ଶିଶି ୦୵( ଆ

* କବିରାଜ ଶାସ୍ତ୍ରୋକ୍ତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପିପଳି ଓ ଅର୍କ ପ୍ରତି | ଶିଶି | ୦୵ | ଡାକଖର୍ଚ୍ଚ | ୦୵( |
| ପାଳନକରୁ ଅର୍କ | " | ୦୵ | " | ୦୵( |
| ଅମୃତାଦି ଖାଲସା | " | ୦୵ | " | ୦୵( |
| ମାଳାଗନ୍ଧ ତୈଳ | " | ୦୷ | " | ୦୵( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।
ଡାକ୍ତର ଶ୍ରୀ ଉଷାଚରଣ ଦାସ ବାଲେଶ୍ୱର

# ଯାଦର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଯାଦୁରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି ସେଉଁମାନେ ଅନେକ ପ୍ରକାର ଉପାୟ କରି ମଧ୍ୟ ନିରାଶ ବା ଭଗ୍ନମନୋରଥ ହୋଇଅଛନ୍ତି, ଏଣୁ ନାନା ଯନ୍ତ୍ରଣାରେ ଜର୍ଜରିତରୂପେ, ଆର୍ଯ୍ୟରୂପେ ଏ ରୋଗ ଦାଉନ୍ତୁ କାନ୍ଦୁ ବା ଦାଉ ଦେହର ଦାଉ କରନ୍ତି ସେମାନେ ଏହି ଯଦଶ୍ୟକାଳର ସୁଯୋଗରେ ସତ୍ ୨ ଦେବାର ପ୍ରଶଂସିତ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ଉକ୍ତ ରୋଗର ଯାଦୁ ବିଷୟ ପଣ୍ଡ ହେବାରେ ମାତ୍ର ଆଉ ପର୍ଯ୍ୟନ୍ତ ଭଲ ହୋଇ ଯାଉଅଛି । ଏହାର ଏପରି ଗୁଣ ବେଶି ପ୍ରକୃତରେ ବହୁଲୋକ ଅତ୍ୟର୍ଥ୍ୟାନ୍ତ । ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ୦୷, ୩ ଟି ୧, ୬ ଟି ୧୷, ୧୨ ଟି ୩

# କାଛୁର ମହୌଷଧ ।

ସର୍ବପ୍ରକାର କାଛୁ ବା ଖାଉଜ, ବ୍ରଣ, ନାନାପ୍ରକାର ଚର୍ମରୋଗ ରୋଗ, ଘା ଉପରେ, ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅଳ୍ପକାଳ ମଧ୍ୟରେ ରୋଗ ନଷ୍ଟପ୍ରାୟ ହୋଇ ଯାଇଥାଏ । ଅନେକେ ଏହାର ଏପରି ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସାମାନ୍ୟ ପର୍ଣ୍ଣକୁଟୀରବାସୀଠାରୁ ରାଜାଧିରାଜଙ୍କଠାରେ ସମାନ ଆଦର ପାଉଅଛି ପରୀକ୍ଷା ଏହାକୁ ବାଞ୍ଛନୀୟ ବୋଲି ଜାଣନ୍ତୁ ।

ମୂଲ୍ୟ ୧ ଡବା ୦୵, ୩ ଟି ୦୷, ୬ ଟି ୧, ୧୨ ଟି ୨୷

ପ୍ରାର୍ଥୀମାନେ ଉଭୟଙ୍କର ନାମ, ଗ୍ରାମ, ଡାକଘର, ଜିଲା ଏବଂ କାହାର କେଉଁ ଔଷଧକୁ ଦରକାର ଅଛି ଜଣାଇ ସ୍ପଷ୍ଟରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ରାମନାରାୟଣ ସେନ
ନେଷ୍ଟ ଉତ୍କଳପ୍ରେସ, ବାଲିଶାହି ରୋଡ଼, ବାଲେଶ୍ୱର

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମୂଲ୍ୟ ୦୷

ଜ୍ୱରନାଶକ ମହୌଷଧ ସେବନରେ ପେଟକାମୁଡ଼ା ପେଟ ଫମ୍ପା, ବାନ୍ତି ଓ ଶୂଳ ପ୍ରଭୃତି ପୀଡା ତାତ୍କାଳିକ ଶୀଘ୍ର ଆରୋଗ୍ୟ ହୁଏ ।

ଅଜୀର୍ଣ୍ଣତା ବା ସ୍ୱପ୍ନ ମେହ । ସୁଧାନିଧି ଅମୋଘ ଔଷଧ

ସେବନରେ ସ୍ୱପ୍ନ ଦୋଷ ପ୍ରଭାବରେ ଜ୍ୱାଳା ଯନ୍ତ୍ରଣା ଅତି ଶୀଘ୍ର ଶାନ୍ତି ହୁଏ, ସ୍ତ୍ରୀ ସମ୍ଭୋଗ ଅଜୀର୍ଣ୍ଣତା ସ୍ୱପ୍ନ ମେହ ସର୍ବାବସ୍ଥାରେ ଆରୋଗ୍ୟଲାଭ ହୁଏ, ୭ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାକେଟକୁ ୧୷ ଡା, ମା, ୦୷ ।

# ସର୍ବଜ୍ୱରାନ୍ତକମାଳମ

(ପାରଦାଦି ଦୂଷିତଦ୍ରବ୍ୟ ଶୂନ୍ୟ)

ମୂଲ୍ୟ ଏକ ବୋତଲ ୧୷ ଡା, ମା, ୦୷ ।
ବଡ ଜ୍ୱର ଲକ୍ଷଣ ଓ ପ୍ଳୀହା ଯକୃତ ଓ ସର୍ବବିଧ ଜ୍ୱରସାଧ୍ୟ ବା ଶୀଘ୍ର ଆରୋଗ୍ୟ ହୁଏ ।

# କାମକଲ୍ପତରୁ ରସାୟନ ।

ଏହା ସେବନରେ ଧାତୁ ଦୌର୍ବଲ୍ୟ ଦୂର ହୁଏ, ସ୍ୱପ୍ନ ମେହ ଯାଏ, ଶୁକ୍ର ଗାଢ଼ ହୋଇ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଶରୀର ବଳିଷ୍ଠ ହୁଏ ( ମୋଟା ) ଓ ଦେହ ହୃଷ୍ଟପୁଷ୍ଟ ହୁଏ ସ୍ୱାସ୍ଥ୍ୟ ଲାଭରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ବଳବୀର୍ଯ୍ୟ ଲାଭ ବୁଢାକୁ ଯୁବ ଅନୁଭବ ହୁଏ ଦିବ୍ୟ ଔଷଧର୍ଣ୍ଣ ଏକ ବଟିକାର ମୂଲ୍ୟ ୨ ଟଙ୍କା ମାସିକ ସେବନ ୦୷ ଏଥିରେ ଲାଭ ଅଧିକ ଅଧିକ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଉପାଧ୍ୟାୟ
ଦିଗମ୍ବର, କେବଟା ୮ କାଶୀଧାମ

ଏହି ଉତ୍କଳଦୀପିକା ସମ୍ବାଦ କଟକ ଚଉଧୁରୀବଜାର ପ୍ରିଣ୍ଟିଙ୍ଗ କମ୍ପାନୀ ଲିମିଟେଡ୍ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. C 81

# ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.


୪୦ ଭାଗ | CUTTACK.SATURDAY THE 28th October 1905. | ଅଗ୍ରିମ ୪ ୩॥
୪୧ ସଂଖ୍ୟା | ତା ୧୩ ର କାର୍ତ୍ତିକ ସନ ୧୩୧୩ ସାଲ ଶନିବାର | ପଶ୍ଚାଦ୍ଦେୟ ୪ ୬॥


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,— ପ୍ରଥମଥର ପ୍ରକାଶେ ଧାଡ଼ିପ୍ରତି ୫୦/ ଓ ଅର୍ଦ୍ଧସ୍ତମ୍ଭକୁ ୪ ୬॥ ପୂର୍ଣ୍ଣ ଏକ ସ୍ତମ୍ଭ ୪୩॥ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଖର୍ଚ୍ଚ ଶତା ୫୦ ଠାରୁ ଊଣା ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଅର୍ଦ୍ଧଗୁଣ ଯଥାକ୍ରମେ ହେବ। ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ।

## NOTICE.

Wanted a Peshkar for the Baramba Manager's office on a salary of Rs. 20 (Twenty only) per mensem. None need apply who has not passed the Entrance Examination of the Calcutta University and has no experience in Pesh work. Applications with copies of testimonials and certificate of good conduct will be received by the undersigned up to the 7th proximo.

Baramba Manager's office, 16-10-1905. | Bhagawan Mohapatra, *Manager*

Wanted a graduate strong in English and mathematics for the post of Head Master of the Khurda H. E. School on a salary of Rs. 60 per mensem with prospect of increment and with free quarters. Preference will be given to one who has experience in class teaching and school work. None need apply who will not stick to the post for at least 2 years. Applications with copies of testimonials will be received by the undersigned up to the 10th November 1905. Applicants should state their age in their applications.

Khurda 25-10-05 | A. W. STARK, *Secretary.*

## IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious intermittent, and Bilious Fevers, and mild form of Plague, Surgeon, Major Jaykar says:—That it is a safe and reliable remedy.

Batliwalla & Co's Cholera, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S. Worli—Dadar Bombay and everywhere.

At Re. 1 per bottle Discount to the Trade.

## ବିଜ୍ଞାପନ।

କଟକ ଜିଲ୍ଲା ଅନ୍ତର୍ଗତ ଖଣ୍ଡା ମହଲ୍‌ରେ ମିଡ଼୍‌ଲ୍ ଇଂରାଜୀ ସ୍କୁଲ ମାସିକ ୧୫ ଟଙ୍କା ବେତନରେ ଏକଜଣ୍ ହେଡ଼ ପଣ୍ଡିତ ଏକବର୍ଷ ନିମନ୍ତେ ଆବଶ୍ୟକ। ଯେଉଁମାନେ କଟକ ଟ୍ରେନିଂ ସ୍କୁଲରୁ ପାସ ହୋଇଅଛନ୍ତି ଓ ଗବର୍ଣ୍ଣମେଣ୍ଟର ନିୟମାନୁସାରେ ଶିକ୍ଷା ଦେବାକୁ ଉପଯୁକ୍ତ ଅଟନ୍ତି କେବଳ ସେହିମାନେ ଆବେଦନ କରିପାରିବେ। ପ୍ରାର୍ଥୀମାନେ ଚଳିତ ଅକ୍ଟୋବରମାସ ତା ୩୧ ରିଖ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଆବେଦନପତ୍ର ପଠାଇବେ। ଇତି।

ପୋଃ ଅଃ ଖଣ୍ଡା, ।୦। ଟଙ୍କା, ତା ୨୧।୧୦।୦୫ମସିହା | K. C. Sarkar, ମେନେଜର, ।୦। ଟଙ୍କା

## ବିଜ୍ଞାପନ।

।୦। ଟଙ୍କା ଜମାର ବନ୍ଦୋବସ୍ତ କାର୍ଯ୍ୟ ପାଇଁ ପୋଷ୍ଟଅଫିସରେ ମାସିକ ୮୫ ଟଙ୍କା ଠାରୁ ୨୫ ଟଙ୍କା ବେତନରେ ସାତ ଜଣଙ୍କ ନିମନ୍ତେ ୫୦ ଶ ଆମିନ ଆବଶ୍ୟକ। ଯେଉଁମାନେ ଗତ ଓଡ଼ିଶା ସର୍ଭେ ସେଟଲମେଣ୍ଟ ସହିତ କାର୍ଯ୍ୟ କରିଥିଲେ ସେମାନେ ନିଜର ପ୍ରଶଂସାପତ୍ର ସହିତ ନଭେମ୍ବର ମାସ ତାରିଖ ମଧ୍ୟରେ ଆପଣା ଆପଣା ଆବେଦନପତ୍ର ପଠାଇବେ। ଇତି।

ପୋଃ ଅଃ ଖଣ୍ଡା, ତା ୨୦।୧୦।୦୫ ମସିହା | K. C. Sarkar, ମେନେଜର, ।୦। ଟଙ୍କା

ଅନୁଗୁଳ ଜିଲ୍ଲାର ବନ୍ଦୋବସ୍ତ କାର୍ଯ୍ୟ ଉପଲକ୍ଷେ ଆସନ୍ତା ନଭେମ୍ବର ମାସ ତା ୧୫ ରିଖ ଠାରୁ ନିମ୍ନଲିଖିତମତେ ଆମିନ, ହେଡ଼ଆମିନ ମୁନ୍ସରିଙ୍କ ଦରକାର, ପ୍ରାର୍ଥୀମାନେ ସେମାନଙ୍କର ପ୍ରଶଂସାପତ୍ର ସହିତ ଆସନ୍ତା ଅକ୍ଟୋବର ମାସ ତା ୨୫ ରିଖ ପର୍ଯ୍ୟନ୍ତ ଅମ୍ଭ ନିକଟକୁ ଆବେଦନପତ୍ର ପଠାଇବେ, ଯେଉଁମାନେ ଓଡ଼ିଶା ସେଟଲମେଣ୍ଟ ଅଫିସରେ କାର୍ଯ୍ୟ କରିଥିବେ ଓ ଡିଷ୍ଟ୍ରିକ୍ଟ ଭଲ ଲେଖିଥିବେ ସେମାନଙ୍କୁ ମନୋନୀତ କରାଯିବ।

ଆମିନ ୫ ୫୦ ଜଣ ହେଡ଼ ଆମିନ ୫ ୨ ଜଣ

ଅନୁଗୁଳ, ୨୨।୧୦।୦୫ | NARAYAN CHANDRA NAYAK, ସେଟଲମେଣ୍ଟ ଅଫିସର୍, ଅନୁଗୁଳ

Digitized by srujanika@gmail.com

ଏତଦ୍ଦ୍ୱାରା ଅମୂର ହକାସ୍ଥିତ ଯାଜପୁର ଓ ଖାମନଗର ଥାନା ଇଲାକାର ତହଶିଲଦାର ମାଲଗୁଜାରିଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ବନମାଳୀ ପଣ୍ଡାର । ସା । ଅକଳପଡ଼ା । ପ୍ର । ଯାଜପୁର ଅମୂର ଅମକ୍ଷେମତାପ୍ରାପ୍ତ ଜାରପର ଦାଜ ହେଲେ ଉକ୍ତ ଅମ୍ଭେ ସନ ୧୩୧୨ ସାଲ ଆରମ୍ଭରୁ ବଳଶାସ୍ତ୍ର କରଅଛୁଁ ଅମୂର ପ୍ରାପ୍ୟ ଖଜଣା ଓ ସରକାରୀ ଧାନ ପ୍ରଭୃତି ଉକ୍ତ ବନମାଳୀ ପଣ୍ଡାର ବା ତାହାର ପିତା ଦଣ୍ଡପଣ୍ଡାର ଓ ବଇଶାସ୍ତି ଯେଥିଦା ଅମିଙ୍କ ଓ ଅମୂର ଷଣ୍ଡି, ଏକ୍ସଗମନ୍ତ୍ରିମାନଙ୍କୁ ଦେବ ନାହିଁ, ଦେଲେ ଆଉ ଅନ୍ୟାୟ ମଞ୍ଜୁର ପାଇଯାରବ ନାହିଁ । ଅମୂର ପ୍ରାପ୍ୟ ଖଜଣା ଓ ଗେର ଅମ୍ଭ ବଡେଗଣେର ଅମ୍ଭଙ୍କୁ ଅଥବା ଅମୂର କ୍ଷେମତାପ୍ରାପ୍ତ କର୍ମଚାରୀଙ୍କ ଷ୍ଟେନ ସ୍ଥାନମତ ଦେବଯାଉଗା ଯେବ ଉକ୍ତ ବନମାଳୀ ପଣ୍ଡାରକୁ ସନ ୧୯୦୪ ମସୀହା ମଇ ମାସ ତା ୨୪ ରଣ ଲିଖିତ ରେଜେଷ୍ଟ୍ରୀ ସଂଯୁକ୍ତ କ୍ଷେମତାପତ୍ରରେ ଯେ ସମସ୍ତ କ୍ଷେମତା ଦିଆଯାଇଥିଲା ତାହା ସମସ୍ତ ରହିତ କରାଯାଇଅଛି ଜାଣିବ । ତା । ୧୯।୧୦।୧୯୦୫ ମସୀହା ।

ଜମିଦାର

ଶ୍ରୀ ବଳଭଦ୍ର ଜେଶାବନ୍ତ

। ସା । ଅକଳପଡ଼ା । ପ୍ର । ଯାଜପୁର

ଗବର୍ଣ୍ଣମେଣ୍ଟ ମେଡିକଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ଡାକ୍ତର ନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କୋଷ୍ଠଶୁଦ୍ଧ ଓ ଶାରୀରିକ ଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସୁକୋମଳ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ଝଡ଼ିବା ବନ୍ଦ ହୁଏ, ମସ୍ତକର ରୁଷ୍ଣ ନାଶ ହୁଏ, ଓ କେଶ, ପାକିବା ନିବାରଣ ହୁଏ । ଏହା, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବିକ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଚକ୍ଷୁଦାହ, ବୁଦ୍ଧି ଦୌର୍ବଲ୍ୟ ଏ ସାଭର ବେଦନା ଅପସାରିତ ହୁଏ

ଏକ ଶିଶିର ମୂଲ୍ୟ ୧ ଟଙ୍କା ଓ ଡାକମାସୁଲ ୫ ୦।୮

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ଜନନେନ୍ଦ୍ରିୟ, ନଷ୍ଟ ଶକ୍ତି ସ୍ୱପ୍ନଦୋଷ ଶୁକ୍ର ମେହ ମେହ, ପୁରାତନ ମେହ, ଉପଦଂଶ ପୂଜ ଏବଂ କ୍ଷତ ନୂତନ ପ୍ରଧାନ ଔଷଧ । ରୋଗୀ ସ୍ୱୟଂ ହି ଚିକିତ୍ସା କରି ଅରୋଗ୍ୟ ଲାଭ କରନ୍ତି । ରୋଗର ସବିଶେଷ ବିବରଣ ଜଣାଇଲେ ପଥ୍ୟ ସହିତ ଉପଯୁକ୍ତ ଔଷଧ ପଠାଯାଏ ।

ଦୁଇ ଶିଶି ଓ ଏକ ଡିବା ବଟିକାର ମୂଲ୍ୟ ୫ ୧୧

ଡାକମାସୁଲ ୫ ୦।୫

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ,ଅନିୟମ ପେଟରେ ବେଦନା, ଶ୍ୱେତପ୍ରଦର ଅନିୟମ, ଦୁର୍ବଳତାରେ ୧, ରକ୍ତ ଦୋଷର ଅଶ୍ଚର୍ଯ୍ୟ ଉପକାର କରେ ।

ତୁ,ନ ଶିଶି ଓ ୧୬ ଦୋଜ ଖାଇବାର ମୂଲ୍ୟ ୫ ୧॥

ଡାକ ମାସୁଲ ୫ ୦।୮

ଅମୃତ ବଲ୍ଲୀ କଷାୟ ।

ପାରଦଜାତ ନାନାପ୍ରକାର ଉପଦଂଶର ଫଳରେ ମହୌଷଧ

ଦେଡ ସେରର ମୂଲ୍ୟ ୫ ୧॥ ଡାକମାସୁଲ ୫ ୦।୮

ଶୋଣିତ ଶୋଧକ ।

ଚାର ଭକ୍ଷ୍ଣ ଓ ଶୁଷ୍କ ରୋଗର ଏବଂ ଦୂଷିତ ରକ୍ତର ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ୫ ୪ ଡାକମାସୁଲ ୫ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅତ୍ୟଧିକ ଉପଦ୍ରବରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଶ୍ରୀ ଲାବଣ୍ୟ ନଷ୍ଟ ହୋଇଥିଲେ ଅପଗଣିତ ଶରୀରରେ ତେଜ ବୃଦ୍ଧି କରାଇ ପୂର୍ବସ୍ଥିତି ପ୍ରତ୍ୟର୍ପଣ କରେ ଏହା, ଶୋଣିତ ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରୂତ କରେ ।

ଏକ କୋଟାର ତୈଳ ଓ ଦୁଇ କୌଟା ବଟିକା ୫ ୪

ଡାକମାସୁଲ ପ୍ରଭୃତି ୫ ୦।୫

# ଚ୍ୟବନପ୍ରାଶ ।

ଶୋଥ ଓ ଯକୃତର ମହୌଷଧ ଏକ କୋଟା ମୂଲ୍ୟ ୫ ୧ ଡାକମାସୁଲ ୫ ୦।୪

ପ୍ରାପ୍ତି ସ୍ଥାନ

କଲିକତା ୧୩ ବିଡନ ଷ୍ଟ୍ରିଟ ଗ୍ରାଣ୍ଡ ଷ୍ଟୋର୍ସ ଏବଂ ୧୯ ଯୁଗଳକିଶୋର ଦାସ ଲେନ

ବାଲୁବଜାର, ଭାଗବତଗୀତ, କଟକ

ଅଥବା ନ୍ଂ ୨୧ ଚୈତନ ଲେନ କଲିକତା

୧୮।୧ ଓ ୧୯ ଲୋୟରଚିତପୁର ରୋଡ କଲିକତା

# ବିପଦବନ୍ଧୁ ଔଷଧାଳୟ ।

କଟକ ରାଉତ୍‌ଦୂର ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବାର୍ଥ ଓ ଯେସନ୍ଦେଖ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅତ୍ୟୁତ୍କୃଷ୍ଟ ଔଷଧମାନ ଉଚିତ ମୂଲ୍ୟରେ ମିଳେ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସଦାନୁଭୂତ ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ମଫସଲର ରୋଗୀ ରୋଗର ଅବସ୍ଥା ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ ପଥ୍ୟର ସୂଚୀ ଭିନ୍ନ କେବଳ ପାର୍ଶ୍ୱ ଲରେ ତାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । କେଉଁଠା ବା କମିଶନ୍ ଦିଆ ହୋଇଥିବା ପତ୍ର ସ୍ୱୀକୃତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ଇତ୍ୟାଦି ମ୍ୟାନେଜରଙ୍କ ନାମରେ ପଠାଇବେ ।

| | |
|---|---|
| ବିପଦବନ୍ଧୁ ଔଷଧାଳୟ ରାଉତ୍‌ଦୂର ବଜାର, କଟକ ୩୦।୯।୧୯୦୪ | ଶ୍ରୀ ବାଳକୃଷ୍ଣ ଦାସ କବିରାଜ ଶ୍ରୀ ଏ ଏ ବୃନ୍ଦ ସେଠ ମ୍ୟାନେଜର |

# NERVE-VIGOR

## ସ୍ନାୟୁଶକ୍ତି ବର୍ଦ୍ଧନ




ଡାକ୍ତର ହାଉଞ୍ଜେନ ସାହେବଙ୍କର ଆବିଷ୍କୃତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ଶତ ଶତ ବ୍ୟକ୍ତି ସେବନ କରି ଆଶ୍ଚର୍ଯ୍ୟ ଫଳ ପାଇଅଛନ୍ତି ଏହା ନିମ୍ନଲିଖିତ ରୋଗର ମହୌଷଧ—

ସ୍ୱପ୍ନଦୋଷ ପ୍ରମେହାଦିଜନିତ ରୋଗ ଯଥା,—

୧ ଅଲ୍ପବୟସ ଅସଂଯମଜନିତ ଶାରୀରିକ ଦୁର୍ବଳତା, ଅତ୍ୟଧିକ ଶୁକ୍ରକ୍ଷୟ, ଇନ୍ଦ୍ରିୟ ଦୌର୍ବଲ୍ୟ, ଅଜୀର୍ଣ୍ଣ ଦୌର୍ବଲ୍ୟ ଦୋଷ ହେତୁ ସ୍ୱପ୍ନଦୋଷ, ଦୁର୍ବଳତା, ଶୁକ୍ର ତରଳ, ମାନସିକ ବା ଶାରୀରିକ ଦୌର୍ବଲ୍ୟ, ସ୍ମରଣଶକ୍ତି ହ୍ରାସ, ଶରୀର ପଡ଼ିବା, ମାଥା ଘୂରିବା ଇତ୍ୟାଦି ଦୂର ହୁଏ, କୌଣସି କାର୍ଯ୍ୟ କରିବାରେ ଅସମର୍ଥ, ମାଂସପେଶୀ ଏବଂ ଅସ୍ଥି ଦୁର୍ବଳତା, ହସ୍ତପଦର ଥରିବା— ସ୍ୱପ୍ନଦୋଷ ରୋଗରେ ସଦ୍ୟ ଫଳପ୍ରଦ ଔଷଧ ଏବଂ ଉପକାରୀ ଫଳପ୍ରଦ;

ସେବନ ଦିନରୁ ଉପକାର ହୁଏ ଏବଂ କାମଶକ୍ତି ବୃଦ୍ଧି ହୁଏ, ଏହା ବ୍ୟବହାରରେ ସ୍ତ୍ରୀ ସଙ୍ଗରେ ନୂତନ ଶକ୍ତି ପ୍ରଦାନ କରେ । ଏପରି ଅନେକ ସ୍ୱାସ୍ଥ୍ୟ ହାନିରେ ସମ୍ପୂର୍ଣ୍ଣ ଉପକାର ଏବଂ ଶକ୍ତି ଶରୀରରେ ଆସେ ରୋଗୀ ଅଳ୍ପ ସମୟ ମଧ୍ୟରେ ଅନୁଭବ କରେ ।

ମୂଲ୍ୟ ୧ ଶିଶି ୨ ଟଙ୍କା । ଡାକମାସୁଲ ଅଲଗା । ଜିଲ୍ଲା ଏଜେଣ୍ଟ ଆବଶ୍ୟକ । ମାଲ ଏବଂ ଟଙ୍କା ଦେବା ଦ୍ୱାରା ବିଶେଷ ଉପକାର ଅନେକ ଦେଖାଯାଇଅଛି । ଔଷଧ ମିଳିବା ସର୍ବତ୍ର ।

ଠିକଣା—ଡାଃ ପି, ଏଣ୍ଡ ସି, ଇନଟାଲି, କଲିକତା,

The E. P. & C. Works,
Intally CALCUTTA.

Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।

ସ୍ୱଦେଶୀୟବସ୍ତ୍ର !  ସ୍ୱଦେଶୀୟବସ୍ତ୍ର !!

ସ୍ୱଦେଶୀୟ ବସ୍ତ୍ର !!!

ବୋମ୍ବେଇ ଓ ଅହମ୍ମଦାବାଦ ମିଲର ଧୋତି, ଚଦର, ଶାଢ଼ୀ, ବଛଣାଚଦର, ଗେଞ୍ଜି ଓ ମୋଜା ପ୍ରଭୃତି, ସମସ୍ତ ବ୍ୟକ୍ତିଙ୍କର ବ୍ୟବହାରୀୟ ବସ୍ତ୍ରମାନ ଅମ୍ଭେ ଆଣାଇଅଛୁଁ । ବିଲାତି ଅପେକ୍ଷା ଏହାର ମୂଲ୍ୟ ଅଧିକ ନୁହେ । ସାଧାରଣଙ୍କୁ ଅନୁରୋଧ, ଥରେ ଅମ୍ଭ ଦୋକାନକୁ ଆସି ନିଜ ନିଜର ଆବଶ୍ୟକୀୟ ବସ୍ତ୍ର କ୍ରୟ କରିବାଦ୍ୱାରା ଅମ୍ଭଙ୍କୁ ଉତ୍ସାହିତ କରିବେ । ମୋଫସଲକୁ ଭି, ପି, ଦ୍ୱାରା ପଠାଇବାପାଇଁ ପ୍ରସ୍ତୁତ ଅଛୁଁ । ଇତି

୨୭ । ୧୦ । ୦୫ } ଶ୍ରୀ ଶୁକଦେବ ରାମ
କୂଅସଡ଼କ କଟକ

## ଉତ୍କଳଦୀପିକା

ଗତ ତା ୧୪ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗ ଦ୍ୱାରା ୩,୩୧୬ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୩,୭୬୪ ତୁଳନାରେ କମ୍ତି ଜଣା ଅଟେ । କେବଳ ମଧ୍ୟପ୍ରଦେଶ ଓ ମଧ୍ୟ ଭାରତ ଛଡ଼ା ଆଉ ସମସ୍ତ ପ୍ରଦେଶରେ କମ୍ତି ଜଣା ପଡ଼ୁଅଛି ।

---

୧୯୦୫ ସାଲର ଅଗଷ୍ଟ ମାସର ରେଭେନ୍ୟୁ ଏକ୍ଜେମ୍ ପରୀକ୍ଷାରେ ଓଡ଼ିଶାରୁ ନିମ୍ନଲିଖିତ ପ୍ରାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାବୁ ମୋହିନୀମୋହନ ଦାସ୍‌ଙ୍କ  କଟକଜିଲ୍ଲା
„ ସୁଧାମୋହନ ଦାସ  „
„ ବନମାଳୀ ତ୍ରିପାଠୀ  ପୁରୀଜିଲ୍ଲା
„ ବିନୋଦବିହାରୀ ଦାସ  „

---

ଦାର୍ଜିଲିଂରେ ବଙ୍ଗୀୟ କମିଶନରମାନଙ୍କ ବୈଠକ ଛଅସପ୍ତାହ କାଳ ପର୍ଯ୍ୟନ୍ତ ଲାଗିଥିଲା । ପୂଜା ମଧ୍ୟରେ କାର୍ଯ୍ୟ ସମାପ୍ତି ହେଲା । ଏହି ସମୟ ମଧ୍ୟରେ ମୋ ୧୪ ଟି ବୈଠକ ହୋଇଥିଲା ଓ ପ୍ରତି ବୈଠକରେ କାର୍ଯ୍ୟ ପ୍ରତିଥର ହାରାହାରି ଚାରିଘଣ୍ଟା ପର୍ଯ୍ୟନ୍ତ ହେଉଥିଲା । ବଙ୍ଗପ୍ରଦେଶର ଶାସନ ସମ୍ବନ୍ଧରେ ଅନେକଗୁଡ଼ିଏ ପ୍ରଶ୍ନ ଉତ୍ଥିତ ହୋଇଥିଲା ମାତ୍ର ସେସବୁର ଫଳାଫଳ ବାହାର ନାହିଁ ।

---

ଗତ ତା ୧୪ ରିଖରେ ଶେଷ ହେବା ବୃଷ୍ଟି ଓ ଫସଲର ସାପ୍ତାହିକ ବର୍ଣ୍ଣନାରୁ ଜଣାଯାଏ ଯେ ଅନେକ ସ୍ଥାନରେ ବୃଷ୍ଟି ହେବାରୁ ଜଳର ଅଭାବ କେତେ ଦୂରୀଭୂତ ହୋଇଥିଲା । ମାତ୍ର ପୂର୍ବରୁ ଫସଲ ଶୁଖିଲାଇଥିବାରୁ ତଦ୍ୱାରା ବିଶେଷ ଉପକାର ହୋଇ ନ ଥିଲା । ଅନ୍ନକଷ୍ଟ ହେତୁ ମାନ୍ଦ୍ରାଜରେ ୬୪୦ ବମ୍ବେଇରେ ୨,୯୬୫ ରାଜପୁତାନାରେ ୧୪,୨୯୩, ମେଉବାରରେ ୧୪,୪୮୪ ଏବଂ ବରୋଦାରେ ୩,୪୨୨ ଜଣ ସାହାଯ୍ୟ ପାଇଥିଲେ ।

---

ଗଡ଼ଜାତର ଅଶିଷ୍ଟାଣ୍ଟ ସୁପ୍ରିଣ୍ଟ ବାବୁ ସୁଧାମଚନ୍ଦ୍ରନାୟକ ଗତ ସୋମବାର ନୀଳଗିରି ରାଜାଙ୍କ ସହିତରେ କଟକରେ ପହଞ୍ଚି ଅଛନ୍ତି । ନୀଳଗିରି ରାଜା ୧୮ ମାସ କାଳ ଏହି ନଗରରେ ବାସ କରିବେ । ଯଦ୍ୟପି ଏହି ସମୟ ମଧ୍ୟରେ ସେ ତାଙ୍କର ଉନ୍ନତି ଦେଖାଇ ପାରିବେ ତେବେ ନିର୍ଦ୍ଦିଷ୍ଟକାଳ ଉତ୍ତାରେ ସ୍ୱ ରାଜ୍ୟରେ ଉପସ୍ଥିତ ହୋଇ ଶାସନଭାର ଗ୍ରହଣ କରିବେ । ଅମ୍ଭେମାନେ ଆଶାକରୁ ରାଜା ମହୋଦୟ ଏଥିର ସୁଫଳ ଲାଭ କରିବାପାଇଁ ଯତ୍ନଶୀଳ ହେବେ ।

---

ପାଶ୍ଚାତ୍ୟ କାରିଗରଙ୍କ ଅଦ୍ଭୁତଶିକ୍ଷା ଓ କୌଶଳରେ ଅମ୍ଭେମାନେ ଏକବ୍ୟକ୍ତିର ଗୀତ ଗ୍ରାମଫୋନ ଯନ୍ତ୍ରଦ୍ୱାରା ଯେତେବେଳେ ଇଚ୍ଛା ଶୁଣୁଥିଲୁଁ । ବର୍ତ୍ତମାନ କନୋଫୋନ ନାମକ ଗୋଟିଏ ଯନ୍ତ୍ର ଆବିଷ୍କୃତ ହୋଇଅଛି । ଏତଦ୍ୱାରା ସେହି ଗୀତ ; ଲୋକର ପ୍ରତିମୂର୍ତ୍ତିଦ୍ୱାରା ଗାୟନ ହେଉଅଛି । ଗୀତ ଗାଇବା ସମୟରେ ଲୋକଟି ଯେପରି ଯାଷ୍ଟି କରୁଥାଏ ଏବଂ ଯେପରଭାବରେ ଓଷ୍ଠଦ୍ୱୟ ଚଳାଏ ସେ ସମସ୍ତ ସୁନ୍ଦରରୂପେ ଦେଖାଯାଉଅଛି । ଗ୍ରାମୋଫୋନଠାରୁ ଏହା ଅଧିକ ଆଶ୍ଚର୍ଯ୍ୟଜନକ ନୁହେ କି ?

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ବାବୁ ଜ୍ଞାନେନ୍ଦ୍ର ଚନ୍ଦ୍ର, କୃଷ୍ଣ ଶେଷ ଭଞ୍ଜ ଡେପୁଟୀ କଲେକ୍ଟରର ଓ ବାବୁ ହରିମୋହନ ଦାସ ଶିକ୍ଷାବିଭାଗ ସବ୍‌ଡେପୁଟୀ ପଦରେ ନୂତନ ମତେ ମନୋନୀତ ପ୍ରଥାନୁସାରେ ନିଯୁକ୍ତ ହୋଇଅଛନ୍ତି । ଶ୍ରୀଯୁକ୍ତ କମିଶନର ଜ, ଏଫ, ଗ୍ରାଉସ୍ ସାହେବ ମହୋଦୟ ଏମାନଙ୍କୁ ମନୋନୀତ କରି ଅତ୍ୟନ୍ତ ସୁବିଚାର କରିଅଛନ୍ତି ଏବଂ ତହିଁ ପାଇଁ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁ । ସମସ୍ତ ପ୍ରାର୍ଥୀମାନଙ୍କମଧ୍ୟରେ ଏ ଦୁହିଙ୍କର ଯୋଗ୍ୟତା ସର୍ବୋଚ୍ଚ ଥିବାର ପ୍ରାୟ ସମସ୍ତଙ୍କୁ ଜଣାଅଛି ।

---

ଭାରତ ଷ୍ଟେଟ ସେକ୍ରେଟେରୀଦ୍ୱାରା ମଞ୍ଜୁର ହୋଇଥିବା ରେଜିଷ୍ଟ୍ରେସନ ବଙ୍ଗୀୟ କର୍ମଚାରୀଙ୍କ ନୂତନ ବନ୍ଦୋବସ୍ତ ଅନୁସାରେ ବିଭାଗର ସବ ରେଜିଷ୍ଟ୍ରାରମାନେ ଶ୍ରେଣୀଭୁକ୍ତ ହୋଇଅଛନ୍ତି ଓ ତାହା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଓଡ଼ିଶା ବିଭାଗର ବିଶେଷ ସବରେଜିଷ୍ଟ୍ରାରମାନେ ନିମ୍ନଲିଖିତ ପ୍ରକାରରେ ଗ୍ରେଡ଼ ପାଇଅଛନ୍ତି । ପୁରୀର ବାବୁ ଜଗବନ୍ଧୁ ପଟ୍ଟନାୟକ ଓ ବାଲେଶ୍ୱରର ମୌଲବୀ ମହମ୍ମଦ ଅବଦୁଲ୍ ସମଦ ୩ୟ ଗ୍ରେଡ଼ରେ ମାସିକ ଟ ୧୦୦ ଲେଖାଏଁ ଓ କଟକର ବାବୁ ଜଗଦାନନ୍ଦ ପଟ୍ଟନାୟକ ୪ର୍ଥ ଗ୍ରେଡ଼ରେ ମାସିକ ଟ ୧୨୫ ଙ୍କା ଲେଖାଏଁ ବେତନରେ ଭର୍ତ୍ତି ହୋଇଅଛନ୍ତି ।

---

ସରକାରୀ ଟେଲିଗ୍ରାଫ ବା ତାରସମ୍ବାଦ ବିଭାଗର ଗତ ୧୯୦୪।୦୫ ସାଲର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ତହିଁ ପୂର୍ବ ବର୍ଷର ଆୟ ଟ ୧,୧୧,୨୭,୧୮୬୯ ଙ୍କାରୁ ସେ ବର୍ଷର ଆୟ ଟ ୧,୧୩,୧୭,୮୯୬୯ ଙ୍କା ହୋଇଥିଲା ଏବଂ ବ୍ୟୟ ୮୦ ଲକ୍ଷ ୭୪ ହଜାର ଟଙ୍କାରୁ ୮୨ ଲକ୍ଷକୁ ବଢ଼ିଥିଲା । ଗତବର୍ଷରେ ନିଟ ଲାଭ ପ୍ରାୟ ୩୪ ଲକ୍ଷ ହୋଇଥିଲା ଏବଂ ତାର ବସାଇବାର ମୂଳ ଧନ ଉପରେ ଲାଭକୁ ବସାଇଲେ ଶତକଡ଼ା ଟ ୩୵ ପଡ଼ୁଅଛି । ଏହା ଅବଶ୍ୟ ସନ୍ତୋଷଜନକ ଅଟେ ଏବଂ ଅଧିକ ସୁଖର ବିଷୟ ଏହି କି ସରକାରୀ ତାରସମ୍ବାଦଠାରୁ ଜନସାଧାରଣଙ୍କର ତାର ସମ୍ବାଦର ଆୟ କ୍ରମେ ବୃଦ୍ଧି ହେଉଅଛି ।

---

ଦୁର୍ଗାପୂଜା ସମୟରୁ ପ୍ରାୟ ଦ ୧୫ ଦିନ ଏକାବେଳେ ମେଘ ଛାଡ଼ି ଯାଇଥିବା ହେତୁ ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲା । ଈଶ୍ୱରଙ୍କ କୃପାରୁ ଗତପୂର୍ବ ଶୁକ୍ରବାରଠାରୁ ଦ ୪ ଦିନ ଝଡ଼ି ବୃଷ୍ଟି ହୋଇ ଜଳର ଅଭାବ ଦୂର କରି ଦେଇଅଛି ଏବଂ ମରୁଥିବା ଧାନକ୍ଷେତ ପୁନର୍ଜୀବନ ପାଇଅଛି । ଏ ବୃଷ୍ଟି ଚଉଦିଗ ଥିଲା ଏବଂ ଏ ଜିଲ୍ଲାର ପୂର୍ବଭାଗରେ ପଶ୍ଚିମଭାଗରୁ ଅଧିକ ହୋଇଥିଲା । ଅଧିକାଂଶ ଧାନଫସଲ ଏଥିରେ ଉବୁରି ଯାଇଅଛି ଓ ଦୁର୍ଭିକ୍ଷର ଭୟ ଭାଙ୍ଗି ଯାଇଅଛି । ମାତ୍ର ଏ ବର୍ଷର ଧାନ ଫସଲ ଆଠପଣ ଅଥବା ଦଶପଣର ଅଧିକ ହେବ ନାହିଁ । ସୁତରାଂ ମହରଗ ଘୁଞ୍ଚିବ ନାହିଁ ।

---

ଅମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ ଜ, ଏଫ, ଗ୍ରାଉସ୍ ସମ୍ବଲପୁରଠାରେ ପୀଡ଼ିତ ହୋଇ ଏକ ମାସର ଅନୁଗ୍ରହ ଛୁଟୀ ପାଇଅଛନ୍ତି ଓ ତାଙ୍କ ସ୍ଥାନରେ ଗଡ଼ଜାତ ଫିଉଡେଟରୀ ଷ୍ଟେଟର ପୋଲିଟିକେଲ ଏଜେଣ୍ଟ ଶ୍ରୀଯୁକ୍ତ ଉଡ଼ମ୍ୟାନ ସାହେବ ନିଯୁକ୍ତ ହୋଇଅଛନ୍ତି । ସାହେବ ମହୋଦୟ ବାୟୁପରିବର୍ତ୍ତନ ନିମନ୍ତେ ସିଂହଳ ବା ଲଙ୍କାଦ୍ୱୀପକୁ ଗମନ କରିବାର ଗତ ତା ୨୫ ରିଖ ସ୍ଥିର ଧାର୍ଯ୍ୟ କରିଥିଲେ ସମ୍ଭବତଃ ସେଠାରୁ ଯାତ୍ରା କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଅସ୍ମେମାନେ ଈଶ୍ବରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ସାହେବ ମହୋଦୟ ଶୀଘ୍ର ଆରୋଗ୍ୟ ଲାଭ କରି ସ୍ବକାର୍ଯ୍ୟରେ ଉପସ୍ଥିତ ହୁଅନ୍ତୁ । ଶ୍ରୀ ଯୁକ୍ତ ଏଫ୍, ଡବ୍ଲିଉ, ଡକ୍ସ ଓଡ଼ିଶାରେ ଅପରିଚିତ ନୁହନ୍ତି । ସାହେବ ମହୋଦୟ ପୂର୍ବରେ କଲେକ୍ଟର ଥିଲେ । ଓଡ଼ିଶାର ଗଡ଼ଜାତ ମହାଲମାନ ମଧ୍ୟ ତାଙ୍କର ଶାସନାଧୀନରେ ଅନେକ ବୋଲି କଥିତ ହୁଏ । ଏହି ନୂତନ କାର୍ଯ୍ୟରେ ଉପସ୍ଥିତ ହେଲେ-ମାନଙ୍କେ ପୁଣି ଓଡ଼ିଶାର କମିଶନର ଭାର ଗ୍ରହଣ କରିବାକୁ ହୋଇଅଛି । ସାହେବ ମହୋଦୟ ଗତମଙ୍ଗଳବାର ପୁରୀ ଗମନ କରିଥିଲେ । ଗତ ବୁଧବାର ଦିବସ ଏଠାରେ ପହଞ୍ଚିଅଛନ୍ତି ।

---

ମହାରାଜା ବାହାଦୁର ସର ଯତୀନ୍ଦ୍ରମୋହନ ଠାକୁର କେ, ସି, ଏସ୍, ଆଇ କଲିକତା ବିଖ୍ୟାତ ଠାକୁର-ବଂଶର ଜ୍ୟେଷ୍ଠ କୁଳୋଦ୍ଭବ ଅଟନ୍ତି ଏବଂ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କର ବିଶେଷ ଯୋଗ୍ୟତା ଓ ସାଧାରଣ କାର୍ଯ୍ୟର ପୁରସ୍କାର ସ୍ବରୂପ ତାହାଙ୍କୁ ଅନେକ ଉପାଧିରେ ଭୂଷିତ କରି-ଶାନ୍ତର ମହାରାଜା ପଦ ପୁତ୍ର ପୌତ୍ରାଦି କ୍ରମେ ଭୋଗ କରିବାର ଅଧିକାର ପ୍ରଦାନ କରିଅଛନ୍ତି । ତାହାଙ୍କର ପୁତ୍ର ପୌତ୍ରାଦି ସମ୍ମାନ ସହିତ ସେହି ପଦ ଭୋଗ କରିବେ ଏବଂ ସେମାନେ ଯେ ସମସ୍ତ ସମ୍ପତ୍ତି ଓ ବଂଶମର୍ଯ୍ୟାଦାର ଗୌରବଜନକ ପଦାର୍ଥମାନ ଉତ୍ତରାଧିକାରକ୍ରମେ ପାଇବେ ସେ ସମସ୍ତ ଅକ୍ଷୁଣ୍ଣ ରହିବ ଏବଂ କୌଣସି ଦାୟରେ ନଷ୍ଟ ହୋଇ ପାରିବ ନାହିଁ ଏହି ଅଭିପ୍ରାୟରେ ମହାରାଜା ବାହାଦୁର ବଙ୍ଗୀୟ ଶାସନାଧୀନ ସମ୍ପତ୍ତି ରକ୍ଷା ସମ୍ବନ୍ଧୀୟ ସନ ୧୯୦୪ ସାଲର ଆଇନା-ନୁସାରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାରୁ ମାନ୍ୟବର ଲେଫ୍ଟେଣ୍ଟର ଘୋଷଣା ପ୍ରଚାର କରି-ଅଛନ୍ତି ଯେ ସେ ସମ୍ବନ୍ଧରେ କାହାର କିଛି ଆପତ୍ତି ଥିଲେ ମାସ ୨ ସ ମଧ୍ୟରେ ଜଣାଇବେ । ମହାରାଜା ବାହାଦୁରଙ୍କର ବିଶେଷ ଯତ୍ନରେ ଉକ୍ତ ଆଇନ ବିଧିବଦ୍ଧ ହୋଇଅଛି ଏବଂ ସେ ସର୍ବ ପ୍ରଥମେ ତହିଁର ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି । ଅତଃପର ବଙ୍ଗର ଅନ୍ୟାନ୍ୟ ସମ୍ଭ୍ରାନ୍ତ ଭୂମ୍ୟଧିକାରୀମାନେ ଏହି ଆଇନର ଆଶ୍ରୟ ନେବାକୁ ପ୍ରବୃତ୍ତ ହେବେ

---

କଟକ ଖାସମହାଲର ତହସିଲଦାର ମୁନସି ସଫକତୁଦ୍ଦିନ ଖାସମହାଲ ଇଲାକାରେ ଅଧିକ ତହସିଲ ଉଦ୍ୟମ କରିଥିବାରୁ ମଧ୍ୟ ଓଡ଼ିଶା ବନ୍ଦୋବସ୍ତ ଅଫିସରେ କାର୍ଯ୍ୟ କରିଥିବାରୁ ବାଙ୍କିର ସବଡେପୁଟି ବନ୍ଦୋବସ୍ତ କର୍ମଚାରୀ ହୋଇ ଯାଇଥିଲେ । ତାଙ୍କର ଅନୁପସ୍ଥିତ କାଳରେ ପ୍ରକାଶ ପାଇଲା ଯେ ମୁନସି ସାହେବ ଏଠାରୁ ଯିବାର ଉତ୍ତାରୁ ଭୂତପୂର୍ବ ହେଡକ୍ଲର୍କ ଓ ସେରସ୍ତାଦାର ୰ ବାବୁ ବେଣୀମାଧବ ବାନାର୍ଜିଙ୍କ ବିଧବା ପତ୍ନୀଙ୍କଠାରୁ ଖାସମହାଲ ଖଜଣା ନିମନ୍ତେ ଟ ୧୦୦୯ ଙ୍କା ନେଇ ଟିପା ରସିଦ ଦେଇଥିଲେ ମାତ୍ର ଉକ୍ତ ଟଙ୍କା ହିସାବ ଖତିଆନ ଦାଖଲ ହୋଇ ନ ଥିଲା । ଏ ବିଷୟ ପ୍ରାୟ ଛଅମାସରୁ ଊର୍ଦ୍ଧ୍ବ ହେବ ଏଠା ଜଏଣ୍ଟ ମାଜିଷ୍ଟ୍ରେଟଙ୍କଦ୍ୱାରା ତଦନ୍ତ ହୋଇଥିଲା କିନ୍ତୁ କିଛି ଫଳ ପ୍ରକାଶ ପାଇ ନ ଥିଲା । ଛୁଟୀ ପୂର୍ବରେ ପୁନଶ୍ଚ ମାଜିଷ୍ଟ୍ରେଟ ସାହେବ ଶ୍ରୀଯୁକ୍ତ ଏଫ୍ ଏନ ଫିସର ସ୍ବୟଂ ତଦାରଖ କରି ମୁନସି ମହାଶୟଙ୍କ ବିରୁଦ୍ଧରେ ବିଶ୍ବାସଘାତକତା ଅପରାଧରେ ମୋକଦ୍ଦମା ଚଳାଇବା ନିମନ୍ତେ ଆଦେଶ ଦେଇଅଛନ୍ତି । ମୋକଦ୍ଦମାଟି ଡେ: ମାଜିଷ୍ଟ୍ରେଟ ବାବୁ ଅଶ୍ବତୋଷ ମୁଖାର୍ଜିଙ୍କୁ ସୁପର୍ଦ୍ଦ ହୋଇଅଛି ଓ ଯେ ଗତ ତା ୨୬ ରିଖ ମୋକଦ୍ଦମା ଶୁଣିବାର ଦିବସ ଥିଲା । ଉକ୍ତ ଦିବସରେ ତାଙ୍କଠାରୁ ଟ ୧୦୦୯ ଙ୍କାର ସହିତ ଜାମିନ ନେଇ ତାରିଖ ଦିଆ ଯାଇଅଛି । ମୁନସି ବର୍ତ୍ତମାନ କାର୍ଯ୍ୟରୁ ସସ୍ପେଣ୍ଡ ହୋଇଅଛନ୍ତି ।

---

ଯେମନ୍ତ ଏ ନଗରରେ ସେମନ୍ତ ଏ ଜିଲ୍ଲାର ମଫସଲରେ ଗତମାସରେ ଓ ତହିଁ ପୂର୍ବରୁ ଓଲାଉଠାର ଖୁବ ଉପଦ୍ରବ ହୋଇଥିଲା । ବର୍ତ୍ତମାନ ଶୀତ ପଡ଼ିଲେହେଁ ଅନେକ ସ୍ଥାନରୁ ଏକାବେଳେ ନିଃଶେଷ ହୋଇନାହିଁ । ମୋଫସଲରେ ଚିକିତ୍ସାର ଅଭାବ ଅଧିକ କ୍ଷତି ଘଟାଇ ଥିଲା । ଏଠା ଜିଲ୍ଲା ବୋର୍ଡର ଚେଅରମାନ ନ ୩ । ୪ ଣ ଠିକା ଡାକ୍ତର ଔଷଧ ସହିତ ପଠାଇଥିଲେ ଏବଂ ସେହି ଜଣ ସାଲେପୁର ଥାନା ଏଲାକାକୁ ଯାଇଥିଲେ ତାହାଙ୍କଠାରୁ ବୁଝିଲୁଁ ଯେ ପୀଡ଼ାଗ୍ରସ୍ତ ଗ୍ରାମମାନଙ୍କରେ ଏକ୍ ଓ ବିଶେଷ ସ୍ଥଳେ ଅଧିକା ଏକାଦିନ ରହି ରୋଗୀଙ୍କୁ ଔଷଧ ଦେଇ କୂପାଦି ଜଳ ପରିଷ୍କାର କରି ବୁଲୁଅଛନ୍ତି । ଏପରି ନାମମାତ୍ର ଚିକିତ୍ସା କରିବାଠାରୁ ନ କରିବା ଭଲ । ଯେଉଁଠାରେ ପ୍ରତିଦିନ ଲୋକ ପୀଡ଼ିତ ହେଉଅଛନ୍ତି ସେଠାରେ ଦିନେ ୨ । ୪ ଜଣଙ୍କୁ ଔଷଧ ଦେବା ଓ ସେମାନେ ଆରୋଗ୍ୟ ହେଲେ କି ନାହିଁ ନ ଦେଖିବା କି ଉଚିତ କାର୍ଯ୍ୟ ବୋଲାଯିବ ? 'ନାହିଁ ମାମୁଁଠାରୁ କଣାମାମୁଁ ଭଲ' ପ୍ରବାଦଟି ଏସମସ୍ତ ସ୍ଥଳେ ଖଟେ ନାହିଁ । ଏକ୍ ଗ୍ରାମ ବା ଗ୍ରାମ ସମୂହର କେନ୍ଦ୍ରସ୍ଥାନରେ ଅନ୍ତତଃ ଏକସପ୍ତାହ ଲେଖାଏଁ ଡାକ୍ତର ରହି ଚିକିତ୍ସା କରୁଥିଲେ ଅନେକ ଉପକାର ହୋଇଥାନ୍ତା ଏବଂ ଏପ୍ରକାର ଆଦେଶ ଦେବା କାରଣ ବୋର୍ଡର ଚେଅର-ମାନ ଓ ସିଭିଲ ସରଜନଙ୍କୁ ଅନୁରୋଧ କରୁଅଛୁଁ ।

---

ମାହାଙ୍ଗା ଅଞ୍ଚଳରେ ଗୋଟିଏ ସାହାଯ୍ୟ ଡାକ୍ତରଖାନା ସ୍ଥାପନ କରିବା ଉଦ୍ଦେଶ୍ୟରେ ଚଳିତ ଅକ୍ଟୋବର ମାସ ତା ୧୩ ରିଖରେ ବାବୁ ଜଗନ୍ମୋହନ ଲାଲ ଓ ବାବୁ ଗିରଧାରୀପ୍ରସାଦ ରାୟଙ୍କ ଉଦ୍ୟମରେ ମାହାଙ୍ଗାନିବାସୀ ଲାଲ ମାନମଣି ରାୟଙ୍କ ଗୃହଠାରେ ଗୋଟିଏ ସଭା ହୋଇଥିଲା ଓ ତହିଁରେ ନ ୪୦ ଣ ଭଦ୍ରବ୍ୟକ୍ତି ଉପସ୍ଥିତ ହୋଇଥିଲେ । ଡାକ୍ତରଖାନା ଚଳା-ଇବା ଓ ଗୃହ ନିର୍ମାଣ କରିବା ଖର୍ଚ୍ଚ ଅର୍ଦ୍ଧେକ ସ୍ଥାନୀୟ ଦାନଦ୍ୱାରା ପ୍ରାପ୍ତ ହେଲେ ଅବଶିଷ୍ଟ ଅର୍ଦ୍ଧେକ ଡିଷ୍ଟ୍ରିକ୍ଟ ବୋର୍ଡ ଯୋଗାଇବାର ଗବର୍ଣ୍ଣମେଣ୍ଟ ନୂତନ ନିୟମ କରିଅଛନ୍ତି । ଏଥିରୁ ଡାକ୍ତର ବେତନ ଏବଂ ଔଷଧାଦିର ମାସିକ ବ୍ୟୟ ଟ ୬୦ ଙ୍କାରୁ ଊଣା ହେବାର ସମ୍ଭବ ନୁହେ ତହିଁର ଅର୍ଦ୍ଧେକ ମାସିକ ଟ ୩୦ ଙ୍କା ବା ବର୍ଷକୁ ଟ ୩୬୦ ଙ୍କା ମାସିକ ଚାନ୍ଦାଦ୍ୱାରା ସଂଗ୍ରହ ହେବାର ଅସୁବିଧାଜନକ ଅଟେ । ଏକକାଳୀନ ଚାନ୍ଦାଦ୍ୱାରା ଟ ୧୨୦୦୦ ଙ୍କା ଜମା ହେଲେ ତହିଁର ବାର୍ଷିକ ସୁଦ ଟ ୩୬୦ ଙ୍କା ହେବ ଓ ଗୃହ ନିର୍ମାଣ ଇତ୍ୟାଦି ନିମନ୍ତେ ଟ ୨୦୦୦ ଙ୍କା ଆବଶ୍ୟକ । ଡାକ୍ତରଖାନାଦ୍ୱାରା ପାଞ୍ଚକୋଶ ଅନ୍ତରରେ ଲୋକମାନେ ବିଶେଷ ଉପକାର ପାଇବେ ଓ ସେହିମାନଙ୍କଠାରୁ ଏକକାଳୀନ ଚାନ୍ଦା ନେବାର ସ୍ଥିରହେଲା । ବାର୍ଷିକ ଟ ୨୫ ଙ୍କାରୁ ଊର୍ଦ୍ଧ୍ବ ଆୟର ପଞ୍ଚକୋଶ ବାସିନ୍ଦାମାନଙ୍କଠାରୁ ପ୍ରତିଜଣର ବାର୍ଷିକ ଆୟ ଉପରେ ଶତକଡ଼ା ଟ ୨ ଙ୍କା ହିସାବରେ ଚାନ୍ଦା ସଂଗ୍ରହ କରିବାର ସର୍ବ ସମ୍ମତି କ୍ରମେ ଧାର୍ଯ୍ୟ ହେଲା ଓ ଏଥିପାଇଁ ଗୋଟିଏ କାର୍ଯ୍ୟ ନିର୍ବାହକ କମିଟୀ ଗଠିତ ହୋଇ ସଭା ଭଙ୍ଗ ହେଲା ।

---

ଆମ୍ଭେମାନେ ମୁଦ୍ରିତ କରିଥିଲୁଁ ଯେ ମିସନରୀ ନେବ ନ ଛଡ଼ିବା ବିଷୟରେ ଏଠାର ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମସ୍କୁ ସାହେବ ଘର ଆଉ ନିଶ ବାଜମ ନାହିଁ । ମାତ୍ର ଅସ୍ମୃତକାର ଯଦି କାଳେ ପ୍ରକାଶିତ ହୁଏନାହିଁ ଏକ ସେପ୍ଟେମ୍ବର ପକ୍ଷରେ ଦେଖିଲୁଁ ଯେ ଉନ୍ନତର ଡେପୁଟି ମାଜିଷ୍ଟ୍ରେଟଙ୍କ ଦରଖାସ୍ତ ହାତରେ କେହି ଲୋକ ଶୁଣିବାର ଦେଖି ଦାବନା ମହାଶୟ ତାହାଙ୍କୁ ଧରିଲେ ଏବଂ ତାହା ଉପରେ ଟ ୦ ୵ ଜରିମାନା କରିଥିଲେ । ସେ ଲୋକଟି ଜଣେ ବଡ଼ଲୋକର ଚାକର ଥିଲା । କେଣ୍ଡ୍ରୁ ମୁନସିର ସାହାଯ୍ୟରେ ଅପିଲ କରନ୍ତେ ଡେପୁଟି କମିଶ-

Digitized by srujanika@gmail.com

Split by PDF Splitter



ନର ଦଣ୍ଡାଜ୍ଞା ରହିତ କରି ଆସାମିଙ୍କୁ ଖଲାସ କେଲେ ଏବଂ ସେହି ଅନ୍ୟାୟ କାର୍ଯ୍ୟ ସକାଶେ ଡେପୁଟି ମାଜିଷ୍ଟ୍ରେଟଙ୍କୁ ଯଥୋଚିତ ତାଡ଼ନା କଲେ । ମୋକଦ୍ଦମା ବିଚାର ସମୟରେ ମିସିଲ କାଗଜପତ୍ର ସର୍ବସାଧାରଣଙ୍କ ସକାଶେ ମୁକୁଳା ରହିବା ଉଚିତ ଏବଂ ଏହାର ଅନ୍ୟଥା ଅନ୍ୟାୟ୍ୟ ଅଟେ । ତାହା ନ ହେଲେ ପ୍ରକାଶ୍ୟ ଅଦାଲତର କଥାଟା ସାର୍ଥକ ହେଉ ନାହିଁ । ମିସିଲ କୋଠରିରେ କେହି ଗୋଳମାଳ କଲେ ତାହାକୁ ଦଣ୍ଡ ଦେବାପାଇଁ ଆଇନରେ ଯଥେଷ୍ଟ କ୍ଷମତା ଦିଆ ଯାଇଅଛି । ମାତ୍ର ବିଶେଷ ଅବସ୍ଥା ବିନା ପ୍ରବେଶ ନିଷେଧ କରିବାର କ୍ଷମତା ଦିଆଯାଇ ନାହିଁ । ଯେଉଁ ମୋକଦ୍ଦମାର ବିଚାର ଦେଖିବାକୁ ଯେଉଁମାନେ ସମ୍ପର୍କ ବା କୌତୁକ ବଶତଃ ଯିବା କରନ୍ତି ସେମାନେ ସାକ୍ଷାତରେ ଦେଖିବାର ସୁଯୋଗ ନ ପାଇଲେ ଲୁଚି ଝାଙ୍କି ମାରନ୍ତି ଏବଂ ସେପରି ଲୁଚି ଚାହିଁବା ଯେବେ ଅପରାଧ ହୁଏ ତେବେ ସ୍ୱୟଂ ହାକିମଙ୍କୁ ତହିଁର ଉତ୍ତରସାଧକ ବା ସାହାଯ୍ୟକାରୀ ଭିନ୍ନ ଆଉ କ'ଣ ବୋଲାଯିବ ? ବରଂ ତାହାଙ୍କର ଅଧିକାର ଓ ଯୋଗ୍ୟତା ବିବେଚନାରେ ତାହାଙ୍କୁ ବଡ଼ ଅପରାଧୀ ବୋଲିବା ଅସଙ୍ଗତ ନୁହେ । ଉପରସ୍ଥ ହାକିମମାନେ କି ନିମ୍ନ କର୍ମଚାରୀଙ୍କର ଏହି ଅନ୍ୟାୟ କାର୍ଯ୍ୟ ପ୍ରତି ଦୃଷ୍ଟି ପକାଇବେ କି ?

---

## ଲବଣମହଲମାର କାର୍ଯ୍ୟ ବିବରଣ ।

ବଙ୍ଗପ୍ରଦେଶର ସନ ୧୯୦୪।୦୫ ସାଲର ବାର୍ଷିକ ବିବରଣରୁ ଜଣାଯାଏ ଯେ ସେ ବର୍ଷ ତହିଁ ପୂର୍ବବର୍ଷଠାରୁ ପ୍ରାୟ ୧୦ ଲକ୍ଷ ମହଣ ଲୁଣ ଅଧିକା ଆମଦାନୀ ହୋଇଥିଲା । କଲିଚ, ଖାଲିପ, ଏଡେନ ଏବଂ ବମ୍ବେ ଏହି ଚାରି ସ୍ଥାନରୁ ପୂର୍ବବର୍ଷଠାରୁ ଅଧିକା ଆମଦାନୀ ହୋଇଥିଲେହେଁ ଖାଲିପ ଲୁଣର ଆମଦାନୀ ସର୍ବାପେକ୍ଷା ଅଧିକ ଏବଂ ବିଲାତୀ ଲୁଣର ଆମଦାନୀ ଏକଲକ୍ଷ ୨୫ ହଜାର ମହଣ ବଢ଼ିଥିବାରୁ ଏ ଲୁଣର ଆଦର ସ୍ଥିର ରହିଥିଲା । ବମ୍ବେର ପ୍ରତିଯୋଗିତା ଏବଂ ଜାହାଜ କଷ୍ଟ ହେବାରୁ ମାନ୍ଦ୍ରାଜ ଲୁଣର ଆମଦାନୀ କମି ଯାଉଥିଲା । ସମସ୍ତ ବଙ୍ଗପ୍ରଦେଶରେ ଏକକୋଟି ୫୮ ଲକ୍ଷ ୮୯ ହଜାର ମହଣ ଲୁଣ ଖରଚ ହୋଇଥିଲା । ଏହା ପୂର୍ବ ବର୍ଷର ଖରଚଠାରୁ ପ୍ରାୟ ୩୧ ଲକ୍ଷ ମହଣ ଅଥବା ଶତକଡ଼ା ୩ ଲେଖାଏଁ ଅଧିକ ଅଟେ । ଲୋକପ୍ରତି ବାର୍ଷିକ ଲୁଣର ଖରଚ ଓଡ଼ିଶା ଏବଂ ସମୁଦ୍ର ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ସ୍ଥାନରେ ସେ ୭।, ଏବଂ ଅବଶିଷ୍ଟ ସ୍ଥାନରେ ସେ ୫।୵ ହାରହାରି ପଡ଼ିଥିଲା । ବମ୍ବେଇ ପ୍ରଦେଶରେ ଜଣପ୍ରତି ବାର୍ଷିକ ଖରଚ ସେ ୫। ଏବଂ ମାନ୍ଦ୍ରାଜରେ ସେ ୭। ତୁଳନାରେ ବଙ୍ଗଳାର ଖରଚ ମନ୍ଦ ନୁହେ ଏବଂ ଗତ ବର୍ଷରୁ କ୍ରମାଗତ ବଢ଼ିବାର ଦେଖା ଯାଉଅଛି । ବଙ୍ଗଳାର ପ୍ରାୟ ସର୍ବତ୍ର ବିଲାତୀ ଓ ଅନ୍ୟାନ୍ୟ ବିଦେଶୀ ଲୁଣର ଖରଚ ବେଶୀ । କେବଳ ଓଡ଼ିଶାରେ ମାନ୍ଦ୍ରାଜିଲୁଣର ଏକାଧିପତ୍ୟ ରହିଅଛି ମାତ୍ର ଏହା ଓଡ଼ିଶାର ସୀମାକୁ ଲଙ୍ଘି ନିମ୍ନବଙ୍ଗରେ ପ୍ରବେଶ କରି ପାରୁ ନାହିଁ । ବର୍ତ୍ତିତ ବର୍ଷରେ ଓଡ଼ିଶାକୁ ମାନ୍ଦ୍ରାଜ କରକଚ ଏବଂ ସଫାଲୁଣ ୧୦,୧୫,୨୯୨ ମହଣ ଆସିଥିଲା । ଏହା ତହିଁ ପୂର୍ବବର୍ଷର ମ ୯,୧୮,୮୨୩ ମହଣଠାରୁ ପ୍ରାୟ ୯୭ ମହଣ ଅଧିକ ଅଟେ । ତହିଁ ମଧ୍ୟରେ ଗଞ୍ଜାମରୁ ମ ୩,୬୨,୧୮୫ ମହଣ, ନାଉପଡ଼ାରୁ ମ ୪,୬୪୦,୮୯ ମହଣ, ସୁରଲାରୁ ମ ୧,୦୧,୮୪୨ ଏବଂ ଅନ୍ୟାନ୍ୟ ସ୍ଥାନରୁ ମ ୧,୪୦,୨୨୭ ମହଣ ଆସିଥିଲା । ପୂର୍ବବର୍ଷ ଅପେକ୍ଷା ଏ ବର୍ଷ ନୂଆପଡ଼ା ଓ ସୁରଲାରୁ ଊଣା ଏବଂ ଗଞ୍ଜାମ ଓ ଅନ୍ୟାନ୍ୟ ସ୍ଥାନରୁ ଅଧିକ ଆମଦାନୀ ହୋଇଅଛି । ଓରଏଣ୍ଟାଲସଲଟ କମ୍ପାନୀ ମାନ୍ଦ୍ରାଜ ପରମିଟ କରକଚ ଲୁଣ ରେଲବାଟେ ଆଣି କଟକ, ଯାଜପୁର, ବାଲେଶ୍ୱର, ସୋରୋ ଭଦ୍ରକ ଓ ଗୁଡ଼ବାଲିରେ ଥିବା କମ୍ପାନୀର ଗୋଦାମରେ ରଖି ପୂର୍ବପର ଏ ବର୍ଷ ମଧ୍ୟ ବିକ୍ରୀ କରୁଥିଲେ ଏବଂ କରୁଅଛନ୍ତି । ଓଡ଼ିଶାର ଗଡ଼ଜାତ ସମୂହକୁ ରେଲଦ୍ୱାରା ଝାରସୁଗୁଡ଼ା ଓ ସମ୍ବଲପୁର ଷ୍ଟେସନବାଟେ ବମ୍ବେର ଲୁଣ ଆସି ବିକ୍ରୟ ହୁଅଇ । ତହିଁର ପରିମାଣ ଗତ ବର୍ଷ କେବଳ ଦୁଇହଜାର ମହଣ ଥିଲା ମାତ୍ର ଏ ବର୍ଷ ମ ୫,୧୪୧ ମହଣକୁ ଉଠିଅଛି । ଉପର ଲିଖିତ ବିବରଣରୁ ଦେଖାଯାଏ ଯେ ଓଡ଼ିଶା ଏ ପର୍ଯ୍ୟନ୍ତ ଦେଶୀଲୁଣର ଆଦର ରଖିଅଛି ଏବଂ ଆଶା ହୁଅଇ କେବେହେଲେ ଏ ଦ୍ରବ୍ୟରେ ବିଦେଶର ସାହାଯ୍ୟ ନେବ ନାହିଁ ।

---

## ପୁରୀରେ ସ୍ୱଦେଶୀ ଆନ୍ଦୋଳନ ।

ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ବିଷୟରେ ଗତ ରବିବାର ସନ୍ଧ୍ୟା ସମୟରେ ଜଗନ୍ନାଥବଲ୍ଲଭ ମଠଠାରେ ପୁରୀ ଉତ୍କଳସମ୍ମିଳନୀ ଶାଖାସମିତିର ଏକ ଅଧିବେଶନ ହୋଇଥିଲା । ପ୍ରାୟ ୪।୫ ଶତ ସଭ୍ୟ ଉପସ୍ଥିତ ଥିଲେ । ଦକ୍ଷିଣ ପାର୍ଶ୍ୱ ମଠର ମହନ୍ତ ଶ୍ରୀ ଭଗବାନ ରାମାନୁଜ ଦାସ ସଭାପତିର ଆସନ ଗ୍ରହଣ କରିଥିଲେ । କଲିକତାରୁ ସମାଗତ ବାବୁ ଅଶ୍ୱିନୀକୁମାର ବାନାର୍ଜୀ ଓ ବାବୁ ଦଇଦାସ ବସୁ ବାରିଷ୍ଟରମାନେ ଏବଂ କୋଅ-ଖାଇ ନିବାସୀ ଫଣୀନ୍ଦ୍ର ବାବୁମାନେ ବକ୍ତୃତା କରିଥିଲେ । ତହିଁର ମର୍ମ ଏହି ଯେ ଭାରତରୁ ପ୍ରତି ବର୍ଷ ୮୦ କୋଟି ଟଙ୍କାର ବିଦେଶୀ ଲୁଗା, ସୂତା, ଛତା, ଲୁଣ, ଚିନି ଇତ୍ୟାଦି ବାବଦରେ ବିନଷ୍ଟ ହେବାଦ୍ୱାରା ସେ ଟଙ୍କା ଦେଶରୁ ବାହାରି ଯାଉଅଛି । ପ୍ରତିବର୍ଷ ଏହିପରି ଗଲେ ଭାରତଭଣ୍ଡାର ଶେଷ ହୋଇଯିବ ଏ ଦେଶ ଅନ୍ନ ବିନା ମରିବ । ଦେଶୀ ଦ୍ରବ୍ୟ ବ୍ୟବହାରଦ୍ୱାରା ଏ ଟଙ୍କା ଘରେ ରହିଯିବ ଏବଂ ଅକାଳବେଳେ ଅର୍ଥାଭାବରେ ଲୋକେ ମରିବେ ନାହିଁ । ଉତ୍କଳରେ ଅନେକ ପ୍ରକାର ଉତ୍କୃଷ୍ଟ ଦ୍ରବ୍ୟ ପ୍ରସ୍ତୁତ ହେଉଅଛି ଏବଂ ଖରିଦଦାର ହେଲେ ଅଧିକ ଉତ୍ପନ୍ନ ହେବ ଏବଂ ଅନ୍ୟସ୍ଥାନରେ ରପ୍ତାନି ହୋଇ ଘରକୁ ଟଙ୍କା ଆସିବ । ଅତଏବ ଶ୍ରୀ ଜଗନ୍ନାଥ ଦେବଙ୍କୁ ସାକ୍ଷୀ ରଖି ପ୍ରତିଜ୍ଞା କରିବା ଯେ ଆଜଠାରୁ କେହି ବିଦେଶୀୟ ଦ୍ରବ୍ୟ ବ୍ୟବହାର କରିବା ନାହିଁ । ଯଦି ଆମ୍ଭେମାନେ ଏହା କରି ନ ପାରୁଁ ତାହାହେଲେ ଏହି କଳଙ୍କ ମୁଖ ନ ଦେଖାଇ ନିକଟସ୍ଥ ମହା ସମୁଦ୍ରରେ ପଡ଼ି ପ୍ରାଣ ବିସର୍ଜନ ଦେବା ଉଚିତ ।

ତତ୍ପରେ ସମିତିର ସ୍ଥାୟୀ ସଭାପତି ବାବୁ ହରିଶ୍ଚନ୍ଦ୍ର ଘୋଷ ମହୋଦୟ କହିଲେ ଯେ "ଗତବର୍ଷ ଏହି ଜଗନ୍ନାଥବଲ୍ଲଭ ମଠ ନିକଟ ସଭାରେ ଯେଉଁ ପ୍ରତିଜ୍ଞାପତ୍ର ସ୍ୱାକ୍ଷରିତ ହୋଇଥିଲା ତାହା ଏଠାରେ ରକ୍ଷିତ ଅଛି । ମାତ୍ର କେହି୨ ସ୍ୱାକ୍ଷରକାରୀ ଏ ବର୍ଷ ନିଜେ ବିଦେଶୀ ବସ୍ତ୍ରାଦି ବ୍ୟବହାର କରିବା ନିତାନ୍ତ ଦୁଃଖର ବିଷୟ । ଲୋକେ କହନ୍ତି ଯେ ଯୁଦ୍ଧ ନିତାନ୍ତ ନିଷ୍ଠୁର କାର୍ଯ୍ୟ କିନ୍ତୁ ଦେଖନ୍ତୁ ଡିଗ୍ବି ସାହେବ କହନ୍ତି ଯେ ୧୦୨ ବର୍ଷ ମଧ୍ୟରେ ସମସ୍ତ ପୃଥିବୀରୁ ପ୍ରାୟ ୫୦ ଲକ୍ଷ ଲୋକ ଯୁଦ୍ଧରେ ମରିଥିଲେ । ମାତ୍ର ୧୮୭୫ ମସିହାରୁ ୧୯୦୦ ପର୍ଯ୍ୟନ୍ତ ୨୫ ବର୍ଷ ମଧ୍ୟରେ ଦୁଇକୋଟୀ କୋଡ଼ିଏ ଲକ୍ଷ ଲୋକ ହା ! ଅନ୍ନ୨ ହୋଇ ଅନାହାରରେ ମରିଅଛନ୍ତି । ପୂର୍ବେ ଯେତେବେଳେ ଭାରତରୁ ବିଲାତକୁ ଯେଉଁ ସବୁ ଦ୍ରବ୍ୟାଦି ଯାଉଥିଲା ତାହା ଉପରେ ଶତକଡ଼ା ୭୦।୮୦ ଟଙ୍କା ଶୁଳ୍କ ବସିଥିଲା ଏବଂ ପରେ ଆଇନ ହେଲା ଯେ ଯେ ଭାରତୀୟ ବସ୍ତ୍ରାଦି କ୍ରୟ ବା ବ୍ୟବହାର କରିବ ତାହାପ୍ରତି ଅର୍ଥଦଣ୍ଡ ହେବ । ମାତ୍ର ବିଲାତରୁ ଆମ୍ଭ ଦେଶକୁ ଅବାଧରେ ବସ୍ତ୍ରାଦି ଆସୁଅଛି ତହିଁ ଉପରେ ଏକ ପଇସାମାତ୍ର ଶୁଳ୍କ ନାହିଁ ବା ଆଇନ ନାହିଁ । ଆମ୍ଭମାନଙ୍କର ଆଇନ କରିବାର କ୍ଷମତା ନାହିଁ ସତ୍ୟ, କିନ୍ତୁ ଯଦି ଆମ୍ଭେମାନେ ପରସ୍ପର ବିରୋଧ ଛାଡ଼ି ମନ ପ୍ରାଣ ଦେଇ ପ୍ରତିଜ୍ଞା କରିବା ଯେ କଦାପି ଆଉ ବିଦେଶୀ ଦ୍ରବ୍ୟ ବ୍ୟବହାର କରିବୁଁ ନାହିଁ ତେବେ ସମ୍ପୃକ୍ତେ ତାହାର ସୁଫଳ ଫଳିବ" ଏହା କହି ବକ୍ତା ମହାଶୟ ସମସ୍ତ ସଭ୍ୟମାନଙ୍କ ପ୍ରତିନିଧି ସ୍ୱରୂପ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କଲେ ଏବଂ ସଭାସ୍ଥଳ ଘନ୨ କରତାଳିରେ ପ୍ରତିଧ୍ୱନିତ ହେଲା । ପରେ ସଭାପତି ଓ

Digitized by srujanika@gmail.com

ବନ୍ଧୁମାନଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେବା ସମୟରେ ସମସ୍ତେ "ବନ୍ଦେମାତରଂ" କହି ସଭାରୁ ପ୍ରତ୍ୟାଗମନ କଲେ ।

### ମାହାଙ୍ଗାରେ ନାଟ୍ୟାଭିନୟ ।

ନାଟ୍ୟାଭିନୟ ପ୍ରତି ଯୋଗଶଳୀ ଲୋକଙ୍କର ଆନ୍ତର ଭକ୍ତି ରୁଚିର ପରିଚୟ ଦେଉଅଛି ଓ ଏହା ସୁଖର ବିଷୟ ଅଟେ । ଏ କଥା ବୋଧ ପତ୍ରରେ ନାଟ୍ୟାଭିନୟର ଉତ୍ତମରୂପେ ହେଉଥିବା ପ୍ରସଙ୍ଗ ବାରମ୍ବାର ଏ ପତ୍ରିକାରେ ଉଲ୍ଲେଖ ହୋଇଥିବାରୁ ପାଠକମାନେ ତହିଁରୁ ଅବଗତ ଅଛନ୍ତି । କେତେକ ବର୍ଷ ହେଲା ଏ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗାରେ ନାଟ୍ୟାଭିନୟ ଆରମ୍ଭ ହୋଇ ବର୍ତ୍ତମାନ ଉନ୍ନତିକୁ ଲଭିଅଛି ଓ ସେଠାରେ ଦୁଇଦଳ ହୋଇଅଛନ୍ତି । ଏକଦଳ ବଙ୍ଗଳା ନାଟକର ଓ ଅନ୍ୟଦଳ ଓଡ଼ିଆ ନାଟକର ଅଭିନୟ କରନ୍ତି । ଗତ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜାରେ ବଙ୍ଗଳାଦଳ ଗ୍ରାମାଭିଷେକ ଓ ଚନ୍ଦ୍ରବଧ ଓ ଜଗାପାଗଳା ଇତ୍ୟାଦି ବଙ୍ଗଳା ନାଟକ ଓ ପ୍ରହସନର ଅଭିନୟ ଶୃଙ୍ଖଳିତ କରିଥିଲେ । ଏ ଦଳରେ ଶୁଦ୍ଧ ପାଞ୍ଚଜଣ ଉତ୍ତମ ଅଭିନେତା ହୋଇଅଛନ୍ତି ଯେ ସେମାନଙ୍କ ଅଭିନୟ ଉତ୍କୃଷ୍ଟ ହୋଇଥିଲା । ମୋଟରେ ଅଭିନୟ ଭଲ ହୋଇଥିଲା କେବଳ ଏ ଦଳରେ ଶିକ୍ଷିତ ନର୍ତ୍ତକ ନ ଥିବାରୁ ନୃତ୍ୟ ଗୀତ ଭଲ ହୋଇ ନ ଥିଲା । ଏ ଦଳର ପ୍ରଧାନ ଉଦ୍ୟମକାରୀ ବାବୁ ଇନ୍ଦ୍ରମୋହନ ବସୁ ଅଟନ୍ତି । ତାଙ୍କର ଘରଠାରେ ଉପର୍ଯ୍ୟୁକ୍ତ ଲକ୍ଷ୍ମୀପୂଜାକୁ ଦୁଇଦିନ ଅଭିନୟ ହୋଇଥିଲା ଓ ସେ ସଭାମଣ୍ଡପ ଉତ୍ତମରୂପେ ସଜାଇଥିଲେ । ବଙ୍ଗଳା ଅଭିନୟ ଦେଖିବାକୁ ଉତ୍କଳୀୟ ଦର୍ଶକ ଅଳ୍ପ ଥିଲେ ।

ଓଡ଼ିଆ ଅଭିନୟ ବାବୁ ଜଗନ୍ମୋହନ ଲାଲଙ୍କ ଘରଠାରେ ନବମୀ ପୂଜାଦିନ ହୋଇଥିଲା । ତାଙ୍କର ପୁତ୍ର ବାବୁ ରାମମୋହନ ଲାଲ ଏ ଦଳ ଗଠିତ କରିଅଛନ୍ତି ଏବଂ ଗୁରୁବେଷ୍ଟ ନାଟୁଆ ପିଲାଙ୍କୁ ଥିଏଟର ଶୈଳୀର ନୃତ୍ୟ ଗୀତରେ ସୁଶିକ୍ଷିତ କରାଇଥିବାରୁ ସେମାନଙ୍କ ଅଧିକାଂଶ ରୁଚିର ସଙ୍ଗୀତ ବେଶ ଓ ନୃତ୍ୟ ଗୀତ ଅତି ମନୋହର ଓ ଚମତ୍କାର ହୋଇଥିଲା । ଓଡ଼ିଆ ଅଭିନୟ ଦେଖିବାକୁ ଏତେ ଉତ୍କଳୀୟ ପୁରୁଷ ସ୍ତ୍ରୀ ଦେଖିବା ସକାଶେ ସମବେତ ହୋଇଥିଲେ ଯେ ପ୍ରଶସ୍ତ ସଭାସ୍ଥଳ ପୂର୍ଣ୍ଣ ହୋଇ ଏଣେ ତେଣେ ଅନେକ ଲୋକ ଦଣ୍ଡାୟମାନ ହୋଇଥିଲେ । ପ୍ରଶଂସିତ ରାମମୋହନ ବାବୁଙ୍କ ରଚିତ ନବ ନାଟକର ଅଭିନୟ ହୋଇଥିଲା । ତହିଁର ପ୍ରସଙ୍ଗ ଏହି ଯେ ଜଣେ ବୃଦ୍ଧରାଜାଙ୍କର ସୁଯୋଗ୍ୟ ଯୁବରାଜଙ୍କ ବିବାହ ତାଙ୍କ ମନ୍ତ୍ରୀକନ୍ୟା ସହିତ ସ୍ଥିର ହୋଇଥିଲା ମଧ୍ୟ ପାତ୍ର ପାତ୍ରୀଙ୍କର ପରସ୍ପର ପ୍ରୀତି ଜନ୍ମିଥିଲା । ଏମନ୍ତ ସମୟରେ ରାଣୀଙ୍କର କାଳ ହେବାରୁ ବୃଦ୍ଧରାଜା ପୁତ୍ରର ବିବାହ ସ୍ଥଗିତ ରଖି ବନ୍ଧୁବର୍ଗଙ୍କ ନିଷେଧ ନ ମାନି ଅତେ ଗୋଟିଏ ଯୁବତୀ କନ୍ୟାର ପାଣିଗ୍ରହଣ କଲେ । ଅଳ୍ପଦିନେ ସେ ଯୁବତୀ ବୃଦ୍ଧସ୍ୱାମୀଠାରେ ସନ୍ତୁଷ୍ଟା ନ ହୋଇ ତାଙ୍କର ଯୁବା ପୁତ୍ର ସଙ୍ଗେ ପାପାଲାପ କଲେ । ସେ ପୁତ୍ର ଓ ରାଣୀ ସ୍ୱଚ୍ଛନ୍ଦେ ରାଜ୍ୟ ଭୋଗ କରିବା ମାନସରେ ଷଡ଼ଯନ୍ତ୍ରରେ ବିଷାକ୍ତ ଦ୍ରବ୍ୟ ପ୍ରୟୋଗଦ୍ୱାରା ବୃଦ୍ଧରାଜାର ପ୍ରାଣନାଶ ଓ ସିଂହାସନ ଲାଭ କଲେ । ଯୁବରାଜ ସେ ସମୟରେ ବିଦ୍ରୋହ ଦମନାର୍ଥ ସ୍ଥାନାନ୍ତରକୁ ଯାଇଥିଲେ । ଜୟଲାଭ କରି ଫେରିଆସି ଏ ଘଟନା ଦେଖି ବିମାତା ଓ ଖୁଡ଼ୁତାଙ୍କ ସାନ୍ତ୍ୱନାରେ ପ୍ରବୋଧିତ ନ ହୋଇ ଜଣେ ଦାସୀଠାରୁ ସମସ୍ତ ବ୍ୟାପାର ଅବଗତ ହୋଇ ଖୁଡ଼ୁତାଙ୍କୁ ଯୁଦ୍ଧରେ ହତ କଲେ ଓ ସ୍ତ୍ରୀହତ୍ୟା ମହାପାପ ବୋଲି ବିମାତାକୁ ଛାଡ଼ିଦେଲେ ତହୁଁ ବିମାତା ଅବସର ପାଇ ଯୁବରାଜଙ୍କୁ ବିଷ ପ୍ରୟୋଗ ସମୟେ ତାଙ୍କର ଜଣେ ସଖା ରାଣୀଙ୍କୁ ହତ କଲେ ଓ ବିଷଜ୍ୱାଳାରେ ଅଳ୍ପକ୍ଷଣେ ଯୁବରାଜଙ୍କ ମୃତ୍ୟୁ ଘଟିଲା । ମନ୍ତ୍ରୀକନ୍ୟା ଏଥିର ସମ୍ବାଦ ପାଇ ମୃତ ଯୁବରାଜଙ୍କଠାରୁ ଅତି ଅବଶିଷ୍ଟ ବିଷ ପାନ କରି ନିଜ ସ୍ୱାମୀର ସହଗାମିନୀ ହେଲେ । ବୃଦ୍ଧାବସ୍ଥାରେ ବିବାହ ହେବା ଯେ କେତେ ଅନିଷ୍ଟକର ଏହାର ଦର୍ଶାଇବା ଏ ନାଟକର ଉଦ୍ଦେଶ୍ୟ ଓ ତାହା ସୁନ୍ଦରରୂପେ ସଫଳ ହୋଇଅଛି ।

### ପଟୁଆରୀ ।

ଜମିଦାରର ଜମି ଜମାର ପଟୁଆରି କାଗଜ ପତ୍ର ଲେଖି ସରକାରଙ୍କୁ ବୁଝାଇବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପୂର୍ବକାଳରୁ ନିଯୁକ୍ତ ଥିବା ପଟୁଆରମାନେ ବର୍ତ୍ତମାନ ବନ୍ଦୋବସ୍ତରେ ବରଖାସ୍ତ ହେବା ବିଷୟରେ ନିମ୍ନଲିଖିତ ପତ୍ର ପାଇ ସ୍ଥାନୀୟ ହାକିମ ଏବଂ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଦୃଷ୍ଟି ଏବଂ ସୁବିଚାରର ଆଶାରେ ଏଠାରେ ପ୍ରକାଶ କଲୁଁ ଯଥା :—

ମହାଶୟ !

ସନ ୧୮୩୬ ମସିହା ଅମଲ ତତ୍ପୂର୍ବେ ମାନ୍ୟବର ଗବର୍ଣ୍ଣମେଣ୍ଟ ଗୋଟିଏ 'ପଟୁଆରୀ' ପଦ ସୃଷ୍ଟି କରିଥିଲେ; ତହିଁ କାନୁନ୍‌ଗୋଙ୍କ ଅଧୀନସ୍ଥ ହୋଇ ମହାଲମାନଙ୍କ ଜମି ଜମା ସମ୍ବନ୍ଧୀୟ କାଗଜାତମାନ ଜିଲ୍ଲା କଲେକ୍ଟରଙ୍କ ନିକଟରେ ଦାଖଲ ଓ ଜମି ସମ୍ବନ୍ଧୀୟ ବିବାଦ (ଯେ କି ଅଧୁନା ସିଭିଲକୋର୍ଟ ଅମୀନଙ୍କଦ୍ୱାରା କର୍ତ୍ତବ୍ୟସୂତ୍ରେ ସାଧିତ ହେଉଅଛି) ନିଷ୍ପତ୍ତି କରୁଥିଲେ । ମହାଲର ଅଦାୟ ଜମା ଦୃଷ୍ଟିରେ ଜାୟଗିର ମଧ୍ୟ ଭୋଗ କରୁ ଥିଲେ । ଏମାନଙ୍କ ଉପରେ ଯେତେ କାର୍ଯ୍ୟର ଭାର ତାହା ପ୍ରାୟ କାହାରିକୁ ଅବିଦିତ ନାହିଁ । ଶ୍ରୀଯୁକ୍ତ ଜିଲ୍ଲା କଲେକ୍ଟର ୩୦।୧୧।୯୯ ରେ ପଟୁଆରମାନଙ୍କ ପ୍ରତି ଯେଉଁ ଆଦେଶ କରିଥିଲେ ତହିଁରେ ସ୍ପଷ୍ଟାକ୍ଷରରେ ଲିଖିତ ହୋଇଅଛି 'ଆଗାମୀ ବନ୍ଦୋବସ୍ତ ପରେ ପଟୁଆରୀମାନଙ୍କ ନିକଟରେ ବନ୍ଦୋବସ୍ତର ସର୍ଭେ କାଗଜପତ୍ର ରହିବ ଓ ତାଙ୍କ କାର୍ଯ୍ୟପ୍ରଣାଳୀ ବୃଦ୍ଧି ହେବ; ସୁତରାଂ ପଟୁଆରୀ କାର୍ଯ୍ୟପ୍ରାର୍ଥୀମାନେ ସର୍ଭେ ପ୍ରଣାଳୀମତେ ଉପଯୁକ୍ତ ହେବା ଆବଶ୍ୟକ' । ଏହି ଆଦେଶର ବଶବର୍ତ୍ତୀ ହୋଇ ସମସ୍ତ ପଟୁଆରମାନେ କଲେକ୍ଟର ସାହେବଙ୍କ ଆଦେଶାନୁଯାୟୀ ସର୍ଭେ ଅଫିସରଙ୍କଦ୍ୱାରା ସର୍ଭେ ଶିକ୍ଷାରେ କାର୍ଯ୍ୟୋପଯୋଗୀ ହୋଇ ଗତ ବନ୍ଦୋବସ୍ତରେ ନିଜ ନିଜର କର୍ତ୍ତବ୍ୟନିଷ୍ଠା ଦେଖାଇଅଛନ୍ତି । ସନ ୧୮୯୮ ମସିହାରେ ଜିଲ୍ଲା କଲେକ୍ଟର (ଯେକି ସମ୍ପ୍ରତି କମିଶନର ହୋଇଅଛନ୍ତି) ଶ୍ରୀ ଇଃ ଏଫ୍ ଗ୍ରାଇମ୍ସ୍ ସାହେବ ବହୁସ୍ଥାନ ତଦନ୍ତ ଇନ୍‌ସ୍ପେକ୍ସନ ସମୟେ ପଟୁଆରମାନଙ୍କ ଆପତ୍ତିରେ ମୌଖିକ ପ୍ରକାଶ କରିଥିଲେ ଯେ "ଯେଉଁମାନେ ଉତ୍ତମ ଲେଖା ପଢ଼ା ଜାଣନ୍ତି ଓ ସର୍ଭେ ପ୍ରଣାଳୀରେ ଶିକ୍ଷିତ ବୟସ ଅନ୍ୟୂନ ୨୦ ବର୍ଷ ଥିବ ସେହିମାନେ ଅବଶ୍ୟ କାର୍ଯ୍ୟ ପାଇବେ" । ସମ୍ପ୍ରତି ସନ ୧୮୯୮ ମସିହାଠାରୁ ଜିଲ୍ଲା କଲେକ୍ଟରଙ୍କ ଆଦେଶଯୁକ୍ତ ଓ ତହିଁ କାନୁନ୍‌ଗୋଙ୍କ ପ୍ରାପ୍ତ ପରୱାନାରୁ ପଟୁଆରମାନେ କାର୍ଯ୍ୟରୁ ଅବ୍ୟାହତି ପାଇବା ଓ ଜାଇଗିର ଜମିର ଖଜାଦାୟ ଜମା ଜମିଦାରଙ୍କ ଅଦାୟ ହେବାର ପ୍ରକାଶ ପାଇଅଛି । ବର୍ତ୍ତମାନ ପ୍ରକାଶରୁ ଦାଖଲଖାରିଜ ଆଦି କାର୍ଯ୍ୟମାନଙ୍କରେ କାନୁନ୍‌ଗୋଙ୍କ ଅଧୀନରେ ମୋହରର ରହିବାର ଯେ ଆଦେଶ ଲାଗିଅଛି ତହିଁରେ ଯୋଗ୍ୟ (ପଦଚ୍ୟୁତ) ପଟୁଆରମାନଙ୍କ ମଧ୍ୟରୁ ଉପଯୁକ୍ତତା ବିବେଚନାରେ କାର୍ଯ୍ୟ ନିଯୋଗ କରିବାର ଅସଙ୍ଗତ କି ? ଜାୟଗିରଭୋଗୀ ପୁରାତନ ପଟୁଆରମାନଙ୍କୁ ନୈରାଶ୍ୟ କରିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରେତ ନୁହେ ବୋଲି ପ୍ରାପ୍ତ ପରୱାନାରୁ ପ୍ରକାଶ ପାଉଅଛି, କଥାତ ନ୍ୟାୟପରାୟଣ ଭାରତ—ପାଳକ ଗବର୍ଣ୍ଣମେଣ୍ଟଙ୍କ ସୁଶୀତଳଛାୟାତଳେ ଇହାର ଦୃଷ୍ଟାନ୍ତ କେଉଁଠି ? କାର୍ଯ୍ୟକ୍ଷେତ୍ରରେ ପୁରାତନ କାର୍ଯ୍ୟକାରୀମାନଙ୍କୁ ମୁକ୍ତର ନ ରଖିବା ପ୍ରାୟ ସବୁ ଜଣାନୁମୋଦିତ, ଆଶାକରୁଁ ବଙ୍ଗୀୟ କମିଶନର ଜିଲ୍ଲା ମାଜିଷ୍ଟ୍ରେଟ ଏଥିର ସୁବିଚାର ଅବଲମ୍ବେ ଶୁଣାଇବେ । ଇତି

କଟକ, } ଶ୍ରୀ ବାଞ୍ଛାନିଧି ପଣ୍ଡା
ହେବଲା କଟକୋଷ୍ଠାହୁମା ସର୍ବସ୍ୱର୍ଗ

Split by PDF Splitter
Digitized by srujanika@gmail.com

Split by PDF Splitter



ପଞ୍ଚପ୍ରେରକଙ୍କ ସଙ୍ଗେ ଏକମତ ହୋଇ ଆମ୍ଭେମାନେ କହୁଁ ଯେ ପଟୁଆରମାନେ ଯେଉଁ କାର୍ଯ୍ୟ କରୁଥିଲେ ସେତେବେ ସେହି କାର୍ଯ୍ୟ ସହାୟେ ମୋହରିର ନିଯୁକ୍ତ କରିବାର ଆବଶ୍ୟକ ହେଲା ତେବେ ପଟୁଆରମାନଙ୍କ ଦ୍ୱାରା କାର୍ଯ୍ୟ ନ ହେବାର କଣ ହେତୁ ଦେଖା ଯାଉ ନାହିଁ। ଜମିଦାରୀ କାଗଜ ସଂରକ୍ଷଣ ଓ ସଂଶୋଧନ ପଟୁଆରମାନଙ୍କର କାର୍ଯ୍ୟ ଥିଲା। ବର୍ତ୍ତମାନ ମୋହରିରମାନେ ସେହି କାର୍ଯ୍ୟ କରିବାର ପ୍ରସ୍ତାବ ହେଉଅଛି। ମୋହରିର ହେବା ପାଇଁ ଯେଉଁ ଯୋଗ୍ୟତାର ଦରକାର ପଟୁଆରମାନେ ତାହା ଦେଖାଇବାକୁ ଚେଷ୍ଟା କରିବାର କ୍ଷମା ଅଯୋଗ୍ୟ ବ୍ୟକ୍ତିଙ୍କୁ ସରକାର ସେ କାର୍ଯ୍ୟରେ ରଖିବାକୁ ବାଧ୍ୟ ଥିବାର ଆମ୍ଭମାନଙ୍କ ଜଣା ନାହିଁ। ଆମ୍ଭମାନଙ୍କ ବିଶ୍ୱାସ ଯେ ଯୋଗ୍ୟତାର ଯେଉଁ ମାନଦଣ୍ଡ ସରକାର ସ୍ଥିର କରି ଦେବେ ପଟୁଆରମାନେ ତାହା ଲାଭ କରିବାକୁ ସକ୍ଷମ ହେବେ ଏବଂ ଯେ ଅଯୋଗ୍ୟ ହେବ ତାହା ସ୍ଥାନରେ ଅନ୍ୟ ଲୋକ ନିଯୁକ୍ତ ହେବ। କାନୁନଗୋଇଙ୍କ ସମ୍ପର୍କରେ ଏହି ନିୟମ ପ୍ରବଳ ରହିଅଛି ଏବଂ ପଟୁଆରଙ୍କ ପ୍ରତି ତାହା ପ୍ରଚଳିତ ହେଲେ ଅନ୍ୟାୟ ବୋଲି ଯିବ ନାହିଁ। ପ୍ରଭେଦ ଏତିକି ଯେ କାନୁନଗୋଇମାନେ ନଗଦ ବେତନ ପାଉଅଛନ୍ତି ଓ ପଟୁଆରମାନେ ଜାଗିର ଜମି ଭୋଗ ବେତନ ପାଉଥିଲେ। ମାତ୍ର ଜାଗିର ବେତନରେ ପଟୁଆରମାନେ ଅସନ୍ତୁଷ୍ଟ ଥିବାର ପ୍ରକାଶ ନାହିଁ। ପଟୁଆର ଜାଗିରମାନ ଖାରିଜ ହେବାରେ ସରକାରଙ୍କର ଲାଭ ହୋଇ ଅଛି। ଜମିଦାର ମାଲିକାନା ବୋଲି ପାଇଁ ଯାହା କଟି ଅଛି ତାହା ଏବଂ ତହସିଲ ଖରଚ୍ଚ ଓ ଦାୟିତ୍ୱ ତୁଳନାରେ କାମ ମାତ୍ର ବୋଲିବାକୁ ହେବ। ଫଳତଃ ପଟୁଆର ଜାଗିରରେ ଜମିଦାରର କଣ ? ଥିଲେ ମଧ୍ୟ ତାହା ଜଣା ପଡୁ ନ ଥିଲା। ବର୍ତ୍ତମାନ ତହିଁପାଇଁ ଗୋଟିଏ ଟିକସ ବସିଲେ ଜମିଦାର ଓ ପ୍ରଜା ଉଭୟଙ୍କୁ ବାଧିବ ଏବଂ ଘୋର ଅସନ୍ତୋଷ ହେବ ଏକ ଚୌକିଦାରୀ ଜାଗିର ବଦଳରେ ଟିକସ ହେଲା ସେମାନେ ନିତାନ୍ତ ବ୍ୟସ୍ତତା ଓ ଅସନ୍ତୋଷ ଭୋଗ କରୁଅଛନ୍ତି। ତହିଁ ଉପରେ ଆଉ ଗୋଟିଏ ଟିକସ ବସାଇ ଓ ଅସନ୍ତୋଷର ମାତ୍ରା ବଢ଼ାଇବା ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟଙ୍କର ଉଚିତ କାର୍ଯ୍ୟ ହେଉ ନାହିଁ। ଗବର୍ଣ୍ଣମେଣ୍ଟ ଏଥିର ପ୍ରତିକାର କରିବେ କି ?

# ପ୍ରାନ୍ତିକ ସମ୍ବାଦ।

## କଲିକତା-ଗେଜେଟ।

ଓଡ଼ିଶାବିଭାଗର ଅତିରିକ୍ତ ଓ ଡେପୁଟି କଲେକ୍ଟର ଚୁକ୍ତିର ୧୮୯୫ ସାଲର ୬ ଆଇନ ଅନୁସାରେ ପରୀକ୍ଷା ଆଗାମୀ ଜାନୁଆରୀ ତା ୨ ରଖ ମଙ୍ଗଳବାର ଓ ତହିଁର ପରଦିବସରେ ଦିବା ସ ୧୧ ଘ ସମୟରେ କମିଶନର ସାହେବଙ୍କ ଗୃହରେ ଗୃହୀତ ହେବ।

କେନ୍ଦୁଝର ଷ୍ଟେଟ ପ୍ରତାପ ଷ୍ଟେଟ ବୋଉଡ଼ର ସର୍ବସମ୍ପର୍କର ମାନେଜର ବାବୁ ... ସରକାର ନିଯୁକ୍ତ ହେଲେ।

## ସ୍ଥାନୀୟ ସମ୍ବାଦ।

ଗତ ବୁଧବାରଠାରୁ ମେଘ ଓ ବର୍ଷା ଅକାଳ ବର୍ଷା ହୋଇଅଛି ଏବଂ ଶୀତ ଅଳ୍ପ ହୋଇଅଛି।

ଏ ନଗରରେ ଓଲଉଠା ରୋଗ ଦେଖା ହୋଇଯାଇଛି।

ଏ ନଗର ବେଲଗଛ ... ନୂତନ ରେଲ୍‌ଷ୍ଟେସନ ଚାଲୁଥିବା ଅବସ୍ଥାରେ ତ ୧୧୦ ଘ ଅଙ୍କରେ ସ୍ଥାନ ହୋଇ ଯାଉଅଛି।

ଏ ନଗର ଜଗନ୍ନାଥବଲ୍ଲଭର ଚନ୍ଦ୍ରମଣି ନାମ ସ୍ଥାନରେ ଉଦ୍ଧାର କରଯିବ ନ ବନ୍ଧକଶ୍ରୀର କେତେକ ଲୋକ ତାହାକୁ ଟଣା ଦେଇ ଅନେକ କାଠ ୫ ୨୫୦ ଟା ମୂଲ୍ୟର ଅଳଙ୍କାର ନେଇ ଯାଇଥିଲେ। ପୁଲିସ ପ୍ରମାଣ ନ ପାଇ ଅସାମୀମାନଙ୍କୁ ଛାଡ଼ି ଦେବାରେ ଚନ୍ଦ୍ରମଣିଙ୍କ ଅପିଲ ଅନୁସାରେ ଡାକ୍ତର ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୁରଙ୍କ ପ୍ରତି ତଦନ୍ତ କରିବାର ଆଦେଶ ହୋଇଅଛି।

## ଗଞ୍ଜାମପୁର-ସମ୍ବାଦ।

କଟକର ଡାକଘର ଏଠାରୁ ପ୍ରାୟ ମାଇଲ ଦୂରରେ ଅବସ୍ଥିତ ଥିବାରୁ ଚଠିପତ୍ରାଦି ଗ୍ରାହକରେ ଦେବାକୁ ଅସୁବିଧା ହେଉଥିଲା। ଏଠି ଗ୍ରାମରେ ଗୋଟିଏ ଚିଠିବାକ୍ସ ଅଛିବାରୁ ସେହି ଅସୁବିଧା ଦୂର ହୋଇଅଛି।

ଚକ୍ରବର୍ତ୍ତୀ ସପୀପୁର ଗ୍ରାମବାସୀ ବଟବନ ସାହୁ ଓ ଚନ୍ଦ୍ରମଣି ନାୟକଙ୍କ ମଧ୍ୟରେ ଫୌଜଦାରୀ ହୋଇ ନାୟକଙ୍କ ସାକ୍ଷୀଙ୍କର ଅନ୍ତ ବାହାରପଟ୍ଟ ଅବରେ ପଞ୍ଚ ପ୍ରାପ୍ତ ହେଲ ଏବଂ ଅନ୍ୟ ଦୁଇଜଣ ଆଘାତ ପାଉଅଛନ୍ତି। ପୁଲିସ ତଦନ୍ତ କରୁଅଛନ୍ତି।

ପରମହଂସ ଗ୍ରାମରେ ଗୋଟିଏ ମାଙ୍କଡ଼ ପାଗଳ ହୋଇ ଅନେକ ଲୋକଙ୍କୁ ଦନ୍ତାଘାତ କରୁଅଛି।

ଶୁଣିଲୁଁ ବେଙ୍ଗଳବାସୀ ଦୁଇ ଜାନ ଏଠାରେ ଅପର ପ୍ରାଇମେରିସ୍କୁଲ୍ ମାଇନର ସ୍କୁଲରେ ପରିଣତ କରିବାର ମନସ୍ଥ କରୁଅଛନ୍ତି।

ଏଠାର 'ମକ୍ତବ' ( ଚଟଶାଳୀ ) ରେ ହୁକ ବାଳକ ଜଣ ଏବଂ ମୁସଲମାନ ବାଳକ ଓ ବାଳିକାମାନେ ପଢୁନ୍ତି। ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପର୍ଦ୍ଦାବେଷ୍ଟିତ ଘର ଅଛି। ଉତ୍କଳଦେଶରେ ଗୋଟିଏ ଦୁଇ ଜାଗା ଚଟଶାଳୀ ସ୍ଥାପନର ପ୍ରସ୍ତାବ ହୋଇଅଛି। ଏ ବିଷୟରେ କାଜ ମିର୍ଜା ସାହେବ ଉତ୍କଳୀୟ ହୁକ ଜନମାନଙ୍କ ସାହାଯ୍ୟ ଓ ସହାନୁଭୂତି ଲୋଡ଼ି ଅଛନ୍ତି।

ଗୋଇଠାର ମା ୬ ଇଞ୍ଚ ଦୂର ନାଥପଦରରେ ପ୍ରସିଦ୍ଧ 'କୋଶାକ୍ଷାସହେବ' ପାଇକ ଗୋସ୍ତାନ ଅଛି। ଶାନ୍ତି ସେପର୍ ସ୍ୱାସ୍ଥ୍ୟପ୍ରଦ ଦେହୁତଳ ପ୍ରାକୃତିକ ଦୃଶ୍ୟ ପରିପୂର୍ଣ୍ଣ ଅନ୍ତ କଟକର ହାକିମ ଜମାଦାର ଏଠାରେ ଗୋଟିଏ ମନୋହର ସଡ଼କ ନିର୍ମାଣ ଉପାୟ କରୁଅଛନ୍ତି।

କେବଳାଡ଼ରେ ଓଲଉଠା ରୋଗରେ ତି ୧୨ ଜଣ ଲୋକ ମୃତ୍ୟୁ ଲଭିଲେ। ବର୍ତ୍ତମାନ ଓଲଉଠା ସେଠାରୁ ବାହାର ହୋଇ ବଳପଦା ଓ ବେତଳୀରେ ଘଉଡ଼ାଳ କରୁଅଛି।

ଏ ଅଞ୍ଚଳରେ ଗତ ଦଶହରାଠାରୁ ଭଲ ବର୍ଷା ହେଉଅଛି। ମାତ୍ର ସରୁଅଛି ଦୁର୍ଭିକ୍ଷର ଆଶଙ୍କା ଯୋଗି ଯାଉଅଛି।

## ପୁରୀ-ସମ୍ବାଦ।

ଚିଉନିସିପାଲିଟୀ ନୂତନ ଜମାବନ୍ଦୀ କାର୍ଯ୍ୟ ଓ୍ୱାର୍ଡ କମିଶନରମାନଙ୍କଦ୍ୱାରା ହେଉଅଛି।

ଗତ ଶନିବାର ରାତିରୁ ୧ ବା ୨ ବର୍ଷା ଅନବରତ ହୋଇ ରବିବାର ପର୍ଯ୍ୟନ୍ତ ଚାଲିଥିଲା। ନଗର ରାସ୍ତା ଅନେକ ପଥମାନେ ବୁଡ଼ି ହୋଇଅଛି।

## ସାଧାରଣ ସମ୍ବାଦ।

ଜଗତ ଗୋବିନ୍ଦ ନିଜାଶ୍ରମାଲୟ ପୁତ୍ର ଗୋପାଳ ଅଗ୍ନି ନାଶ ହୋଇଥିବା ବିଷୟ ପାଠକମାନଙ୍କୁ ଜଣା ଅଛି। ଆଉ ରବି ନାଗପୁର ଏ ପୂର୍ବରୁ ବଳରେ ଗଳା ଚାରିଗଳ ଉଦ୍ଧାର ହୋଇ ଗତ ସିଦ୍ଧିପୁର ମାସ ତା ୨୨ ଦିନରେ ଚଳ୍ପ ଯାହାଙ୍କୁ ବଳ ଅଞ୍ଚଳ ଥିବା ଲୋକମାନଙ୍କ ଉଦ୍ଧାର କରିବ ବୃତ୍ତାନ୍ତ ପ୍ରକାଶ କରୁ ଅସୁବିଧା ହରଣାର୍ଥ ବାଳୀଚାଟ ଭଳଜ ଯେଉଁ ପନ୍ଥରେ ସେ ବର୍ତ୍ତମାନ ଦୁଃସମ୍ପାଦନରେ ଅନସ୍ଥିତ ଅବସ୍ଥାରେ ପଡ଼ିଅଛନ୍ତି। ଢାକାରଜାଗୀପର ଅସ୍ମାନଙ୍କର ସହାୟତା ହେବ କି ?

ଉଡ଼ାଣିଲ ଯେଉଁ ଗାନ୍ଧରେ ଭୂମିକମ୍ପ ହୋଇଥିଲା ସେଠାରେ ଘର ଦ୍ୱାର ଭୋଗିକ ହୋଇ ଲୋକଙ୍କୁ ଦଳନ କରୁଅଛି ଏଣୁ ନୂତନ ଘର ନିର୍ମାଣ ହୋଇ ପାରୁ ନାହିଁ। ଉସ୍ମଠାରେ ସରଳ ବଡ଼ା ଅତ୍ୟନ୍ତ ଅଧିକ ହେବାକୁ ପଡ଼ି ବାସୀନ୍ଦାମାନେ ପଦାରେ ପଡ଼ି ଅସୀମକଷ୍ଟ ଭୋଗ କରୁଅଛନ୍ତି।

ଜର୍ମାନୀ ଅଧିକାର ଯେଉଁ ଭୂଖଣ୍ଡ ଆପଣା ହାତରେ ନେଇଅଛନ୍ତି ସେଠାରେ ଗୃହ ବିଦ୍ରୋହ ଉପସ୍ଥିତ ହୋଇଅଛି ଏବଂ ହୋଟେଣ୍ଟାଟମାନେ ଜର୍ମାନର ଉପରେ ଖେଳା ହତ୍ୟା କରୁଅଛନ୍ତି।

ବଙ୍ଗଳାର ଚନ୍ଦ୍ରପୁରର ଜଣେ ମହାଜନ ଆପଣା ପ୍ରଚାରିଲ ହେଲେ କରିବ ଗୃହ କର ଅଣ ଅନ୍ୟ ମଳ୍ୟରେ ବନ୍ଧକ ରଖିଥିବା ଅପରାଧରେ ଧରି ତିନି ମାସ ସଶ୍ରମ କାରାଦଣ୍ଡ ପାଇଅଛନ୍ତି ଅଥବା ମିଳିଛି।

କଲିକତାର ଗୋଟିଏ ୮ ବର୍ଷ ବୟସ୍କ ବାଳକ ପଢ଼ାଇବା ଅସହାୟରେ ପଡ଼ିବାରୁ ଚାକର ଚିଠା ତାହାକୁ ସବୁ ବାହାର କରି ଦେଇଥିଲ। ଅଭିଭାବକମାନେ ସେ ଅପରାଧ ସରକାର ପାଇ ପାଇବାକୁ ଗୁହାରି କଲା ବାଳକଙ୍କ ଛଡ଼ାଇ ନେବାକୁ ତାହାର ଚିଠା ପୁଲିସରେ ଧରି ଦେଲା। ଚିଠା ଦଣ୍ଡରେ ପାଞ୍ଚବର୍ଷ ସଶ୍ରମ ସଂଶୋଧନଙ୍କରୁ ଶିକ୍ଷାର ଆଦେଶ ପାଇଅଛି।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀଯୁକ୍ତ "ଉତ୍କଳଦୀପିକା" ସମ୍ପାଦକ ମହୋଦୟ ସମୀପେଷୁ।

ମହାଶୟ !

ଅନନ୍ଦର ସହିତ ଜଣାଉ ଅଛୁଁ ଯେ ଅତ୍ରତ୍ୟ ଅଳ ଷ୍ଟେଟ ଯାଜନପୁର ଶ୍ରୀମନ୍ ଶ୍ରୀ ରାଜା ଶ୍ରୀ ବ୍ରଜସୁନ୍ଦର ଦେବ ବାହାଦୁରଙ୍କର ଗତ ଅକ୍ଟୋବର ତା ୨୨ ରଖ ରବି ଘ ୯ ଘା ସମୟରେ ଗୋଟିଏ ନବକୁମାର ଜନ୍ମଗ୍ରହଣ କରିଅଛନ୍ତି ଏଣୁ ସମସ୍ତ ଲୋକ ମହାଆନନ୍ଦରେ ଉଛୁଅଛନ୍ତି। ବାଦ୍ୟ, ନୃତ୍ୟ ଗୀତ, ଦେଶବାଜ ବାଣ, ବ୍ରାହ୍ମଣ ଓ ଗରିବମାନଙ୍କୁ ଅର୍ଥଦାନ ଇତ୍ୟାଦ ତାମାଉତ୍ସବ ଲାଗିଅଛି। ଶ୍ରୀ ଏକୋଇଶ।

Digitized by srujanika@gmail.com

Split by PDF Splitter



ନାତ ପର୍ଯ୍ୟନ୍ତ ସତ୍ୟଭାଗବତ ପାଠ ଇତ୍ୟାଦି ଲାଗିରହିବ ।

୮ । ଅଲି
ସ୍ୱଦଳ ଜଗତ
ତା ୨୩ । ୧୦ । ୦୫ } ବଶମ୍ବଦ ଶ୍ରୀ ବୃନ୍ଦାବନ ଦାସ ମୋହରର

ମହାଶୟ !

ବିରିମାଟୁର ଗ୍ରାମରେ ନିକଟକାଳରୁ ଥିବା Juvenile Association Theatrical Club ର ଯୁବକମାନେ ପ୍ରାଣପଣ ଚେଷ୍ଟା ଏବଂ ଅର୍ଥ ବ୍ୟୟଦ୍ୱାରା ସେହି କ୍ଳବ୍‌ଟିର ସମ୍ୟକ୍ ଉନ୍ନତି କରିଅଛନ୍ତି । ଗତ ଦୁର୍ଗାପୂଜା ନବମୀ ଗ୍ରହରେ ବଙ୍ଗଳା "ଅଜାମିଲର ବୈକୁଣ୍ଠ ଲାଭ" ନାଟକର ଅଭିନୟ ଦେଖାଇଥିଲେ । ଅଭିନୟ ଅତୀବ ସୁନ୍ଦର ହୋଇଥିଲା । ସେଥିମଧ୍ୟରେ ମେନେଜର ବାବୁ ବଳଭଦ୍ର ପ୍ରସାଦ ଦାସ, ସେକ୍ରେଟରୀ ବାବୁ ଶରତ୍‌ଚନ୍ଦ୍ର ମିତ୍ର ଓ ଗୋଟିଏ ୧୦ ବର୍ଷ ବୟସ୍କ ବାଳକ ବାବୁ ବିନୋଦବିହାରୀ ମିତ୍ର ସମସ୍ତଙ୍କ ଅପେକ୍ଷା ଅତି ଚମତ୍କାରରୂପେ ଅଭିନୟ କରି ଦର୍ଶକମାନଙ୍କର ଚିତ୍ତାକର୍ଷଣ କରିଥିଲେ । ବାବୁ ଭୁବନମୋହନ ସିଂହ ଗୀତଗୁଡ଼ିକ ଅତି ସୁନ୍ଦରରୂପେ ଗାଇଥିଲେ । ବାରବୋଡ଼ିଆର ସବ୍ ଓଭରସିୟର ଶ୍ରୀ ବାବୁ ପ୍ରିୟନାଥମୋହନ ମୁଖୁର୍ଯ୍ୟିଙ୍କଦ୍ୱାରା ସେହି "କ୍ଳବ" ନିମନ୍ତ୍ରିତ ହୋଇ ସେଠାରେ ଅଭିନୟ ଦେଖାଇ ଅତ୍ୟନ୍ତ ପ୍ରଶଂସା ପାଇଅଛନ୍ତି ।

ବାଙ୍କାବଜାର
କଟକ
ତା୨୪।୧୦।୦୫ରିଖ } ଆପଣଙ୍କର ବଶମ୍ବଦ ଶ୍ରୀ ଗୋପାଳଚରଣମହାନ୍ତି ଜନୈକ ଦର୍ଶକ

ମହାଶୟ !

ଗତ ପୂର୍ବ ସଙ୍ଖ୍ୟକ "ଦୀପିକା"ରେ ଓଡ଼ିଆ ସ୍କୁଲ ଇନସ୍ପେକ୍ଟର ମହୋଦୟଙ୍କ କଟକ ନଗରରେ ଉଚ୍ଚ ବାଳିକା ବିଦ୍ୟାଳୟ ସ୍ଥାପନ ବିଷୟକ ପତ୍ର ଖଣ୍ଡିକ ପାଠ କରି ଅତ୍ୟନ୍ତ ବିସ୍ମିତ ହେଲୁଁ । ପତ୍ରରୁ ପ୍ରକାଶ କଟକରେ ଏ ପ୍ରକାର ବିଦ୍ୟାଳୟ ପ୍ରତିଷ୍ଠା ପକ୍ଷରେ ସେ ଅନୁରକ୍ତ ନାହାନ୍ତି ହେଉନ୍ତୁ ବା ନ ହେଉନ୍ତୁ ତାଙ୍କ ଉପରସ୍ଥ ହାକିମ ଡାଇରେକ୍ଟର ମହୋଦୟଙ୍କ ହୁକୁମ ପାଳିବାକୁ ସେ ଅବଶ୍ୟ ବାଧ୍ୟ । କିଛିଦିନ ପୂର୍ବେ ଓଡ଼ିଶାର ତଦାନୀନ୍ତନ କମିଶନର ମାନ୍ୟବର ଶ୍ରୀଯୁକ୍ତ ଜେ, ଜି, ଗୁପ୍ତ ମହୋଦୟ ଯେତେବେଳେ ଠିକ ଏହିପରି ପ୍ରସ୍ତାବଟିଏ କରି ଏଠା ରେଭେନ୍‌ସା-ହିନ୍ଦୁ-ବାଳିକା ବିଦ୍ୟାଳୟଟିକୁ ଉଚ୍ଚଶ୍ରେଣୀରେ ପରିଣତ କରିବାକୁ ମନସ୍ଥ କରିଥିଲେ ସେତେବେଳେ ଏ ମହାଶୟ ପରା କହିଥିଲେ "କଟକରେ ସେ ସମୟ ଉପସ୍ଥିତ ହୋଇ ନାହିଁ" ? ଏଥିରେ ମାନ୍ୟବର କମିଶନର ମହୋଦୟ ଆପଣା ପ୍ରସ୍ତାବକୁ ପରିବର୍ତ୍ତନ କରି କେବଳ ବିଦ୍ୟାଳୟଟିକୁ ମଧ୍ୟଇଂରାଜୀ ଶ୍ରେଣୀକୁ ଉନ୍ନୀତ କରିବାପାଇଁ ଅଭିଳାଷୀ ହୋଇ ଉତ୍କଳର ରାଜା ମହାରାଜା ଏବଂ ଧନୀ ବ୍ୟକ୍ତିଙ୍କଠାରୁ ପ୍ରାୟ ୫୦୦୦ ଟଙ୍କା ଚାନ୍ଦାର ଅଙ୍ଗୀକାର ପ୍ରାପ୍ତ ହୋଇଥିଲେ । ମାତ୍ର ସେତେବେଳେ ସ୍କୁଲଇନସ୍ପେକ୍ଟର ବାହାଦୂରଙ୍କ ସେହି ଏକ କଥା— "ସମୟ ଉପସ୍ଥିତ ହୋଇ ନାହିଁ । ଅମ୍ଭେ ଏ ପ୍ରକାର ପ୍ରସ୍ତାବ ଡାଇରେକ୍ଟରଙ୍କ ସମୀପକୁ ପଠାଇ ପାରିବୁ ନାହିଁ ।" ବିଦ୍ୟାଳୟର କର୍ତ୍ତୃପକ୍ଷମାନେ ବାଙ୍କିପୁର, ଚଟ୍ଟଗ୍ରାମ, ମଇମନସିଂହ, ଢାକା ପ୍ରଭୃତି ସ୍ଥାନରେ ନବସ୍ଥାପିତ ଉଚ୍ଚ ବାଳିକାବିଦ୍ୟାଳୟମାନଙ୍କରୁ ହିସାବ ପତ୍ର ଆଣାଇ ସାହେବ ମହୋଦୟଙ୍କୁ ଦେଖାଇଥିଲେ ଯେ ଉକ୍ତ ବିଦ୍ୟାଳୟମାନଙ୍କର ଉଚ୍ଚଶ୍ରେଣୀମାନ ଏକାବେଳକେ ଶୂନ୍ୟ ରହିଥିଲେହେଁ ଗଭର୍ଣ୍ଣମେଣ୍ଟ ଉକ୍ତ ସ୍ଥାନମାନଙ୍କରେ ବିଦ୍ୟାଳୟମାନ ଚଳାଉଅଛନ୍ତି । ସେଥିରେ ସାହେବ ବାହାଦୂର କିଛି ରାଗାନ୍ୱିତ ହୋଇ କହିଥିଲେ "ସେଠା ଇନସ୍ପେକ୍ଟରମାନେ ଯାହା ଭଲ ବୁଝିଲେ ତାହା କଲେ । ଅମ୍ଭେ ଯାହା ଭଲ ବୁଝିବୁ, ତାହା କରିବୁ" । ସାହେବଙ୍କ ଜିଦ୍ କ୍ରମେ ବଢ଼ିଲା । ରେଭେନ୍‌ସା ବାଳିକା ବିଦ୍ୟାଳୟଟି ପ୍ରାୟ ୨୦ ବର୍ଷ ହେଲା ମଧ୍ୟବର୍ତ୍ତୀ ସ୍କୁଲର ଶ୍ରେଣୀରେ ପରିଣତ ହୋଇ ସ୍ତ୍ରୀଶିକ୍ଷା ବିସ୍ତାରରେ ଯଥେଷ୍ଟ ସାହାଯ୍ୟ କରିଆସୁଥିଲା । ସାହେବ କହିଲେ "ତାହା ହେବ ନାହିଁ । ଉଚ୍ଚଶ୍ରେଣୀମାନଙ୍କରେ ଛାତ୍ରୀ ସଂଖ୍ୟା ନିତାନ୍ତ କମ୍, ( ଏକାବେଳକେ ଶୂନ୍ୟ ନ ଥିଲା ) ଏହାକୁ ଅପର ପ୍ରାଇମେରୀରେ ପରିଣତ କରି ପୂର୍ବରୂପେ ଚଳାଅ । ନଚେତ୍ ଗ୍ରାଣ୍ଟ ବନ୍ଦ କରିଦେବୁ ।" ନିର୍ଜୀବ କର୍ତ୍ତୃପକ୍ଷ ବିଦ୍ୟାର୍ଥୀମାନେ ତାଙ୍କୁ ଅତିକ୍ରମ କରି ଉପରକୁ ଉଠି ପାରିଲେ ନାହିଁ । ଅଗତ୍ୟା ଆଦେଶ ପ୍ରତିପାଳନ କରିବାକୁ ବାଧ୍ୟ ହେଲେ । ଓଡ଼ିଶାର ସର୍ବୋଚ୍ଚ ହିନ୍ଦୁ ବାଳିକା ବିଦ୍ୟାଳୟଟିର ପରିଣାମ ସାହେବ ବାହାଦୂରଙ୍କ ହାତରେ ପଡ଼ି ଏହିପରି ହେଲା । କେବଳ ଦେଢ଼ବର୍ଷମାତ୍ର ପୂର୍ବେ ଯେଉଁ ଇନସ୍ପେକ୍ଟର ମହାଶୟଙ୍କର ଉତ୍କଳରେ ନାରୀ ଶିକ୍ଷାର ବିସ୍ତାର ବିଷୟରେ ଏପ୍ରକାର ଅଭିଜ୍ଞତା ନ ଥିଲା ସେତ ଉକ୍ତ, ଉଠାଇଥିଲେ ପ୍ରସ୍ତାବଟିକୁ ଶୁଣିବା ମାତ୍ରକେ ହଠାତ୍ ଲଙ୍ଘିଦେଇ ପାର ଥାନ୍ତେ—ତାକୁ ପୁଣି ଫୁଟାଇ ବାର ଚେଷ୍ଟା କାହିଁକି ? ସେଥିପାଇଁ କହୁଥିଲୁଁ ପ୍ରସ୍ତାବଟି ଶୁଣି ଅମ୍ଭେମାନେ ଅତ୍ୟନ୍ତ ବିସ୍ମିତ ହୋଇଅଛୁଁ ।

ଯେ ଯାହା ହେଉ, ଆପଣଙ୍କ ସହିତ ଏକ ମତ ହୋଇ ଅମ୍ଭେମାନେ ଡାଇରେକ୍ଟର ମହୋଦୟଙ୍କ ସାଧୁ ପ୍ରସ୍ତାବଟିକୁ ସର୍ବାନ୍ତଃକରଣରେ ଅନୁମୋଦନ କରୁଅଛୁଁ ଏବଂ ତାହା ଅଚିରେ କାର୍ଯ୍ୟରେ ପରିଣତ କରିବା ଲାଗି ଦେଶର ନେତାମାନଙ୍କୁ ବିନୀତ ପ୍ରାର୍ଥନା ଜଣାଉଅଛୁଁ । କଟକର ଏହା ଗୋଟିଏ ମହତ୍ ଅଭାବ ଏବଂ ଗଭର୍ଣ୍ଣମେଣ୍ଟ ଅଯାଚିତ ଭାବରେ ତାହା ପୂର୍ତ୍ତି କରିବାକୁ ଅଗ୍ରସର ହୋଇଥିବା ସ୍ଥଳେ କେବଳ ଆମ୍ଭମାନଙ୍କର ସହାନୁଭୂତି ଅଭାବରେ ଯଦି ତାହା ସଫଳ ନ ହୁଏ ତେବେ ଆମ୍ଭମାନଙ୍କ ଜାତୀୟ ଜୀବନରେ ଗୋଟିଏ ଗଭୀର କଳଙ୍କ ଚିରକାଳ ସକାଶେ ରହିଯିବ ।

କଟକ
ତା ୨୫।୧୦।୦୫ } ଶ୍ରୀ—

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବୃନ୍ଦାବନ ସାହୁ | [illegible] | ଟ [illegible] |
| " ମାସ୍ ଧନମହାନ୍ତି ମଲ୍ଲିକ | କେନ୍ଦ୍ରାପଡ଼ା | ଟ ୨ |
| " ସନାତନ ସାହୁ ଲହରିଲେ | ପୁରୀ | ଟ [illegible] |
| " ଈଶ୍ୱର ସାହୁ ତ୍ରିଣୀପାଠ | କଟକ | ଟ ୯ |
| " ଜଗନ୍ନାଥ ପ୍ରତିହାରୀ | ପୁରୀ | ଟ [illegible] |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ । ଢ । ଢେଙ୍କାନାଳ ସବ୍‌ଡିଭିଜନ ମଣି ମୁକାମରେ, ବ୍ରାହ୍ମଣୀ ନଦୀ କୂଳରେ ଓ ଉକ୍ତ ନଦୀ ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ପଡ଼ିଥିବା "୧୬ ଠାରୁ ୪୨" ପର୍ଯ୍ୟନ୍ତ ମୋଟର ଓ '୧୪ଠାରୁ ୧୬' ପର୍ଯ୍ୟନ୍ତ ଲମ୍ବର ଗୋ ୪୧୧୨ ଟା ଶିମିଳି ସାଲୁଆ ଓ ଅନ୍ୟାନ୍ୟ କାଠ ଢେଙ୍କାନାଳ ଷ୍ଟେଟର ଆସିଷ୍ଟାଣ୍ଟ ଫରେଷ୍ଟ ଅଫିସରଙ୍କ ଦ୍ୱାରା ଆଗାମୀ ନଭେମ୍ବର ମାସ ତା ୧ ରିଖ ଦିନ ନିଲାମ କରାଯିବ ଯେଉଁମାନଙ୍କର ନିଲାମରେ କାଠ ଧରିବାର ଇଚ୍ଛା ଥିବ ସେମାନେ ଉକ୍ତ ତାରିଖରେ ଉକ୍ତ ମଣି ମୁକାମରେ ଉପସ୍ଥିତ ହୋଇ ନିଲାମ ଧରିପାରିବେ ଓ ଉକ୍ତ କାଠମାନଙ୍କର ସମସ୍ତ ହାଲ ଷ୍ଟେଟର ଫରେଷ୍ଟ ଅଫିସରଙ୍କଠାରୁ ବୁଝି ପାରିବେ ।

Dhenkanal
Manager's office
18-10-1905 } Jagannath Dutt Asstt Manager For Manager.

## NOTICE.

### CUTTACK JEWELLERY WORKS.

ଏତଦ୍ଦ୍ୱାରା ଆମ୍ଭେମାନେ ଆନନ୍ଦର ସହିତ ଜଣାଉଅଛୁଁ କି ଯେ କଟକ ବକସିବଜାରଠାରେ ଆମ୍ଭେମାନେ ଦେଶୀୟ ଓ ବିଦେଶୀୟ ରୁଚାନୁସାର ଅଳଙ୍କାର ତିଆର କରିବାର ଯେଉଁ ଗୋଟିଏ ନୂତନ କାରଖାନା ଖୋଲିଅଛୁ ତାହା ଆଜକୁ ପ୍ରାୟ ଦଶମାସ ହେବ ଖୁବ୍ ସୁଖ୍ୟାତିର ସହିତ ଚଳିଆସୁଅଛି । ଏହି ଅଳ୍ପ ସମୟ ମଧ୍ୟରେ ଏହି କାରଖାନା ଯାହା ଉନ୍ନତି ଲାଭ କରିଅଛି ତାହା ନିମ୍ନଲିଖିତ କତିପୟ ମହାମନାଙ୍କ ସମସ୍ତେ ଅବ-

Digitized by srujanika@gmail.com

ଗତ ହୋଇପାରିବେ । ବର୍ତ୍ତମାନ ଅମ୍ଭେମାନେ ଉକ୍ତ କାରଖାନାକୁ ଗୋଟିଏ ବୃହତ୍ କମ୍ପାନୀ ସ୍ୱରୂପ ଗଠନ କରି ଯିନିସମାନ ଅଳ୍ପର ଶସ୍ତା ମୂଲ୍ୟରେ ଦେବା ନିମନ୍ତେ ମନସ୍ଥ କରୁଅଛୁ । ଉକ୍ତ କମ୍ପାନୀରେ ଯେଉଁମାନେ ଅଂଶୀଦାର ହେବାକୁ ଇଚ୍ଛା କରନ୍ତି ସେମାନେ ଆଗତ ଡିସେମ୍ବର ତା ୨୫ ରଖ ମଧ୍ୟରେ ତଳଲିଖିତ ଠିକଣାକୁ ଲେଖି ପଠାଇଲେ ସମସ୍ତ ବିଷୟ ଜାଣି ପାରିବେ । ପ୍ରକାଶ ଥାଉକି ଉକ୍ତ କାରଖାନା ସହିତ ଅମ୍ଭେମାନେ ଘଡ଼ୀ ଓ ଚଷମା ଇତ୍ୟାଦିର ଗୋଟିଏ ନୂତନ ଶାଖା ଖୋଲିଅଛୁ । ଆଶାକରୁଁ ଦେଶ ହିତୈଷୀ ଭଦ୍ର ବ୍ୟକ୍ତିମାନେ ଥରେ ଆସି ଦେଖିବାଦ୍ୱାରା ଆମ୍ଭମାନଙ୍କୁ ଚିରବାଧିତ କରିବେ

କଟକ } ଶ୍ରୀ ପରମାନନ୍ଦପ୍ରୁଷ୍ଟି ମେନେଜର
କଟକ ଯୁଆଲର ୱର୍କସ୍
୨୧।୧୦।୦୫ } ବକସିବଜାର କଟକ

Mr. F. N. FISCHER, the late Collector of Cuttack, who visited the above firm on the 9th October 1905, writes:—"Visited the Cuttack Jewellery works. The designs are neat and the work fine. I have ordered several things in filegree.

Mr. W. TEUNON, I. C. S. the late Session Judge of Orissa who took some silver stoppers from the above writes in a letter from Bhagalpure; "Messrs G. C. Prusty & Co. of Buxibazar supplied me with two silver stoppers. They were of very neat workmanship."

Babu BIDHU BHUSAN CHAKERBRATTY, the late Sudjudge of Cuttack who was a great patron of the above firm and visited several times writes:—"Visited the Cuttack Jewellery Works of G. C. Prusty & Co. of Buxibazar Cuttack. I was satisfied with every thing I saw. The workmanship is nice and the prices charged are moderate. I wish the concern every success. It deserves public encouragement and patronage."

Babu SURJONARAYAN DAS, additional Subjudge of Cuttack writes:—"I have much pleasure to certify that the firm of G. C. Prusty & Co. of Buxibazar Cuttack are turning out Jewelries and filigree works of good design and choyce. Recently I bought some of them which in respect of design and workmanship were creditable to the good reputation of the firm and gave me entire satisfaction. I trust the public will patronize as the articles appear to be cheaper than many other similar firms."

Babu G. C. GANGUL, professor, Ravenshaw College, who visited the workshop on the 5th March 1905, writes:—The time has come when our arts and industries should be actively encouraged by our country-men. The workmanship of the Art Wares I have seen is neat indeed, and I shall be glad to hear of the success of this business in the near future" Besides these there are several others which can be seen in our Visitor's book.





ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବର୍ଷ୍ୟାତ ସେହି **ଇଲେକ୍ଟ୍ରୋ ସାଲସା** ଶକ୍ତି ଓ ଅଲୌକିକ ଅଦ୍ଭୁତବୀର୍ଯ୍ୟଗୁଣ! ପ୍ରତ୍ୟକ୍ଷଫଳ

ଚିକିତ୍ସାଜଗତରେ ଯୁଗାନ୍ତର ଆଣିଅଛି । ଏହା ରକ୍ତଦୂଷଣର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତରକ୍ତ ମେହର ରୋଗ, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, ହୋସ୍ତ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ରତିଶକ୍ତିର ପୂର୍ଣ୍ଣବିକାଶ ହୁଏ ।

ଅବଶ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅଦ୍ଭୁତ ମହିମାର ଜ୍ୱଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ତାହାର ୨୩ ଖଣ୍ଡ ମାତ୍ର ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ରମୋହନ ଠାକୁରଙ୍କୁ ଲେଖିଅଛନ୍ତି:—"*** ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ ଦୁଷ୍ଟ ହେଲେ ତହିଁ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗଉରଚନ୍ଦ୍ର ଦେଓ ବେଢ଼ାଖୋଲରୁ ଲେଖିଅଛନ୍ତି—"*** ବହୁପ୍ରକାର ମୋହରେ ପଡ଼ି ଡାକ୍ତରୀ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ପ୍ରଶଂସା କରି ପାରିବି ନାହିଁ । ମୋତେ ଅଳ୍ପର "ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୧୲ ଆଠାରେ ଶିଶିକୁ ଭିଆନେମେ ଟ ୫ ଟ ୧୦ ଟ ୨୦ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ,—ଡବଲିଉ, ମେଜର ଏଣ୍ଡ କୋମ୍ପାନି, କଲିକତା


Split by PDF Splitter
Digitized by srujanika@gmail.com

Split by PDF Splitter



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

ମହିଳାମାନଙ୍କର ହେୟାର-ଲାଇନ ସୋହାଗର ସାମଗ୍ରୀ

କେଶର ସମ୍ବର୍ଦ୍ଧନ, ସମ୍ବର୍ଦ୍ଧନ ଓ ଶ୍ରୀସମ୍ପାଦନକାରୀ ମନୋହର କେଶ ତୈଳ । କେତୋଟି ଭେଷଜଗୁଣାନ




ସତ୍ୟ ପ୍ରସ୍ତୁତ ସୁଗନ୍ଧଯୁକ୍ତ, ଅନାଘ୍ରାଣ ସ୍ନିଗ୍ଧ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବିଶୁଦ୍ଧ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଅଭ ମହକ ପଡିବ । ମସ୍ତିଷ୍କ ସୁଶୀତଳ ହେବ । ନିଶ୍ଚୟ ଲୋକେ ମନୋହର ସୁଗନ୍ଧରେ ମଗ୍ନ ହେବେ । ଆପଣଙ୍କ ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନକୁ ଆସିଅଛନ୍ତି ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ ସୁଗନ୍ଧ ସମଭାବରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନ ସେତେ ତେତେ ବାହାରୁ ଥାଏ, ଯେପରି ଫୁଲର ଗନ୍ଧ ଶୋଭାଦିଏ । ଅତି ମୂଲ୍ୟବାନ ଅତର ଓ ବିଦେଶୀୟ ମ୍ୟାକେସ୍ସାର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାହତ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଭାବତଃ ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଅଠା ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଜିନିଷ ନହେ ମୁଣ୍ଡବିନ୍ଧା, ମୁଣ୍ଡ ବୁଲା, ଦୁଃଚିନ୍ତା ପ୍ରଭୃତି ଶିର ରୋଗର ମହୌଷଧ । ଚକ୍ଷୁ, ପଡଳ ଜାଳା, ଗାତ୍ର ଦାହ, ସବୁ ଖଡ଼ ପଡ଼ ହେବା, ପ୍ରାଣର ଅନୁକୂଳ ଭାବ, ସ୍ନାୟବୀୟ ଦୌର୍ବଲ୍ୟ ସହ ପଡିବା ପ୍ରାୟ ବୋଧ ହେବା, ଅନିଦ୍ରା, ଚିର ଚଞ୍ଚଳ ପ୍ରଭୃତି ଉପସର୍ଗ ଦୂରକରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଆଉ ନାହିଁ । ଏହା ଯୁବକ—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ନିତ୍ୟ ବ୍ୟବହାର କଲେ କେଶ ଉପୁଡିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଦୃଢ଼ତର ପରିମାଣରେ ବଢେ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକଦିନ ବ୍ୟବହାର କଲେ ଟାଙ୍ଗର ରୋଗ ନଷ୍ଟ ହୁଏ, ମୁଣ୍ଡର ରୁଷି ପ୍ରଭୃତି ନଷ୍ଟ ହୁଏ; କେଶ ଘନ କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢେ ନୂତନଶକ୍ତି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଆଦର ସାମଗ୍ରୀ ।

ମୂଲ୍ୟ ପ୍ରତି ଶିଶି ଟ ୨ (୩, ୬, ୧୨ ଶିଶି କ୍ରମାନୁସାରେ ଟ ୫୲, ଟ ୧୦୲, ଟ ୨୦ ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ ଡବଲଉ ମେଜର ଏଣ୍ଡ କୋମ୍ପାନୀ—କଲିକତା



ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଚିକିତ୍ସା ଜଗତରେ—ଯୁଗାନ୍ତର !!

ଅସାଧ୍ୟ ରୋଗର—ସାଧ୍ୟ ଔଷଧ ! !!

ହାଇଡ୍ରୋସିଲ-ଇଲିକସାର

ବା

କୋଷ ବୃଦ୍ଧିର ଅମୋଘ ଔଷଧ !

ଗତ ବର୍ଷ ୪ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଆମ୍ଭେମାନେ ଦୃଢ଼ତା ସହିତ କହୁଅଛୁଁ, ଏହି ପ୍ରଲେପ ଉପସ୍ଥିତରୁପେ ରେଗୁଲାର ସ୍ୱଚ୍ଛନ୍ଦ ବ୍ୟବହାର କଲେ ଏକଶିରା ବା କୋଷବୃଦ୍ଧି ଯେତେ ବଡ଼ ହେଉ, ସେତେ ସୁସ୍ଥ-ଭଳ ହେଉ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି ବୃଦ୍ଧିର ରୋଗ ଓ ତାହାର ବିଷମ ଯନ୍ତ୍ରଣାଦାୟକ ଉପସର୍ଗାଦିରୁ ନିଷ୍କୃତି ଏବଂ ଯନ୍ତ୍ରଣାରେ ଅଥଚ ରୋପଣଦ୍ରବ୍ୟରେ ଅରେ ଦେ ଉପର ବସନା କରନ୍ତି, ସେମାନେ ଥରେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଅଦ୍ଭୁତ ଉପକାରିତା ଜଣାଯାଏ ଅର୍ଥାତ୍ କେବଳ ରାତ୍ରି କାଳରେ ଔଷଧ ଲେପନ କରି ଡାକ୍ତର ନିୟମ ରକ୍ଷା ଶୟନ କଲେ କୋଷ ମଧ୍ୟସ୍ଥ ସଞ୍ଚିତ ଜଳ, ମାଂସ ତରଳ ହୋଇ ଘର୍ମବିନ୍ଦୁରୂପରେ ସମସ୍ତ ଜଳ କ୍ରମେ ଶୁଖିଯାଏ, ବାଣ୍ଡେଜ ପକ୍ଷ ହୋଇଯାଏ ଏବଂ କ୍ରମେ ଅଣ୍ଡ ଓ ସୁସ୍ଥ ହୋଇଯାଏ । ଯେଉଁମାନେ ଅରୋଗ୍ୟ ହେବା ବିଷୟରେ ହତାଶ ହୋଇଅଛନ୍ତି, ସେମାନେ ଏହି ମହୌଷଧଦ୍ୱାରା ସମ୍ପୂର୍ଣ୍ଣ ଉପକୃତ ହୁଅନ୍ତୁ । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା ଉତ୍ତେଜକ ଲକ୍ଷଣ ନାହିଁ, ଅଧିକ ବ୍ୟବହାର ସ୍ୱାସ୍ଥ୍ୟକରୂପ ।

ମୂଲ୍ୟ ପ୍ରତିଶିଶି ଟ ୧୲ ତିନି ଶିଶି ଏକତ୍ରରେ ଟ ୩୲ ୬ ଶିଶି ଟ ୬୲ ବା ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲଉ ମେଜର ଏଣ୍ଡ କୋମ୍ପାନୀ କଲିକତା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଆମ୍ଭ ନିକଟରେ ନିମ୍ନଲିଖିତ ସବାଇ ଓ ଗାମ୍ଛା ଯାବତୀୟ ଦର୍ଶାଇ ଉପସ୍ଥିତ ପ୍ରସ୍ତୁତ ଅଛି । ଯଥା:—

କଟକ ସବାରି ଫୁ ୭୲ × ୩, ଦୋହର ତକାଟ ମଇଳ ଓ ଚକଡ଼ାଗୋଡ଼ଆ ଲଗାଇ, ଗନ୍ଧ ଓ ସ୍ଥାନର ସହିତ ଏହା ଇଡର ଓ ଘରରେ

| | | |
|---|---|---|
| | ସ୍ଥିତିଶୀଳ ଲୁଗା ମଡ଼ାଣ | ଟ ୨୦୦୲ |
| ଏକାକ | ଛିଟ ଲୁଗା ମଡ଼ା | ଟ ୧୦୦୲ |

ସାଧାରଣ ସବାଇ ଗମ୍ଛା ଢାଠର ସବାରି

| | |
|---|---|
| ଲମ୍ବ ଦୁ ୫·୧୦ଇ × ଫୁ ୨·୯ଇ | ଟ ୨୫୲ |
| „ ୫-୭ × ୨-୭ | ଟ ୨୦୲ |
| „ ୫ × ୨-୭ | ଟ ୧୬୲ |

ଏହା ଛଡ଼ା ଅନ୍ୟ ବାଜେ ଢାଠର ଉଆସ ଏହି ମାପର କେଲେ ଟ ୨୫୲ ସ୍ଥଳେ ଟ ୧୮୲ ଟ ୨୦୲ ସ୍ଥଳେ ଟ ୧୬୲ ଏବଂ ଟ ୧୬୲ ସ୍ଥଳେ ୧୩୲ ଟଙ୍କାରେ ମିଳିବ । ଅତଏବ ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାର ଓ ଗାମ୍ଛାର ଫରମାସ ହେବ ସେପରି ଶୀଘ୍ର ତିଆର କରିଦେବୁଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୮।୧୦।୦୫ } ଶ୍ରୀ ମାସ୍କଳି ମାହାରଣା
କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ
ନିକଟ ଦରଘାବଜାର

Air Rifle

ଛରା ପାସିଲ ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଟୋଟାର ଆବଶ୍ୟକ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ ଫୁଟ ଦୂରତ୍ୱ ସଜୋରରେ ଏହାର ଗୁଳି ଯାଏ । ଏହା ଦ୍ୱାରା ହେଟ, ବତକ, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ପୁଷ୍କରିଣୀର ମତ୍ସ୍ୟ ଶିକାର କରାଯାଏ । ମନୁଷ୍ୟକୁ ମାରିଲେ ପ୍ରାଣର ହାନି ହୁଏ ନାହିଁ ଅଥଚ ତାକୁ ସାଂଘାତିକରୂପେ ଜଖମ କରାଯାଏ ଅଙ୍ଗାଧିକାରୀ ସାଧାରଣଙ୍କ ନିକଟରେ ରଖିବ ନ ଥିବାରୁ ରେଲ, ଉକାଏତ ଓ ଦସ୍ୟୁମାନଙ୍କ ହସ୍ତରୁ ଧନ ସମ୍ପତ୍ତି ଏବଂ ପରିବାର ବର୍ଗଙ୍କର ମାନ, ସମ୍ଭ୍ରମ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର । କିନ୍ତୁ ଏହି ବନ୍ଧୁକ ରୋଷେଇ ଘରେ ଥିଲେ ଆଉ ସେ ଭୟ ଆଉ ନାହିଁ । ଏହି ବନ୍ଧୁକ ଘରେ ରଖିବାରୁ ବା ବ୍ୟବହାର କରିବାକୁ ଗୁରୁତର ଲାଇସେନ୍ସ ନେବାକୁ ହୁଏ ନାହିଁ ଏବଂ ସହରପଥରେ ବ୍ୟବହାର କରାଯାଏ ।

| | |
|---|---|
| ମୂଲ୍ୟ "କିଂ" ବନ୍ଧୁକ ୧ | ଟ ୧୦୲ |
| "ଜୁଏଲ" ଟ ୧୨ ଓ୍ୱାର୍ଡର | ଟ ୧୨ |
| ଡ଼ଇସି ଟ ୫ ଗ୍ରିନ୍ | ଟ ୫ |

ପ୍ୟାକିଂ ଓ ପୋଷ୍ଟେଜ ଟ ୧ ଅଣା ।

ପ୍ରତ୍ୟେକ ବନ୍ଧୁକର ସହିତ ୧ ବୋଝା ଗୁଳି ଓ ବ୍ୟବହାରିକ ନିୟମାବଳୀ ବିନାମୂଲ୍ୟରେ ଦିଆଯାଏ ।

ପ୍ରାପ୍ତିସ୍ଥାନ

ମେସର୍ସ ମହିନ୍ଦ୍ର ଏଣ୍ଡ କମ୍ପାନୀ

୫୭।୪ ମିର୍ଜାପୁର ଷ୍ଟ୍ରିଟ

କଲିକତା

Digitized by srujanika@gmail.com

Split by PDF Splitter



# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛାପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ଚାଣକ୍ୟନୀତି ନୂତନସଂସ୍କରଣ | ଟ ୦ ୫ |
| ରାଧାରସାମୃତ ଗୀତା | ଟ ୦। |
| ଶ୍ରୀମଦ୍ଭାଗବତ ଦଶମ ଗୋପଲୀଳା ନୂତନ ସଂ | ଟ ୦ ॥ |
| ଜନ୍ମଷଷ୍ଠାଧ୍ୟାୟୀ ଅର୍ଥାତ ଦଶଜନ୍ମ କଥା | ଟ ୦। |
| ଶ୍ରୀମଣ୍ଡଳଗୀତା | ଟ ୦। |
| ଧର୍ମପୁରାଣ | ଟ ୦। |
| କୃଷ୍ଣ ଲୀଳା | ଟ ୦। |
| ବୈଷ୍ଣବାମୃତ ନୂତନ ସଂସ୍କରଣ | ଟ ୦। |
| ଅଗସ୍ତ୍ୟରକ୍ଷା | ଟ ୦୧୬ |
| ଚଟଶାଳୀ ପାଠ | ଟ ୦ ୬ |
| ଭାଗବତଗୀତା ୧ମ ଭାଗ | ଟ ୦। |
| " ୨ୟ ଭାଗ | ଟ ୦। |
| ବଜ୍ରପଞ୍ଜରମନ୍ତ୍ର | ଟ ୫ |
| ରୌଦ୍ରଜାତକ ମାନସ | ଟ ୦ ୫ |
| ହନୁମାନ ଚୌତିଶା | ଟ ୦ ୧୯ |
| ଗଜପତି ନାଟ | ଟ ୦। |
| ବୈଦ୍ୟଙ୍କ ଶ୍ଳୋକ ଓ ଅର୍ଥ | ଟ ୦ ॥ |

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ

# ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୫୬—୧୧୦ ଖ୍ରୀ

ସହଦେବ କଟକ ଉପନ୍ୟାସର ନବସୃଷ୍ଟ କଥା (ଯାହାର ଓ ବର୍ଣ୍ଣନାର ଅନ୍ତର୍ଗତ) ଓ ଚିତ୍ରପଟ ନାଟକର କାହିଁକି ସାହିତ୍ୟର ସାଧାରଣ ଓ ଅଭିନବ ଚଉପଣ ସୁବିବେଚିତ ହୋଇଅଛି ।

ମୂଲ୍ୟ ଟ ୦ ॥ ଡାଃ ମାଃ ଟ ୦ ୧୬

ପ୍ରଥମ ଖଣ୍ଡର ଅଳ୍ପ ସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି ।

ମୂଲ୍ୟ ଟ ୦। ଡାଃ ମାଃ ଟ ୦ ୧୬

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ ।

ନୂତନପୁସ୍ତକ ନୂତନପୁସ୍ତକ

| | | |
|---|---|---|
| ସଙ୍ଗୀତ କୁସୁମ | ୧ମ | ଟ ୦। |
| ସଙ୍ଗୀତ କଳ୍ପଲତା | ୧ମ | ଟ ୦। |
| ଶ୍ରୀକୃଷ୍ଣମାଳା | | ଟ ୦ ୬ |
| ଚତୁର୍ବର୍ଣ୍ଣ ପଦ୍ଧତି | ୧ମ | ଟ ୦ ୬ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ପ୍ରିଣ୍ଟିଂକମ୍ପାନୀରେ ପ୍ରାପ୍ତବ୍ୟ । ସଙ୍ଗୀତ କଳ୍ପଲତା ଓ ଚତୁର୍ବର୍ଣ୍ଣପଦ୍ଧତିର ଅନ୍ୟାନ୍ୟ ଭାଗମାନ ଶୀଘ୍ର ପ୍ରକାଶିତ ହେବ ।

ଜଗନ୍ନାଥବଲ୍ଲଭ
ପୁରୀ } ଶ୍ରୀ ସୁଦର୍ଶନ ଦାସଶର୍ମା

# ହରିବଂଶ

# ମହାଭାରତାନ୍ତର୍ଗତ

# ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା

# ଉପନିଷତ୍‌ସଂଗ୍ରହ ।

ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ପଣ୍ଡିତ ଗୋବିନ୍ଦ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୫

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଅସ୍ମ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଓ କୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ ରଥଙ୍କ ପୁସ୍ତକ ଦୋକାନରେ କମିଶନ ସହିତ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭେଲ୍ୟୁପେବଲରେ ପାଇଲେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଗୀତଗୋବିନ୍ଦ (ପରିବର୍ତ୍ତିତ ସଂସ୍କରଣ) | ଟ ୦। |
| ସଙ୍ଗୀତସାଗରର ପ୍ରଥମ ତରଙ୍ଗ | ଟ ୦ ॥୬ |
| ଏହାର ଦ୍ୱିତୀୟ ତରଙ୍ଗ | ଟ ୦ ॥ |
| ଏହାର ତୃତୀୟ ତରଙ୍ଗ | ଟ ୦ ॥ |
| ଏହାର ଚତୁର୍ଥ ତରଙ୍ଗ | ଟ ୦ ॥ |
| ଏହାର ପଞ୍ଚମ ତରଙ୍ଗ | ଟ ୦ ॥ |
| ଏହାର ଷଷ୍ଠ ତରଙ୍ଗ | ଟ ୦ ॥ |
| ସଙ୍ଗୀତ ସଞ୍ଚାର | ଟ ୦ ॥ |
| ରସଲେଖା (ଉପେନ୍ଦ୍ରଭଞ୍ଜ କୃତ) | ଟ ୦ ॥ |
| ପାରିଜାତମାଳା (ଶ୍ରୀମତୀ ? ଲକ୍ଷ୍ମୀ ଦେବୀ କୃତ) | ଟ ୦। |
| ଜାତୀୟ ସଙ୍ଗୀତ | ଟ ୦। |
| ବଙ୍ଗାଳୀ ବର୍ଣ୍ଣନା | ଟ ୦ ୧୧ |
| ସମରତରଙ୍ଗ | ଟ ୦। |
| ବାଲ୍ୟଶିକ୍ଷା | ଟ ୦। |

ଶ୍ରୀ ଦାମୋଦର ପଟ୍ଟନାୟକ

## ଦେଖନ୍ତୁ । ଦେଖନ୍ତୁ ।। ଦେଖନ୍ତୁ ।।।

ହରିଣ ଓଜନର ଅନାସ୍ତ ମୂଲ୍ୟ; ସ୍ୱଦେଶୀୟ ଟ ୩ ଙ୍କା ଉତ୍ତମ ଓଜନ ଟ ୩; ରେଳୱେ ଲେଭେଲ ଓଜନ ଟ ୭; କୋରଡ଼ଗଣ ଓଜନ ଟ ୨୫ ରୁ ଟ ୩୦ ଙ୍କା ପର୍ଯ୍ୟନ୍ତ; ବାଲା ଥାର୍ମୋମିଟର (ଜ୍ୱର ଓ ସ୍ନାନ ଜଳ ନିମନ୍ତେ) ଟ ୩ ଙ୍କା । ପ୍ରତ୍ୟେକ ସହିତ ଲେଖିବ ବ୍ୟବହାର ଓ ମୂଲ୍ୟ ନିରୂପଣ ରହିବ ।

ଅତି ଅଚଳ ବାଦ୍ୟ ଯନ୍ତ୍ର— ହାରମୋନିୟମ (ଫ୍ରାନ୍ସ) ଡବଲ ରିଡ଼ ଟ ୪୦ ରୁ ଟ ୧୨୫; ବେହେଲା ଟ ୭ ରୁ ୪୦ ଙ୍କା, ପିଲଙ୍କର ବ୍ୟବହାର ନିମନ୍ତେ ହାରମୋନିୟମ ଟ ୨୫ ଗ୍ରାମୋଫୋନ (ଦାବ ଛୋଟ ବାକ୍ସ) ଟ ୩୫, ଉତ୍ତମ ଟ ୬୦ ଓ ଟ ୭୫ ।

ଦାମ) ଟ ୦ ॥; ସୁନ୍ଦର ସୁବର୍ଣ୍ଣ ଫେଷନ ଟ ୦ । ଅଣ୍ଡା ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ; ନାଗର ଲଣ୍ଠନ ଟ ୧୫ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ଲାଭଜନକ ହେବ । ଏହା ବ୍ୟତୀତ ନାନା ପ୍ରକାରର ଘଣ୍ଟା ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦି ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ଷ୍ଟୋର୍ସ କୋଂ, ନଂ ୧୯ କଲେଜ ଷ୍ଟ୍ରୀଟ ଶ୍ୟାମବଜାର କଲିକତା ।

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ହେବାରୁ ସାଲସାକୁ ଉପାୟ ।

କୌଣସି ପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ବିଷ ହରଣ କରିବାରେ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲସା ଟ ୧୧

# ମିତ୍ର ବଟିକା ।

ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ସ୍ଥିର ହୋଇଅଛି, ମ୍ୟାଲେରିଆ ଜନିତ ସବୁପ୍ରକାର ପୁରାତନ ପ୍ଳୀହା ଯକୃତ ଜ୍ୱର ନିବାରଣ କରିବାର ଏହାଠାରୁ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କଲେ ଶରୀରରୁ ବିଷ ଦୂର ଓ ପ୍ଳୀହାଯକୃତ ଦୂର କରି ଶୀଘ୍ର ଆରୋଗ୍ୟ କରେ ଦୁର୍ବଳତାରେ ଉପଯୋଗୀ ଜାଣିବା ଉଚିତ ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶର ଲୋକେ ଏହି 'ମିତ୍ର ବଟିକା' ଅଳ୍ପ ଦିନରେ ସୁଖ ଅନୁଭବ କରିବେ ନାହିଁ ।

ଏହାର ବ୍ୟବହାର କରି ଅନେକ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର କୌଣସି ମନ୍ଦଫଳ ନାହିଁ ଯେ ଏହା ସେବନ ପରେ ମଧ୍ୟ ସେବନ କରିବେ । ଏହାରୁ କୁଇନାଇନର ଉପକାର, ଲାଭ ଓ ଦୁଗ୍ଧ ପାନ ବାଧା, ପଥ୍ୟ, ଦୁଗ୍ଧ, ଘୃତ ଭୋଜନ କରିବା, ସ୍ନାନାଦି ଓ ପରିଶ୍ରମ, ଏହାସବୁ ଅବସ୍ଥାରେ ଏହା ପ୍ରବଳ ବ୍ୟବହାର କରିବାକୁ ଆଶା କଲେ ମ୍ୟାଲେରିଆରୁ ନିସ୍ତାର ପାଇ ହେବ ।

ମୂଲ୍ୟ ।

| | | |
|---|---|---|
| ୧ କୌଟା | ୨୫ ବଟିକା | ଟ ୦ ୩ |
| ୧ " | ୫୦ " | ଟ ୧୧ |

ଡାକବ୍ୟୟ ପଠାଇଲେ ଟ ୦ ॥ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ॥ କମିଶନ ଲାଗିବ ।

N. N. Mitras Ringworm ointment.

ଏକ୍‌ ଏକ୍‌ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ପ୍ରଭୃତି କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସି ପ୍ରକାର ପୁରାତନ ଦାଦୁ ହେଉନା କାହିଁକି, ଏହି ଔଷଧ ଦୁଇ ତିନି ଦିନ ବ୍ୟବହାର କଲେ ମାତ୍ର ଦାଦୁ ଆରାମ ହେବ । ଅନେକ ବର୍ଷରୁ ୧୯୦ ବର୍ଷରେ ସାକ୍ଷୀପ୍ରେସ ଅଧ୍ୟକ୍ଷମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଅଭିଜ୍ଞମାନଙ୍କେ ପ୍ରଶଂସା ପତ୍ର ଦେଇଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକଖର୍ଚ୍ଚ | ଟ ୦ ॥ |
| ଭି, ପି, | ଟ ୦ ॥ |
| ଏକ ଭରିର ? | ଟ ୨॥ |

ଭାଗବତୀ ସୁଟକ

Digitized by srujanika@gmail.com

Split by PDF Splitter





# N. N. Mitra's

ବଙ୍ଗ ଦେଶର ମହୌଷଧ

ମିତ୍ରଙ୍କ ବଳବର୍ଦ୍ଧକର ମହୌଷଧ

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das. Mohorir
care of Kusum Kumar Sen Pleader
Cuttack.

# ଦ୍ୱିମାମୂଲ୍ୟେ ବିତରିତ

# ନବରତ୍ନ ।

# ଯାଦବର ଅର୍ଥାତ୍ ମହୌଷଧ

ଡାକ୍ତର ଶ୍ରୀ ଯାଦବଚନ୍ଦ୍ର ଦାସ

# କାଟୁର ମହୌଷଧ !

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ସୁଧାରତ୍ନ

# ସର୍ବକ୍ଷତାନ୍ତକମଲମ

# କାମକଳ୍ପତରୁ ରସାୟନ ।





Digitized by srujanika@gmail.com

Split by PDF Splitter

REGISTERED No. C 82



ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଏ ୪୦ ଭା } CUTTACK, SATURDAY THE 4th November 1905. { ଅଗ୍ରୀମ ଟ ୩୧

ସ ୪୬ ସଂ } ତା ୨୦ ନ କାର୍ତ୍ତିକ ସନ ୧୩୧୩ ସାଲ ଶନିବାର { ପଶ୍ଚାଦେୟ ଟ ୩୯

ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡର ସମ୍ପାଦକଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ବିଜ୍ଞାପନକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ସ୍ତମ୍ଭରେ ଧାଡ଼ପ୍ରତି ଟ ୦ ⁄ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୧ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଅନ୍ୟୁନ ଟଙ୍କା ଟ ୦ ୫ ଆରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସ୍ଥଳରେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ । ଅଧିକ ଥର ସ୍ଥଳରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

Wanted a Peshkar for the Baramba Manager's office on a salary of Rs. 20 (Twenty only) per mensem. None need apply who has not passed the Entrance Examination of the Calcutta University and has no experience in Pesh work. Applications with copies of testimonials and certificate of good conduct will be received by the undersigned up to the 7th proximo.

Baramba Manager's office. 16-10-1905. } Bhagawan Mohapatra, *Manager*

Wanted a graduate strong in English and mathematics for the post of Head Master of the Khurda H. E. School on a salary of Rs. 60 per mensem with prospect of increment and with free quarters. Preference will be given to one who has experience in class teaching and school work. None need apply who will not stick to the post for at least 2 years. Applications with copies of testimonials will be received by the undersigned up to the 10th November 1905. Applicants should state their age in their applications.

Khurda 25-10-05 } A. W. Stark, *Secretary.*

IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says:—That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.

## NOTICE.

Wanted a Head master on a salary of Rs. 16 a month for the Santrapur M. E. Shool. None need apply who has not passed the Entrance Examination. Applications with testimonials to be received by the undersigned up to the 12th November next.

Cuttack 24-10-05. } Binod Lal Bose, Secretary, Kathgurah Shahi

ବିଜ୍ଞାପନ ।

ବିନାବା ଜିଲ୍ଲା ଅନ୍ତର୍ଗତ ଗଞ୍ଜା ମଧ୍ୟଇଂରେଜୀ ବିଦ୍ୟାଳୟ ନିମିତ୍ତ ମାସିକ ଟ ୧୪ ଙ୍କା ବେତନରେ ଏକଜଣ ହେଡ଼ ପଣ୍ଡିତ ଏକାନ୍ତ ଆବଶ୍ୟକ । ଯେଉଁମାନେ କଟକ ଟ୍ରେନିଂ ସ୍କୁଲରୁ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବର୍ତ୍ତମାନର ନୂତନନିୟମାନୁଯାୟୀ ଶିକ୍ଷା ଦେବାର ଉପଯୁକ୍ତ ହେବେ କେବଳ ସେହିମାନେ ଆବେଦନ କରିପାରି-ବେ । ପରୀକ୍ଷାର୍ଥୀମାନେ ଚଳିତ ଅକ୍ଟୋବରମାସ ତା ୩୧ ରିଖ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଆବେଦନପତ୍ର ପଠାଇବେ । ଇତି ।

ପୋଷ୍ଟ ଅଃ ଗଞ୍ଜା । ଜି । କଟକ । ତା ୧୯।୧୦।୦୫ ମସୀହା } K. C. Sarkar, ମେନେଜର । ଜି । କଟକ ।

## ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବଙ୍ଗଳା "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ ହେବ । ପ୍ରତିଖଣ୍ଡର ମୂଲ୍ୟ ଟ ⁄ ଓ ମଫସଲକୁ ଡାକ ମାସୁଲ ଟ ୦ । ଲାଗିବ ।

ଶ୍ରୀ ରାମଶଙ୍କର ରାୟ କଟକ ।

ବିଜ୍ଞାପନ ।

ସ୍ୱଦେଶୀବସ୍ତ୍ର ! ସ୍ୱଦେଶୀବସ୍ତ୍ର !! ସ୍ୱଦେଶୀୟ ବସ୍ତ୍ର !!!

ବୋମ୍ବାଇ ଓ ଅହମ୍ମଦାବାଦ ମିଲର ଧୋତି, ଗାମ୍ଛା, ଶାଢ଼ୀ, ବିଛଣାଚାଦର, କୋର୍ଟ ଓ ମୋଜା ପ୍ରଭୃତି, ସମସ୍ତ ବ୍ୟକ୍ତିଙ୍କର ବ୍ୟବହାର୍ଯ୍ୟ ବସ୍ତ୍ରମାନ ଆମ୍ଭେ ଆଣାଇଅଛୁ । ବିଲାତି ଅପେକ୍ଷା ଏହାର ମୂଲ୍ୟ ଅଧିକ ନୁହେ । ସାଧାରଣଙ୍କ ଅନୁରୋଧ, ଥରେ ଆମ୍ଭ ଦୋକାନକୁ ଆସି ନିଜ ନିଜର ଆବଶ୍ୟକୀୟ ବସ୍ତ୍ର କ୍ରୟ କରିବାଦ୍ୱାରା ଆମ୍ଭଙ୍କୁ ଉତ୍ସାହିତ କରିବେ । ମଫସଲକୁ ଭି, ପି, ଦ୍ୱାରା ପଠାଇବାପାଇଁ ପ୍ରସ୍ତୁତ ଅଛୁ । ଇତି ।

୨୨।୧୦।୦୫ } ଶ୍ରୀ ଶୁକଦେବ ରାମ, ନୂଆସଡ଼କ କଟକ

Digitized by srujanika@gmail.com

ଏତଦ୍ୱାରା ଅମ୍ଭର ତକ୍ଷାଯୁକ୍ତ ଯାଜପୁର ଓ ଧାମନଗର ଥାନା ଇଲାକାର ଦରବସନ ମାଲ-ଗୁଜାରଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ବନମାଳୀ ପଲଇ । ସା । ଅଳଇପଡ଼ା । ପ୍ର । ଯାଜପୁର ଅମ୍ଭର ଅମଲ୍‌ମୋକ୍ତାରପ୍ରାପ୍ତ କାରପର-ଦାଜ ଥିଲେ ତାଙ୍କୁ ଅମ୍ଭେ ସନ ୧୩୧୨ ସାଲ ଆରମ୍ଭରୁ ବରଖାସ୍ତ କରଅଛୁଁ ଅମ୍ଭର ପ୍ରାପ୍ୟ ଖଜଣା ଓ ସଜଭାଗ ଧାନ ପ୍ରଭୃତି ଉକ୍ତ ବନ-ମାଳୀ ପଲଇ ବା ତାହାର ପିତା କୃଷ୍ଣପଲଇ ଓ ବରଖାସ୍ତି ଯେଉଁ ଅମିଲଙ୍କୁ ଓ ଅମ୍ଭର ଖର୍ଚ୍ଚ, ଏକରାରନାମା ସହିତଙ୍କୁ ଦେବ ନାହିଁ, ଦେଲେ ଆଉକ ଅନୁଯାଇ ମଞ୍ଜୁର ପାଇଯାଉବ ନାହିଁ । ଅମ୍ଭର ପ୍ରାପ୍ୟ ଖଜଣା ଓ ଗେର ଅମ୍ଭ କଚେରୀରେ ଅମ୍ଭଙ୍କୁ ଅଥବା ଅମ୍ଭର ମୋକ୍ତାରପ୍ରାପ୍ତ କର୍ମଚାରୀଙ୍କୁ ଦେଇ ଦାଖିଲା ନେଇଯାଉଥିବ ନେବ ଉକ୍ତ ବନମାଳୀ ପଲଇଙ୍କୁ ସନ ୧୯୦୪ ମସିହା ମଇ ମାସ ତା ୨୪ ରଖ ଲିଖିତ ରେଜେଷ୍ଟ୍ରୀ ସଂଯୁକ୍ତ ମୋକ୍ତାରନାମାରେ ଯେ ସମସ୍ତ କ୍ଷମତା ଦିଆଯାଇଥିଲା ତାହା ସମସ୍ତ ରହିତ କରା ଯାଇ-ଅଛି ଜାଣିବ । ଇତି । ୧୯।୧୦।୧୯୦୫ ମସିହା

ଜମିଦାର

ଶ୍ରୀ ଭଜନବନ୍ଧୁ ନେଶାବନ୍ଧ

। ସା । ଅଳଇପଡ଼ା । ପ୍ର । ଯାଜପୁର

---

ଗଭର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ଜଗନ୍ନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସୁଗନ୍ଧ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ଝଡ଼ିବା ବନ୍ଦ ହୁଏ, ମସ୍ତକର ରୁକ୍ଷ ନାଶ ହୁଏ, ଓ କେଶ, ପାକିବା ନିବାରିତ ହୁଏ । ତାଛଡ଼ା, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବୀୟ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ବଉଳାଘାତ, ଦୃଷ୍ଟି ଦୌର୍ବଲ୍ୟ ଏ ସାଗର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ନୂତନ ଜନ୍ମିତ, ମନ୍ଦ ସଙ୍ଗ ସମ୍ବନ୍ଧୀୟ ସବୁ ପ୍ରକାର ମେହ, ପୁରାତନ ମେହ, ସନ୍ତ୍ରଣାଦ୍ରାବ ପୁଜ ଏବଂ ରକ୍ତ ଦୁର୍ଗନ୍ଧର ପ୍ରଧାନ ଔଷଧ । ରୋଗୀ ବୃଦ୍ଧ ହେଲେ ଅବସ୍ଥା କହି ଆରୋଗ୍ୟ ଲାଭ କରନ୍ତୁ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯାଏ ।

ଦୁଇଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷

ଡାକମାସୁଲ ଟ ୦ ।୵

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ, ଅନିୟମ ପେଟର ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବକାଳରେ ... ରୋଗର ଆଶଙ୍କା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷

ଡାକ ମାସୁଲ ଟ ୦ ।୵

## ଅମୃତ ବଲ୍ଲୀ କଷାୟ ।

ପାରଦୋଷଜ ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ

ଦୁଇ ଶିଶିର ମୂଲ୍ୟ ଟ ୧୷ ଡାକମାସୁଲାଦି ଟ ୦ ।୵

## ଶୋଣିତ ଶୋଧକ ।

ଜାତ ରକ୍ତ ଓ ଚର୍ମ ରୋଗର ଏକ ପ୍ରକାରର ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲାଦି ଟ ୧

# ରତିବିଲାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁଅଭ୍ୟାସ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦।

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲାଦି ଟ ୦ ।୵

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ

କଟକର ଏକମାତ୍ର ଏଜେଣ୍ଟ:

ବାଲୁବଜାର, ଚାନ୍ଦନୀଚୌକ, କଟକ

ଅଥବା ଜଗେନ୍ଦ୍ରନାଥ ସେନ କବିରାଜ

୧୮।୧ ଓ ୧୯ ଲୋଅରଚିତପୁର ରୋଡ

କଲିକତା

---

# ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବର୍ଥୌଷଧ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକ୍ରୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ-ନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋ-ଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷ ଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା-ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ଅଳ୍ପ ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆଦ୍ୟପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ ପତ୍ରର ସ୍ଥଳ ଭିନ୍ନ ରେଲ୍‌ପେବଲ ପାର୍ଶ୍ୱ-ଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜବାବୀ ପୋଷ୍ଟ କାର୍ଡ ବା ଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ, ଚଉଧୁରୀବଜାର, କଟକ, ୩୦।୯।୧୯୦୪ — ଶ୍ରୀ ବାଳକୃଷ୍ଣଦାସ, କବିରାଜ; ଶ୍ରୀ ଘନଶ୍ୟାମ ମିଶ୍ର, ମାନେଜର

---

# NERVE-VIGOR

# ସ୍ନାୟୁଶକ୍ତି ବର୍ଦ୍ଧନ

ଡାକ୍ତର ହାରଗ୍ରିଭ ସାହେବଙ୍କର ଆବିଷ୍କୃତ ଏହି




ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସ୍ନାୟୁ ସମ୍ବନ୍ଧୀୟ ରୋଗର ଅତ୍ୟନ୍ତ ନିର୍ଦ୍ଦୋଷ ଏବଂ ବିଶେଷ ଗୁଣ-କର ମହୌଷଧରୂପେ ଭାରତ ଭୁବନଦର୍ଶିତ ଖ୍ୟାତି ଲାଭ କରୁଅଛି;— ସ୍ନାୟବୀୟ ରୋଗମାନଙ୍କର ନାମ ଯଥା;—

୧ ଅତ୍ୟଧିକ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ ଜନିତ ରୋଗ, ଅତିଶୀଘ୍ର ବା ଯୌବନଜନିତ ଦୋଷ ହେତୁ ସ୍ନାୟବୀୟ ଦୁର୍ବଳତା, ଶରୀର ଭଙ୍ଗ ହାନି, କାନ୍ତି, ମାନସିକ ବା ଶାରୀରିକ ଦୌର୍ବଲ୍ୟ, ମସ୍ତକଘୂର୍ଣ୍ଣନ, ସ୍ମରଣ ଶକ୍ତିର ହ୍ରାସ, ମାନସିକ ଉଦ୍‌ବିଗ୍ନତା, ଭୟଙ୍କର ସ୍ୱପ୍ନ, ଅନିଦ୍ରା, ଦୃଷ୍ଟିଶକ୍ତିହ୍ରାସ, ମୋହ, ଅଧସ୍ମୃତି ବା କୌଣସି କାର୍ଯ୍ୟ ସ୍ଥିରଚିତ୍ତେ ଅକ୍ଷମତା, ମାଂସପେଶୀ ଏବଂ ଅଙ୍ଗ ବିଶେଷର ଶିଥିଳତା, ଅବାଞ୍ଛନୀୟ, ଜୀବନୀ ଶକ୍ତିର କ୍ଷୀଣତା, ଧ୍ୱଜଭଙ୍ଗ ଇତ୍ୟାଦି—ସ୍ନାୟବୀୟ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅତି କ୍ରିୟାକାରକ ଏବଂ ଚିରସ୍ଥାୟୀ ଫଳପ୍ରଦ;

ସେବନ ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅବିଳମ୍ବେ ଅଦୃଶ୍ୟ ହୁଏ ଏହା ବାସ୍ତବରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏହାର ବ୍ୟବହାର ପରେ ଶାରୀରିକ ସ୍ୱଚ୍ଛନ୍ଦତା, ବଳ ଏବଂ ଶକ୍ତିର ସହିତ ସ୍ନାୟବୀୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ବହୁକାଳ ଅନୁଭବ କରି ନ ଥିଲ ତାହା ହଠାତ୍ ଅନୁଭବ କରେ ।

ତିନିସପ୍ତାହ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧୷

ଜାଲ ଔଷଧ ବିକ୍ରେତାମାନଙ୍କର ପ୍ରତାରଣା ନିବାରଣ ନିମିତ୍ତେ ପ୍ରତ୍ୟେକ ବୋତଲ ଦେଖିବେ ଆମ୍ଭର ନାମ ଏବଂ ଠିକଣା ଛପା ହୋଇଥିବା ଲେବେଲ ଅଛି । ଔଷଧ ଡାକରେ ମଗାନ୍ତୁ ।

ଠିକଣା—ଇ; ପି; ଏଣ୍ଡ ସି; ୱାର୍କସ୍, ଇଣ୍ଟାଲି କଲିକତା ।

The E. P. & C. Works,
Intally CALCUTTA.

Split by PDF Splitter

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଅଠଗଡ଼ ରାଜ୍ୟ ଜଙ୍ଗଲରେ ଅଳ୍ପ ଦିନ ହେଲା ଗୋଟାଏ ମନୁଷ୍ୟଖିଆ ମହାବଳ ବ୍ୟାଘ୍ର ଅତ୍ୟନ୍ତ ଉପଦ୍ରବ କରି ୧୪ ଜଣ ମନୁଷ୍ୟ ମାରି ଥିବାରୁ ତାହାକୁ ନିପାତ କରିବା ନିମନ୍ତେ ସମସ୍ତ ଯତ୍ନ କରାଯାଉଥିଲେହେଁ କୌଣସି ଫଳ ହୋଇ ନାହିଁ ।

ଯଦ୍ୟପି କୌଣସି ଲୋକ ଉକ୍ତ ବ୍ୟାଘ୍ରକୁ ମାରି ପାରିବ ତେବେ ତାହାକୁ ଆଜୀବନ ମାଣେ ଭୂମି ଓ ଏକକାଳୀନ ପଚାଶ ଟ ୫୦ଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ।

ଏତତ୍ସମ୍ବନ୍ଧୀୟ ବିଶେଷ ବିବରଣ ନିମ୍ନସ୍ୱାକ୍ଷରକାରଙ୍କ ନିକଟରୁ ଲେଖିଲେ ଜଣାଯିବ ।

ଅଠଗଡ଼ ରାଜଅଫିସ୍ } Srinath Samanta
୩୧।୧୦।୦୫ } *For Raja.*

# ଉତ୍କଳଦୀପିକା ।

ଗତ ମାସ ତା ୨୧ ଋଣରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗ ରୋଗଦ୍ୱାରା ୩,୬୩୬ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୩,୩୧୬ ତୁଳନାରେ କିଛି ଊଣା ଥିଲା । କେବଳ ବୋମ୍ବାଇ ପ୍ରେସିଡେନ୍‌ସିରେ ୨,୭୩୩ ମୃତ୍ୟୁ ଘଟିଥିଲା । ଅନ୍ୟାନ୍ୟ ପ୍ରଦେଶ ମଧ୍ୟରେ ମଧ୍ୟଭାରତରେ ୪୫୫ ଥିଲା ଓ ବାକି ପ୍ରଦେଶମାନଙ୍କରେ ଊଣା ଅଛି ।

---

ବଙ୍ଗୀୟ ପ୍ରଜାସତ୍ୱ ଅଇନର ଧାରା ୫୪ ର ଅନୁସାରେ ବଙ୍ଗର ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଏହି ନିୟମ କରିବାର ପ୍ରସ୍ତାବ କରିଅଛନ୍ତି ଯେ ଯେଉଁଠାରେ ଉକ୍ତ ଧାରା ପ୍ରଚଳିତ ହୋଇଅଛି ସେଠାରେ କୌଣସି ପ୍ରଜା ତାହାର ଖଜଣା ଡାକଘର ମନି ଅର୍ଡର ଯୋଗେ ପଠାଇ ପାରିବ । ଏହି ପ୍ରସ୍ତାବ ପ୍ରତି କାହାର ଆପତ୍ତି ଥିଲେ ଆସନ୍ତା ନବେମ୍ବର ମାସ ତା ୨୪ ଋଣରେ ଜଣାଇବା ନିମନ୍ତେ କଲିକତା ଗେଜେଟରେ ବିଜ୍ଞାପନ ଦିଆଯାଇଅଛି ।

---

ମାନ୍ଦ୍ରାଜ ଏଷ୍ଟେଟ ଲ୍ୟାଣ୍ଡବିଲ୍ ( ଜମିଦାରୀ ଜମିସମ୍ବନ୍ଧୀୟ ଆଇନର ପାଣ୍ଡୁଲିପି ) ସେହି ପ୍ରଦେଶର ପ୍ରଧାନ ଭାଷା ସମୂହରେ ଅନୁବାଦ ହୋଇଥିବା ସ୍ଥଳେ ଓଡ଼ିଆ ଭାଷାରେ ଅନୁବାଦିତ ହେବା କାରଣ ଆମ୍ଭେ ପ୍ରଜାବର୍ଗ ଅନୁରୋଧ କରିଥିଲେ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ସେହି ଅନୁରୋଧ ଯୁକ୍ତିସଙ୍ଗତ ବିବେଚନା କରି ଗଞ୍ଜାମ ଏବଂ ଭିଜାଗାପଟାମ ଡିଷ୍ଟ୍ରିକ୍ଟ ଗେଜେଟମାନଙ୍କରେ ଉକ୍ତ ପାଣ୍ଡୁଲିପିର ଓଡ଼ିଆ ଅନୁବାଦ ପ୍ରକାଶିତ ହେବାର ଆଦେଶ ଦେଇଅଛନ୍ତି ସୁଖର ବିଷୟ ଅଟେ । ଆଶା କରୁଁ ଯେ ଅଞ୍ଚଳର ଉତ୍କଳୀୟମାନେ ପାଣ୍ଡୁଲିପିର ସମୁଚିତ ଆଲୋଚନା କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ତତ୍ପର ହେବେ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କେନ୍ଦୁଝରର ମହାରାଜା ଶ୍ରୀମାନ୍ ଧନୁର୍ଜୟ ନାରାୟଣ ଭଞ୍ଜ ଦେଓ ଗତ ମାସ ତା ୨୭ ଋଣ ଶୁକ୍ରବାର ପୂର୍ବାହ୍ଣ ୭ଘଟିକା ସମୟରେ ସ୍ୱର୍ଗାରୋହଣ କରିଅଛନ୍ତି । ମହାରାଜା ପ୍ରାୟ ଛଅ ମାସ ହେଲା ଅତିସାର ପୀଡ଼ିତ ଥିଲେ । ମହାରାଜା ବିନୟୀ, ଦୟାବାନ୍ ଓ ଦାନଶୀଳ ମହାପୁରୁଷ ଥିଲେ । ତାଙ୍କର ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ଏ ନଗରସ୍ଥ ରେଭେନ୍‌ସା କଲେଜ ସଂଲଗ୍ନ ଛାତ୍ରାବାସ ଗୋଟିଏ ପ୍ରଧାନ କାର୍ଯ୍ୟ ଅଟେ । ମୃତ୍ୟୁ ସମୟରେ ମହାରାଜାଙ୍କ ବୟସ ୫୭ ବର୍ଷ ହୋଇଥିଲା । ମହାରାଜାଙ୍କ ଜ୍ୟେଷ୍ଠ ପୁତ୍ର ଟିକାଏତ ଗୋପୀନାଥ ନାରାୟଣ ଭଞ୍ଜ ଦେଓ ଗାଦିରେ ବସିଅଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍ଗତି ପ୍ରାର୍ଥନା କରୁଅଛୁଁ ।

ଭାରତ ଷ୍ଟେଟ ସେକ୍ରେଟେରୀଙ୍କଦ୍ୱାରା ମଞ୍ଜୁର ହୋଇଥିବା ରେଭିନ୍ୟୁ ବିଭାଗୀୟ କର୍ମଚାରୀଙ୍କର ନୂତନ ବନ୍ଦୋବସ୍ତ ମୁତାବକ ଓଡ଼ିଶା ବିଭାଗର ନିମ୍ନଲିଖିତ ସବ ଡେପୁଟିମାନେ ଗ୍ରେଡଭୁକ୍ତ ହୋଇଅଛନ୍ତି ଓ ତାହା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଏହି ଆଦେଶ ଗତ ଅକ୍ଟୋବର ମାସ ତା ୧ ଋଣଠାରୁ କାର୍ଯ୍ୟକାରୀ ହେଲା । କେନ୍ଦ୍ରାପଡ଼ାର ମୌଲବୀ ମକବୁଲ ଅଲି ଓ ପିପିଲିର ବାବୁ ଜଗଦାନନ୍ଦ ପଟ୍ଟନାୟକ ୧ମ ଗ୍ରେଡରେ ମାସିକ ଟ ୧୫୦ଙ୍କା ଲେଖାଏଁ, ଯାଜପୁରର ଭବତୋଷ ଦାସ ୨ୟ ଗ୍ରେଡରେ ମାସିକ ଟ ୧୨୫ ଙ୍କାରେ, ଖୋର୍ଦ୍ଧାର ବାବୁ ରାଧାନାଥ ମହାନ୍ତି, ଅନୁଗୋଳର ମୌଲବୀ ମିର୍ଜା ମହମ୍ମଦ ନାଜର, ଗୋପର ଭୁବନେଶ୍ୱର ମହାନ୍ତି ଓ ଧାମନଗରର ମୌଲବୀ ମନ୍‌ଜୁର ମହମ୍ମଦ ୩ୟ ଗ୍ରେଡରେ ମାସିକ ଟ ୧୦୦ଙ୍କା ଲେଖାଏଁ ଓ ଭଦ୍ରକର ବାବୁ ଜନାର୍ଦ୍ଦନ ଦାସ ଦେ ୪ର୍ଥ ଗ୍ରେଡରେ ମାସିକ ଟ ୭୫ଙ୍କା ଲେଖାଏଁ ବେତନରେ ଉନ୍ନତ ହୋଇଅଛନ୍ତି ।

---

ମୟୂରଭଞ୍ଜର ରାଜଧାନୀ ବାରିପଦାରେ ବାରିପଦା ସମ୍ମିଳନୀ ପ୍ରିଣ୍ଟିଂକମ୍ପାନୀ ନାମରେ ଗୋଟିଏ ନୂତନ ଛାପାଖାନା ସ୍ଥାପିତ ହୋଇଅଛି ଏବଂ ତହିଁରୁ 'ମନୋରମା' ନାମରେ ଗୋଟିଏ ସାପ୍ତାହିକ ଉତ୍କଳ ସମ୍ବାଦ ପତ୍ରିକା ଗତ ମାସ ତା ୨୩ ଋଣରୁ ବାହାରିବାର ଆରମ୍ଭ ହୋଇଅଛି । ଆମ୍ଭେମାନେ ଏହାର ପ୍ରଥମ ସଂଖ୍ୟା ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର ଆକାର ରଏଲ ଆକାର ଏକ ଖଣ୍ଡ କାଗଜ ଏବଂ ବାର୍ଷିକ ଅଗ୍ରୀମ ମୂଲ୍ୟ ଦୁଇଟଙ୍କା । ମୁଦ୍ରଣରୁ ପ୍ରକାଶ ଯେ ସ୍ୱୟଂ ମୟୂରଭଞ୍ଜର ମହାରାଜା ଏ ପତ୍ରିକାର ନାମକରଣ କରିଅଛନ୍ତି । ସୁତରାଂ ତାହାଙ୍କର ପୂର୍ଣ୍ଣ ସହାନୁଭୂତି ଅଛି । ଉଦ୍ଦେଶ୍ୟ ଅନ୍ୟାନ୍ୟ ସମ୍ବାଦ ପତ୍ର ପରି ଅଟେ । ଏ ଖଣ୍ଡର ଚତୁର୍ଥାଂଶ ପଦ୍ୟରେ ପୂର୍ଣ୍ଣ ଥିଲୁ ଆଶା କରୁଁ ଭବିଷ୍ୟତରୁ ସ୍ଥାନୀୟ ଚର୍ଚ୍ଚାର ବାହୁଲ୍ୟରେ ତାହା ଦୂରହେବ । ଏହି ପତ୍ରିକା ଯୋଗୁ ମୟୂରଭଞ୍ଜରେ ଗୋଟିଏ ଛାପାଖାନା ଏବଂ ଉତ୍କଳରେ ଗୋଟିଏ ସମ୍ବାଦପତ୍ର ବଢ଼ିଲ ସୁଖର ବିଷୟ ଅଟେ । ଅମ୍ଭେମାନେ ଏହାର ସାହାଯ୍ୟ କାମନା କରୁଁ ।

ଦେଶୀଲୁଗା ବ୍ୟବହାର ଓ ବିଲାତି ଲୁଗା ଆଦି ବର୍ଜନ ଆନ୍ଦୋଳନ ସର୍ବତ୍ର ଲାଗିଅଛି ମାତ୍ର ଯାଜପୁର ମଧ୍ୟ ସେଥିରୁ ବାହାର ହୋଇ ନାହିଁ । ଏଠାର ଶିକ୍ଷିତଲୋକମାନେ ଦେଶୀଲୁଗାର ପ୍ରଚାର ଓ ବିଲାତିଲୁଗାଆଦି ପରିତ୍ୟାଗ ପକ୍ଷେ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି ଓ ଏଠାର ବାଣପୁର ପୁଣ୍ଡା ଓ ବାସୁଦେବପୁର ପ୍ରଭୃତି ଗ୍ରାମର ତନ୍ତିମାନଙ୍କୁ ବେତନ ଉଦ୍ଯୋଗ କରାଇ ନ ୨୦।୮୦ ନମ୍ବର ସୂତାର ଲୁଗା ବୁଣି ଦେବାନିମନ୍ତେ ଫରମାସ ଦେବାରେ ସେମାନେ ଉକ୍ତ ନମ୍ବରର ସରୁ ସୂତା ପାଉ ନ ଥିବା ଓ ସୂତା ପାଇଲେ ଲୁଗା ବୁଣିଦେବାକୁ ସ୍ୱୀକୃତ ହେବା ଓ ଏଠାରୁ ଉକ୍ତ ନମ୍ବରର ସୂତା ଆମଦାନୀ ହେଉ ନ ଥିବାରୁ କଲିକତାରୁ ଉକ୍ତ ନମ୍ବରର ସୂତା ଅଣାଇବା ଚେଷ୍ଟା ହେଉଅଛି । ମଧ୍ୟ ଏଠାର ବଙ୍ଗାଳୀ ଲୁଗା ଦୋକାନୀ ସେଉଁମାନେ କି ପୂର୍ବେ କେବଳ ବିଲାତି ଓ ଚନ୍ଦ୍ରକୋଣାର ଲୁଗା ବିକ୍ରୟ କରୁଥିଲେ ବର୍ତ୍ତମାନ ସେମାନେ ଦେଶୀଲୁଗା ଓ ଦକ୍ଷିଣୀ ବହରମପୁର ଓ ମାଣିପୁରୀବଣୀ ଲୁଗା ଆଣି ବିକ୍ରୟ କରୁଅଛନ୍ତି । ଏଠାରେ ଏପରି ଅନେକ ତନ୍ତି ଅଛନ୍ତି ଯେ ସେମାନଙ୍କର ତନ୍ତ ଆଦି ଅନେକଦିନରୁ ବିକ୍ରୟ କରି ଦେଇ ମୂଲ ମଜୁରି ଲାଗି ଜୀବିକା ନିର୍ବାହ କରୁଅଛନ୍ତି ଦେଶୀଲୁଗାର ପ୍ରଚାର ହେଲେ ଉକ୍ତ ଶ୍ରେଣୀର ଅନେକ ତନ୍ତିଙ୍କର ଉପକାର ହେବ ।

—*—

Digitized by srujanika@gmail.com

ଯୁକ୍ତପ୍ରଦେଶରେ ଗୋଟିଏ ମେଡ଼ିକାଲ କଲେଜ ( ଡାକ୍ତରୀ ଶିକ୍ଷାର ଉଚ୍ଚ ବିଦ୍ୟାଳୟ ) ର ଅଭାବ ଅନେକ କାଳରୁ ଲୋକେ ଅନୁଭବ କରୁଥିଲେ । ସେହି କଲେଜ ସ୍ଥାପନଦ୍ୱାରା ଯୁବରାଜଙ୍କର ଶୁଭାଗମନ ସେ ପ୍ରଦେଶରେ ଚିରସ୍ମରଣୀୟ କରିବାକୁ କଥା ସେଠାର କେତେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମନରେ ଉଦୟ ହେବାରୁ ଗତ ତା ୨୦ ରିଖରେ ସେମାନେ ଏକଯୋଗରେ ସେ ପ୍ରଦେଶର ମାନ୍ୟବର ଲେଫ୍ଟନାଣ୍ଟଙ୍କ ସହିତ ସାକ୍ଷାତ କରି ସେ ବିଷୟ ଜଣାଇଲେ । ମାନ୍ୟବର ମହୋଦୟ ସେମାନଙ୍କର କଥା ମନୋଯୋଗ ପୂର୍ବକ ଶୁଣି ସହାନୁଭୂତି ପ୍ରକାଶ ପୂର୍ବକ କହିଲେ ଯେ ସ୍ଥାନୀୟ ଲୋକମାନେ କେତେ ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି ତାହା ଜାଣିଲେ ସେ ସରକାରରୁ ଉପଯୁକ୍ତ ସାହାଯ୍ୟ ଦେବାକୁ ଯଥାସାଧ୍ୟ ଯତ୍ନବାନ୍ ହେବେ । କେତେକ ଡେପୁଟେସନ ତରଫରୁ ଚେନ୍ଦା ଫର୍ଦ୍ଦ ସ୍ୱାକ୍ଷର ହେବା ଆରମ୍ଭ ହେଲା ଏବଂ ସେହି ସ୍ଥାନରେ ମୋଟ ୧୩ ଲକ୍ଷ ୧ ହଜାର ଟଙ୍କା ସ୍ୱାକ୍ଷରିତ ହେଲା । ତହିଁ ମଧ୍ୟରେ ସ୍ୱୟଂ ଲେଫ୍ଟନାଣ୍ଟ ମହୋଦୟ ଟ ୩୦୦୦ ଟଙ୍କା, ବଲରାମପୁରର ମହାରାଜା ୩ ଲକ୍ଷ ଟଙ୍କା, ଅଯୋଧ୍ୟାର ମହାରାଜା ଟ ୨୫,୦୦୦ ଟଙ୍କା, ରାଜା ତସଦୁକ ରସୁଲଖାନ କି, ଏସ୍, ଆଇ ଟ ୧୫,୦୦୦ ଟଙ୍କା, ନବାବ ଫଜଅଲିଖାନ ସି, ଏସ, ଆଇ ଟ ୧୦,୦୦୦ ଟଙ୍କା, ରାଜା ସିଉଁରାଜବାହାଦୁର ସିଂହ ଟ ୧୧,୦୦୦ ଟଙ୍କା, ତାଲୁକଦାର ସଭା ଟ ୧୦,୦୦୦ ଟଙ୍କା, ଏବଂ ଅନ୍ୟ କେତେକ ଲୋକ ତହିଁରୁ ଊଣା ସ୍ୱାକ୍ଷର କରିଥିଲେ । ମାନ୍ୟବର ଲେଫ୍ଟନାଣ୍ଟ ମହୋଦୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଏପ୍ରକାର ଆଗ୍ରହ ଓ ଅନୁରାଗ ଦର୍ଶନରେ ଆନନ୍ଦ ପ୍ରକାଶ କଲେ ଏବଂ ଆଗାମୀ ଡିସେମ୍ବର ମାସ ତା ୭ ରିଖରେ ଗୋଟିଏ ସାଧାରଣ ସଭା ହେବାର ସ୍ଥିର ହୋଇ ସେଦିନର କାର୍ଯ୍ୟ ଶେଷ ହେଲା । ଅଯୋଧ୍ୟାର ମହାରାଜା ସେହି ସଭାର ସଭାପତି ଏବଂ ମାନ୍ୟବର ରାୟ ଶ୍ରୀରାମ ବାହାଦୁର ସମ୍ପାଦକ ନିଯୁକ୍ତ ହୋଇଅଛନ୍ତି । ଲକ୍ଷ୍ନୌ ନଗରରେ ସେହି ମେଡ଼ିକାଲ କଲେଜ ସ୍ଥାପିତ ହେବ । କହିବା ବାହୁଲ୍ୟ ଯେ ଏ ବିଷୟ ଯୁକ୍ତପ୍ରଦେଶର ଲୋକଙ୍କ ପକ୍ଷରେ ଅତ୍ୟନ୍ତ ପ୍ରଶଂସନୀୟ ଅଟେ । ସ୍ୱଦେଶର ହିତ ନିମନ୍ତେ ଯେବେ ଏହି ଆଦର୍ଶରେ ଅନ୍ୟାନ୍ୟ ପ୍ରଦେଶର ଲୋକମାନେ ଅଗ୍ରସର ହେବେ ତେବେ ଭାରତର ଦୁର୍ଗତି କ୍ରମେ ହ୍ରାସ ହେବ ।

---

ବଙ୍ଗ ଦେଶର ବୈଦ୍ୟନାଥ ହିନ୍ଦୁମାନଙ୍କର ତୀର୍ଥସ୍ଥାନ । ସ୍ଥାନଟି ବାବା ବୈଦ୍ୟନାଥ ନାମରେ ପ୍ରସିଦ୍ଧ । ବାବା ବୈଦ୍ୟନାଥ ବୈଦ୍ୟନାଥଙ୍କର ନାଥ ସୁତରାଂ ଅନେକ ପ୍ରକାରର ରୋଗୀ ଆରୋଗ୍ୟ ଆଶାରେ ଏ ସ୍ଥାନକୁ ଗମନ କରିଥାଆନ୍ତି । ଏମାନଙ୍କ ମଧ୍ୟରେ ଅନେକ କୁଷ୍ଠରୋଗୀ ଥାଆନ୍ତି । ଏହି କୁଷ୍ଠ ରୋଗିମାନେ ଏ ସ୍ଥାନରେ ପହଞ୍ଚି ଅବସ୍ଥାନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବାରୁ ଅନେକ କଷ୍ଟ ପାଉଥିଲେ । ସନ ୧୮୯୫ ମସିହାରୁ ସେଠାରେ ଗୋଟିଏ କୁଷ୍ଠାଶ୍ରମ ସ୍ଥାପିତ ହୋଇଅଛି । ଭୂତପୂର୍ବ ଡାକ୍ତର ମଣ୍ଡଳ ଲାଲ ସରକାରଙ୍କ ଯତ୍ନ ଓ ବଦାନ୍ୟତାରେ ଏହି ଆଶ୍ରମ ସ୍ଥାପିତ ହୁଏ ଓ ଏହାର ନାମ ଦାତାଙ୍କ ଇଚ୍ଛାନୁସାରେ ତାଙ୍କର ସ୍ତ୍ରୀଙ୍କ ନାମ ଦେଇ " ରାଜକୁମାରୀ କୁଷ୍ଠାଶ୍ରମ" ହୋଇଅଛି । ବର୍ତ୍ତମାନ ଏହି ଆଶ୍ରମରେ ଏକସମୟରେ ନ ୪୦ ଜଣ ରୋଗୀ ଅବସ୍ଥାନ କରିପାରନ୍ତି କିନ୍ତୁ ଅନେକ ରୋଗିର ସମାଗମ ହେବାରୁ ଆଶ୍ରମରେ ସ୍ଥାନ ହେଉ ନାହିଁ । ଏଣୁକରି ନ ୭୦ ଜଣର ବାସୋପଯୋଗୀ ଭବନ ନିମନ୍ତେ ଏହି ଆଶ୍ରମକୁ ବଢ଼ାଇ ବୃଦ୍ଧି କରିବାର ପ୍ରସ୍ତାବ ହେଉଅଛି । ଏହି ଆଶ୍ରମ ସମ୍ବନ୍ଧୀୟ ଗୋଟିଏ ପ୍ରାର୍ଥନା ପତ୍ର ଓ ତତ୍ସହ ବାର୍ଷିକ ରିପୋର୍ଟ ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ଆଶ୍ରମଟି ଗୋଟିଏ କମିଟୀଦ୍ୱାରା ଚାଳିତ ହୁଏ । ସାନ୍ତାଲ ପ୍ରଗନାର ଡେପୁଟୀ କମିଶନର, ଦେବଘରର ସବଡିଭିଜନାଲ କର୍ମଚାରୀ ଓ ଅନ୍ୟାନ୍ୟ କେତେକ ସରକାରୀ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଏ କମିଟୀର ସଭ୍ୟ ଓ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଅବୈତନିକ ସେକ୍ରେଟରୀ ଅଛନ୍ତି । ଗତବର୍ଷ ନ ୮୧ ଜଣ କୁଷ୍ଠରୋଗୀ ପଛରେ ଖାଇବା ଖରଚ ଟ ୧୨୫୧ ଟଙ୍କା ଓ ଔଷଧ ପ୍ରଭୃତି ଅନ୍ୟାନ୍ୟ ଖରଚ ଟ ୪୬୧୭ ଟଙ୍କା ମୋଟ ଟ ୫୯୪୮ ହୋଇଥିଲା ଓ ୨୨୮୪୭ । ୫ ବାକି ଥିଲା । ଏହି ଅବଶିଷ୍ଟ ଟଙ୍କାରେ ଗଭର୍ଣ୍ଣମେଣ୍ଟ ପ୍ରମିସରିନୋଟ ବା କୋମ୍ପାନୀ କାଗଜ ଟ ୨୭୦୦୦ ଟଙ୍କା ଅଟେ । କମିଟୀ ବର୍ତ୍ତମାନ ପ୍ରତ୍ୟେକ ନ ୭୦ ଜଣ ରୋଗୀ ନିମନ୍ତେ ମାସିକ ଟ ୨୧୧ ଟଙ୍କା ଖରଚର ଏଷ୍ଟିମେଟ କରିଅଛନ୍ତି କିନ୍ତୁ ଏ ଟଙ୍କା ମାସିକ ଅବା ବାର୍ଷିକ ଚାନ୍ଦାଦ୍ୱାରା ଆଦାୟ ହୋଇ ଖରଚ ହେବା ସମ୍ଭବ ନୁହେ । ଏକ ଲକ୍ଷ ଟଙ୍କା ମୂଲ୍ୟର କାଗଜ କ୍ରୟ ହେଲେ ଏହି ମାସିକ ଖରଚ ଚଳି ପାରେ । ମାତ୍ର ବର୍ତ୍ତମାନ ଟ ୨୭୦୦୦ ଟଙ୍କା ମୂଲ୍ୟର କୋମ୍ପାନୀ କାଗଜ ଅଛି ଅବଶିଷ୍ଟ ଟ ୭୩୦୦୦ ଟଙ୍କା କୋମ୍ପାନୀ କାଗଜ ନିମନ୍ତେ ମହାରାଜା, ରାଜା, ଜମିଦାର ପ୍ରଭୃତି ସର୍ବସାଧାରଣଙ୍କ ସାହାଯ୍ୟ ପ୍ରାର୍ଥନା ହୋଇଅଛି । ଏହି ହିତକର କାର୍ଯ୍ୟରେ ଯୋଗ ଦେବାକୁ ସର୍ବସାଧାରଣଙ୍କୁ ଆମ୍ଭେମାନେ ଅନୁରୋଧ କରୁଅଛୁ । ଚେନ୍ଦାଦାତାମାନେ ଏହି କମିଟୀର ଭାଇସ ପ୍ରେସିଡେଣ୍ଟ ଯେ କି ଦେବଘରର ସବଡିଭିଜନାଲ କର୍ମଚାରୀ ଅଟନ୍ତି ତାଙ୍କ ନିକଟକୁ ଅଥବା କମିଟୀର ସେକ୍ରେଟେରୀଙ୍କ ନିକଟକୁ ମନିଅର୍ଡରଦ୍ୱାରା ସେମାନଙ୍କର ଦାନ ପ୍ରେରଣ କରିବେ ।

---

### ପୁରୀ ବସାଘର ଆଇନ ।

ପୁରୀ ବସାଘର ବା ଲଜିଂହାଉସ ଆଇନ ( ସନ ୧୮୭୧ ସାଲର ଅ ୪ ଆଇନ ) ବଙ୍ଗ ପ୍ରଦେଶର ଯେ ସମସ୍ତ ତୀର୍ଥ ଓ ରଥଯାତ୍ରାରେ ପୂର୍ବରୁ ପ୍ରଚଳିତ ଅଛି ସେ ସମସ୍ତ ସ୍ଥାନ ଉପରେ ସନ ୧୯୦୫।୦୬ ସାଲରେ ୨୪ ପରଗନା ଜିଲ୍ଲାର କେନ୍ଦ୍ରାଟି, ପୁରୀଜିଲ୍ଲାର ଖଣ୍ଡଗିରି ଓ ସାକ୍ଷୀଗୋପାଳ ଏବଂ ଗୟାଜିଲ୍ଲାର ମୋହନପୁର ମୌଜାମାନଙ୍କରେ ଜାରି ହୋଇଥିଲା । ଲାଇସେନ୍ସ ହେବା ବସାଘର ସଂଖ୍ୟା ସନ ୧୯୦୩।୦୪ ସାଲରେ ୨୦୪୫ ଥିଲା ମାତ୍ର ସନ ୧୯୦୪।୦୫ ସାଲରେ ତହିଁରୁ ଊଣା ଅର୍ଥାତ ୧୮୪୨ ଥିଲେହେଁ ସେ ସମସ୍ତରେ ଅଧିକ ଯାତ୍ରୀ ରହିବାର ସ୍ଥାନ ଥିଲା । ଯଥା ଗତବର୍ଷର ୨୨୦୫୫ ଜଣଙ୍କୁ ଏ ବର୍ଷ ୨୮୧୮୦ ଜଣ ରହିବାର ସ୍ଥାନ ଥିଲା ଏବଂ ଆୟ ଗତବର୍ଷଠାରୁ ଟ ୫୮୩୦ ଟଙ୍କା ବୃଦ୍ଧି ହୋଇ ଟ ୨୯,୫୨୭ ଟଙ୍କା ହୋଇଥିଲା । ରଥଯାତ୍ରାରେ ଅଧିକ ଯାତ୍ରୀ ହେବା ଆୟ ବୃଦ୍ଧିର ପ୍ରଧାନ କାରଣ ଅଟେ । ସେଠାରେ ଲାଇସେନ୍ସ ଫିସ ଟ ୨୨,୮୭୯ ଟଙ୍କାରୁ ଟ ୨୮,୩୦୭ କୁ ଏବଂ ଜରିମାନା ଟ ୭୩୦ ଟଙ୍କାରୁ ଟ ୪,୧୭୨ ଟଙ୍କାକୁ ବଢ଼ି ଥିଲା । ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ସର୍ବଦା ଭଲ ଥିଲା । ବିଶେଷତଃ ପୁରୀରେ ଓଲାଉଠା ପ୍ରାୟ ନ ଥିଲା । ବଡ଼ ଆନନ୍ଦର ବିଷୟ ଅଟେ ।

ଓଡ଼ିଶାର ତିନି ଜିଲ୍ଲାରେ ବସାଘର ସମ୍ବନ୍ଧର ଏହିବର୍ଷ ( ସନ ୧୯୦୪।୦୫ ) ଓ ଗତ ବର୍ଷ ( ସନ ୧୯୦୩।୦୪ ) ର ଆୟ ବ୍ୟୟ ନିମ୍ନେ ଲେଖାଗଲା ଯଥା ।

| ବସାଘର | ଆୟ | ବ୍ୟୟ |
|---|---|---|
| ଜି । କଟକ ଏବର୍ଷ | ଟ ୧୫୨୩ | ଟ ୨୦୪୭ |
| ଗତବର୍ଷ | ଟ ୩୯୨୩ | ଟ ୬୨୮ |
| ଯାଜପୁର ଏବର୍ଷ | ଟ ୩୯୯ | ଟ ୨୨୮ |
| ଗତ ,, | ଟ ୫୨୫ | ଟ ୫୨୦ |
| ଜି । ବାଲେଶ୍ୱର ଏବର୍ଷ | ଟ ୨୮୪୮ | ଟ ୨୭୦୨ |
| ଗତ ,, | ଟ ୧୮୫୪ | ଟ ୧୯୮୪ |
| ଜି । ପୁରୀ ଏବର୍ଷ | ଟ ୨୫୨୩୭ | ଟ ୫୭୫୧୧ |
| ଗତ ,, | ଟ ୨୫,୩୪୧ | ଟ ୨୨,୭୭୧ |
| ଖୁରଧା ଏବର୍ଷ | ଟ ୪୦୯ | ଟ ୨୭୭ |
| ଗତ ,, | ଟ ୪୮୩ | ଟ ୨୯୮ |

ଉପରଲିଖିତ ତାଲିକାରୁ ଦେଖାଯାଏ ଯେ ଗତବର୍ଷଠାରୁ ଏବର୍ଷ ଓଡ଼ିଶାରେ କେବଳ

Split by PDF Splitter
Digitized by srujanika@gmail.com

Split by PDF Splitter



ବାଲେଶ୍ୱର ଜିଲ୍ଲାର ଅଂଶ ବହିଅଛି । ପୁଣି ଲ ଗଭର୍ଣ୍ଣରଙ୍କ ଅଧୀନରୁ ବାବୁ କହ୍ନାଇୟାଲାଲ ବୋଗ-ଲ୍ଲଙ୍କର ଦାନ ୫୫ ହଜାର ମିଳିଥିବାରୁ ଅଧିକ ଜମାଅଛି । ରେଲୱେ ହେତୁ ଜଗନ୍ନାଥର ପ୍ରୟୋଜନ ଉଣା ପଡୁଅଛି ସନ୍ଦେହ ନାହିଁ । ପୁଣି ପୁରୀରେ ରଥଯାତ୍ରା ବେଳେ ଯାତ୍ରୀଭିଡ଼ ଅତ୍ୟନ୍ତ ଅଧିକ ହେବା ହେତୁ ଅନେକ ଲୋକ ଯାତ୍ରୀଭଡ଼ା ଦେବାକୁ ଅକ୍ଷମ ହୁଅନ୍ତି । ଏହା ମଧ୍ୟ ଅଂଶ ଉଣା ହେବାର ଗୋଟିଏ କାରଣ ଅଟେ । ଅଙ୍କରୁ ବ୍ୟୟ ଲାଗି ଗଭର୍ଣ୍ଣରପଣ ଏବର୍ଷ ମଧ୍ୟ ଇହବିଲରେ ଅନେକ ଟଙ୍କା ଜମା ରହିଅଛି । ଯଥା—କଟକରେ ୮ ୭୬୫୬୯ ଟଙ୍କା, ଯାଜପୁରରେ ୮ ୯୮୭ ୯ ଟଙ୍କା, ଗୃହବାଲିରେ ୮ ୯୫୭୯ ଟଙ୍କା, ବାଲେଶ୍ୱରରେ ୮ ୫୫୫୭୯ ଟଙ୍କା ଏବଂ ପୁରୀରେ ୮ ୬୯,୪୬୯ ଟଙ୍କା । ପୁରୀରେ ଇହବିଲର ବାକି ଛଡ଼ା ୫୫ ହଜାର ଟଙ୍କା ସରକାରୀ କାଗଜରେ ଜମା ଅଛି ଯନ୍ତ୍ରସ୍ରୋତରେ ଜଳ ଯୋଗାଇବା, ପାଣିମାହାଳ କାଟିବା ଏବଂ ଉନ୍ନତ ପ୍ରଣାଳୀର ପାଇଖାନା ପ୍ରସ୍ତୁତ କରିବା ଏହି ତିନୋଟି ଖର୍ଚ୍ଚ କରିବାର ବନ୍ଦୋବସ୍ତ ଲାଗିଅଛି, ଏଥିମଧ୍ୟରେ ପାଣିମାହାଳ ଯେପରି ହେବ ତାହା ସ୍ଥିରରେ ଠିକ ହୋଇ କେବଳ ବିସ୍ତାରିତ ବିଷୟମାନ ଠିକ କରିବା କାରଣ ଗୋଟିଏ କମିଟୀ ବସିଅଛି । ବିଶୁଦ୍ଧ ଜଳ ଯୋଗାଇବା ପ୍ରସଙ୍ଗ ଏକପ୍ରକାର ସ୍ଥିର ହୋଇଅଛି କେବଳ ଅର୍ଥର ଅଭାବରୁ କିଛି ବିଳମ୍ବ ଘଟିପାରେ । ଅତଏବ ପୁରୀ ଇହବିଲରେ ଯାହା ଜମା ଅଛି ସେ ସମସ୍ତ ଖରଚ ହୋଇ ବରଂ ତହିଁ ଉପରେ ଅଧିକ ଟଙ୍କାର ଦରକାର ହେବ । ମାତ୍ର କଟକ ଓ ବାଲେଶ୍ୱରର ବଳକାଟ କାହିଁକି ଜମା ରହିଅଛି ଜଣା ଯାଉ ନାହିଁ । ବସାଉସମ୍ବନ୍ଧୀୟ ଟିକା । ଯାହି ମଫସଲର ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ଖରଚ ହେବା ଉଦ୍ଦେଶ୍ୟ ଅଟେ ।

## ସ୍ୱଦେଶୀ ସ୍ରୋତ ଓ ଛାତ୍ରସମାଜ ।

ଯାତ୍ରାପାର୍ଟି, ସଭାସମିତି, ସର୍କସ, ଥିଏଟର ବା ଅନ୍ୟ କୌଣସି ଦୃଶ୍ୟ ଯହିଁରେ ଜନତାର ସମ୍ଭାବନା ତହିଁରେ ଅମ୍ଭେମାନେ ପ୍ରାୟହିଁ ବାଳକ ବା ଯୁବକଙ୍କ ସଂଖ୍ୟା ଅଧିକ ଦେଖିଥାଉଁ । ପୁଣି ଯେଉଁ ସବୁ ଦୃଶ୍ୟରେ କିଛି ନୂତନ ଶିଖିବାର କଥା ଥାଏ ତହିଁରେ ସ୍କୁଲ ବା କଲେଜ ଛାତ୍ରଙ୍କ ସଂଖ୍ୟା ଅଧିକ ହେବା ବିଚିତ୍ର ନୁହେ । ଏହେ କିଶୋର ବୟସ, ନୂଜେ ନୂତନତ୍ୱର ଆକର୍ଷଣ, ଏଥିରେ ଶିଶୁମନ କି ସ୍ଥିର ଥାଇପାରେ ? ପିତା ମାତା ବା ଅଭିଭାବକଙ୍କର ଏକାନ୍ତ ଉଚିତ ଯେ ସେମାନେ ସେମାନଙ୍କର ଓ ଦେଶର ଭବିଷ୍ୟତ ଆଶା ଓ ଗୌରବସ୍ଥଳ, ଏହି ସୁକୁମାରମତି ବାଳକଙ୍କ ଏପରି ପ୍ରବୃତ୍ତିରେ ଅଯଥା ହସ୍ତକ୍ଷେପ ନ କରନ୍ତି । ଅବଶ୍ୟ ଉଦ୍ଦାମ ପ୍ରବୃତ୍ତି ଯେ ସର୍ବଥା ଦମନୀୟ ଏଥିରେ ଦ୍ୱିରୁକ୍ତି ନାହିଁ; ବାଳକମାନଙ୍କର ବାଲ୍ୟକାଳରୁ ନିୟମ ଓ ଶାସନର ବଶବର୍ତ୍ତୀ ହେବା ଉଚିତ । ଯାହା ନୋହୁବ ବାଳକାଳେ ତାହା ନୋହିବ କାଳକାଳେ । ଏହି ବିଶେଷ ସ୍ଥଳ ଭିନ୍ନ ସେମାନଙ୍କର ବାସନା ବା ପ୍ରବୃତ୍ତିରେ କର୍ତ୍ତୃପକ୍ଷଙ୍କର ଏକାନ୍ତ ସହାନୁଭୂତି ଥିବା ଆବଶ୍ୟକ । ବୋଲିବା ବାହୁଲ୍ୟ ପିତା ମାତା ବା ଅନ୍ୟ କେହି ଅଭିଭାବକ ପ୍ରତ୍ୟେକ ନବ୍ୟ କାର୍ଯ୍ୟରେ ଯେ ଯେ ଦୃଷ୍ଟାନ୍ତ ବା ଶିକ୍ଷଣୀୟ ବିଷୟ ଅଛି ତାହା ସେମାନଙ୍କୁ ସରଳଭାବରେ ବୁଝାଇଦେଲେ ଚିରକାଳ ସେମାନଙ୍କର ହୃଦୟପଟେ ଅଙ୍କିତ ଥିବ ।

ବର୍ତ୍ତମାନ ସ୍ୱଦେଶୀ ସ୍ରୋତ ଦେଶମୟ ବ୍ୟାପିଅଛି । ସ୍ୱଦେଶୀ ଦ୍ରବ୍ୟ ପ୍ରତି ଅଦୃଷ୍ଟପୂର୍ବ ଆସ୍ଥା ପ୍ରଦର୍ଶନ ଓ ତହିଁର ଯଥୋଚିତ ବ୍ୟବହାର ଯେଉଁ ଲୋକେ ଲକ୍ଷ୍ୟ କରନ୍ତୁ । ସ୍ୱଦେଶୀ ଶିଳ୍ପ ଓ ଶ୍ରମଜାତ ଦ୍ରବ୍ୟ ପ୍ରତ୍ୟକ୍ଷେ ବିଦେଶରୁ ଆଗତ ତଦନୁରୂପ ଦ୍ରବ୍ୟ କେହି ବ୍ୟବହାର କରିବେ ନାହିଁ ବୋଲି ଲୋକେ ଏହି ପ୍ରତିଜ୍ଞାପାଶରେ ଆବଦ୍ଧ ହେଉଅଛନ୍ତି । ସ୍ଥାନେ ସ୍ଥାନେ ଅସଂଖ୍ୟ ସଭା ସମିତିଦ୍ୱାରା ଏହାର ମର୍ମ ଓ ଉପକାରିତା ସାଧାରଣ ଲୋକଙ୍କୁ ବୁଝାଇ ଦିଆଯାଉଅଛି । ସବୁ ବାହାରିଯାଏ ଆବାଳ ବୃଦ୍ଧ ବନିତାଙ୍କ ହୃଦୟରେ ଯେ ଏହି ଭାବ କ୍ରମଶଃ ସଞ୍ଚାରିତ ହେଉଅଛି ଅଳ୍ପ ସୌଭାଗ୍ୟର ବିଷୟ ନୁହେ ।

ପିଲାମାନେ ପ୍ରାୟହିଁ ଅନୁକରଣପ୍ରିୟ; ଗୁରୁଲୋକେ ଯାହା କଲେ ବା କହିଲେ ସେମାନେ ତହିଁ ଶିଖାହି ତାହା କଲେ ବା ସେମାନଙ୍କର ଅନୁଗାମୀ ହେଲେ । ଏଥିରେ ସେମାନଙ୍କର କି ଦୋଷ ? ଯେଉଁମାନେ ସେମାନଙ୍କୁ ଅନଧିକାର ଚର୍ଚ୍ଚାରେ ପ୍ରବୃତ୍ତ କରନ୍ତି ସେମାନେ ଏଥି ସକାଶ ଦାୟୀ । ଉପସ୍ଥିତ ଆନ୍ଦୋଳନରେ ସ୍କୁଲ ବା କଲେଜର ଛାତ୍ରମାନଙ୍କୁ ଅମ୍ଭେମାନେ ବଡ଼ ଦୋଷୀ ବୋଲି କହି ନ ପାରୁଁ; ସ୍ଥଳବିଶେଷରେ ସେମାନେ କିଛିଏ ବଢ଼ାବଢ଼ି କରିଅଛନ୍ତି, କିନ୍ତୁ ଅଧିକାଂଶ ସ୍ଥଳରେ ସେମାନଙ୍କୁ ଅମ୍ଭେମାନେ ନିୟମ ଓ ଶାସନର ବଶବର୍ତ୍ତୀ ଓ କାର୍ଯ୍ୟକଳାପରେ ସଂଯତ ଥିବାର ଦେଖି ଅତ୍ୟନ୍ତ ଖୁସୀ ହୋଇଅଛୁଁ । ସେମାନଙ୍କର ବିନୀତ ଓ ମଧୁର ବଚନ, ଶିଷ୍ଟ ବ୍ୟବହାର ଓ ଶାଳୀନତା ଦେଖି ଏପରି କେହି ଲୋକ ନାହାନ୍ତି ଯେ ସେମାନଙ୍କର ବଶବର୍ତ୍ତୀ ହୋଇ ନାହାନ୍ତି ।

ବର୍ତ୍ତମାନ ଜିଜ୍ଞାସ୍ୟ ଏହି କି—ଏହି ଯେ ସ୍ୱଦେଶୀ ଆନ୍ଦୋଳନ ଏହା '[illegible]' ସ୍ୱଦେଶୀ ଆନ୍ଦୋଳନ ବା ଏହା ସହିତ କୌଣସି ରାଜନୈତିକ ଆନ୍ଦୋଳନର କିଛି ସଂସ୍ରବ ଅଛି କି ନା ଓ ଥିଲେ ଏଥିରେ ସ୍କୁଲ ବା କଲେଜର ଛାତ୍ରମାନେ '[illegible]' ଯୋଗ ଦେଇପାରିବେ ? ପୂର୍ବେ କହିଅଛୁଁ ଯେ ବସ୍ତୁତଃ ଅନେକଙ୍କର ସ୍ୱଦେଶଜାତ ଦ୍ରବ୍ୟ ବ୍ୟବହାର ସକାଶେ କ୍ରମଶଃ ମତ ପ୍ରସ୍ତୁତ ହୋଇ ଆସୁଥିଲା, ବଙ୍ଗର ଅଙ୍ଗଚ୍ଛେଦ ସେ ମତକୁ ଚରମସୀମାରେ ଉପସ୍ଥିତ କରାଇଅଛି ସନ୍ଦେହ ନାହିଁ । ଅତଏବ ଏହି ସ୍ୱଦେଶୀ ଆନ୍ଦୋଳନ ସହିତ ବଙ୍ଗର ଅଙ୍ଗଚ୍ଛେଦ ବ୍ୟାପାରର କୌଣସି ସଂସ୍ରବ ନାହିଁ ଏହା ଅମ୍ଭେମାନେ କହି ନ ପାରୁଁ । ବରଂ ଗତ ମାସର ତା ୧୬ ଋଖ ଦିନ ସମୁଦ୍ର ବା ଗଙ୍ଗାସ୍ନାନ ରାଖିବନ୍ଧନ ଜଗ୍ଧପଦେ ନଗରକୀର୍ତ୍ତନ ଓ ନଗର ପରିଭ୍ରମଣ ଆଦି ସେହି ସମ୍ବନ୍ଧର ଘନିଷ୍ଠତା ପ୍ରବଳରୂପେ ଦେଖାଇ ଦେଉଅଛି । ସୁତରାଂ ସ୍କୁଲ ବା କଲେଜ ଛାତ୍ରମାନେ ଆପଣା ଆପଣା ନିଜକର୍ମ ଅବହେଳା କରି ମୁଖ୍ୟ କର୍ମ ଭାବି ଉତ୍ସାହରେ ଏଥିରେ ଯୋଗଦାନ କରିବେ ଏହା ବୋଧ ହୁଏ କୌଣସି ଅଭିଜ୍ଞ ଓ ବିଜ୍ଞ ଲୋକଙ୍କ ଅଭିପ୍ରେତ ନୁହେ । ଅବଶ୍ୟ ଅବସରମତେ ସେମାନେ ଏହି ସ୍ୱଦେଶୀ ଭାବ ଆପଣା ଆପଣା ମଧ୍ୟରେ ଧୀରେ ଓ ସରଳ ଭାବରେ ପୋଷଣ କରନ୍ତୁ ଏଥିରେ ବୋଧ ହୁଏ କାହାର କୌଣସି ଆପତ୍ତି ଥାଇ ନ ପାରେ ।

ସ୍ଥଳ ବିଶେଷରେ ସ୍କୁଲ ବା କଲେଜ ଛାତ୍ରଙ୍କର ଏହି ସ୍ୱଦେଶୀ ଆନ୍ଦୋଳନ ପ୍ରସଙ୍ଗେ କିଛିଏ ବଢ଼ାବଢ଼ି ଦେଖି ଅମ୍ଭମାନଙ୍କର ସରକାର ବାହାଦୁର ସମ୍ପ୍ରତି ବ୍ୟସ୍ତ ହୋଇ ଜିଲ୍ଲା ମାଜିଷ୍ଟ୍ରେଟଙ୍କଦ୍ୱାରା ମଫସଲସ୍ଥ ସ୍କୁଲ ଓ କଲେଜର କର୍ତ୍ତୃପକ୍ଷଙ୍କ ନିକଟକୁ ଏହି ମର୍ମରେ ଗୋଟିଏ ସର୍କ୍ୟୁଲର ପଠାଇଅଛନ୍ତି କି ଏହି ନାମମାତ୍ର ସ୍ୱଦେଶୀ ଆନ୍ଦୋଳନରେ ସେମାନଙ୍କର ସ୍କୁଲ ବା କଲେଜକୁ ଯୋଗ ଦେଉଥିବା ଛାତ୍ରମାନଙ୍କୁ, ସେମାନେ ନିବାରଣ କରି ନ ପାରିଲେ ସେମାନଙ୍କର ସ୍କୁଲ ବା କଲେଜ ସରକାରୀ ସାହାଯ୍ୟରୁ ବଞ୍ଚିତ ହେବ, ପିଲାଏ ବୃତ୍ତିପରୀକ୍ଷାରେ ଉପସ୍ଥିତ ହୋଇ ପାରିବେ ନାହିଁ, ବିଶ୍ୱବିଦ୍ୟାଳୟ ତାଲିକାରୁ ଉକ୍ତ ସ୍କୁଲ ବା କଲେଜର ନାମ କାଟି ଦିଆ ଯିବ ଓ ସେମାନେ ବିଶେଷ ନିକୃଷ୍ଟ ବଳ କର୍ମରେ ନିଯୁକ୍ତ ହେବେ । ମଧ୍ୟ ମାର୍ଜନାରୁ ଏ ସର୍କ୍ୟୁଲାର କାହିଁକି ପ୍ରଯୋଜନ ହେଲା ଅମ୍ଭେମାନେ କିଛି ବୁଝି ପାରୁ ନାହୁଁ । ପୁଣି ମଜାର କଥା ଏହି ଏ ସର୍କ୍ୟୁଲରଖଣ୍ଡ ଜନ୍ମଦାତାଙ୍କ

Digitized by srujanika@gmail.com

Split by PDF Splitter



ସ୍କୁଲ ବା କଲେଜର କର୍ତ୍ତୃପକ୍ଷଙ୍କ ନିକଟରୁ ପଠା ଯାଇ ନାହିଁ । ତରଗଜନକ୍ତ ସ୍ୱରଳଂକନ୍ତ ଲୁଣ ନୁହେଁ ଯେ ଗ୍ରନ୍ଥମାନଙ୍କ କିମ୍ବା କଳାପ ଷ୍ଟାଣ୍ଡପ୍ତ ହୋଇଗଲା; ଏଣୁତ୍ତର ସ୍କୁଲର ନାହାଦୁରଙ୍କ ଗୁରୁ ଓ ପଣ୍ଡିତ ଅସନ କଠାହି କଣ୍ଠ ପଡଲା ।

---

ଦୁର୍ଭିକ୍ଷକାଳୋପଯୋଗୀ ଫସଲ ।

କନ୍ଦମୂଳ ।

ଗତ ସେପ୍ଟେମ୍ବର ମାସ ତା ୧୦ ରିଖର "ବଙ୍ଗାଳୀ" ନାମକ ସମ୍ବାଦପତ୍ରରେ ଦୁର୍ଭିକ୍ଷ ସମୟରେ କନ୍ଦମୂଳ ଫସଲର ଉପଯୋଗିତା ସମ୍ବନ୍ଧରେ ଗୋଟିଏ ସୁଦୀର୍ଘ ଓ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ପ୍ରକାଶିତ ହୋଇ ଅଛି । ଏ ପ୍ରଦେଶର କୃଷକମାନଙ୍କୁ କନ୍ଦମୂଳ ଚାଷର ବିଷୟ ଜଣାଥିଲେହେଁ ଦୁର୍ଭିକ୍ଷ ସମୟରେ ତାହାର ଚାଷର ଉପଯୋଗିତା ସେମାନଙ୍କୁ ଜଣା ନାହିଁ । ପ୍ରବନ୍ଧ ଲେଖକ ଯେ ପ୍ରଣାଳୀରେ ଚାଷ କରିବାକୁ ଉପଦେଶ ଦେଇଅଛନ୍ତି, ତାହା ଅବଲମ୍ବନ କଲେ ଅପେକ୍ଷାକୃତ ବେଶି ଲାଭ ହେବାର ଜାଣି ନିମ୍ନରେ ଉକ୍ତ ପ୍ରବନ୍ଧର ସାରାଂଶ ପ୍ରଦତ୍ତ ହେଲା । ଆଶା କରୁଁ ଏ ପ୍ରଦେଶର କୃଷକମାନେ ଓ ସେମାନଙ୍କର ଉତ୍ସାହଦାତା ଜମିଦାର ଓ ଶିକ୍ଷିତ ଭଦ୍ରବ୍ୟକ୍ତିମାନେ ଏଥିର ପରୀକ୍ଷା କରି ଦେଖିବେ ।

"କନ୍ଦମୂଳ ବହୁକାଳରୁ ଗ୍ରୀଷ୍ମପ୍ରଧାନ ଓ ତନ୍ନିକଟବର୍ତ୍ତୀ ଦେଶମାନଙ୍କରେ ଉତ୍ପାଦିତ ହୋଇଆସୁଅଛି । ଭାରତବର୍ଷରେ ଏହାର ଚାଷ ପ୍ରାଚୀନକାଳରୁ ଜଣାଅଛି । ସେହେତୁ ନୂତ ଉପନିବେଶରେ ଓ ଶାନ୍ତିର ସମୟରେ ଏହାକୁ ବ୍ୟବହାର କରିବାର କଥା ପୁସ୍ତକରେ ଦେଖାଯାଏ । ଇଉରୋପୀୟ ଲେଖକମାନେ ୧୫୧୯ ଖ୍ରୀଃ ରେ ଦକ୍ଷିଣ ଆମେରିକାର ବ୍ରେଜିଲ ଦେଶରେ ଏଥିର ବ୍ୟବହାର ଦେଖିଅଛନ୍ତି । ବର୍ତ୍ତମାନ ସମୟରେ ଭାରତବର୍ଷ, ଚୀନ, ଜାପାନ, ମାଲୟ ଉପଦ୍ୱୀପ, ଆମେରିକା ଯୁକ୍ତରାଜ୍ୟ, ଦକ୍ଷିଣ ଇଉରୋପ, ଜାମାଇକା ଓ ମେକ୍ସିକୋ ଦ୍ୱୀପପୁଞ୍ଜ ଓ ଉତ୍ତର ଅଫ୍ରିକାରେ କନ୍ଦମୂଳର ଚାଷ ବହୁଳ ପରିମାଣରେ ହୋଇଥାଏ । ମାର୍କିନ ଯୁକ୍ତରାଜ୍ୟର ଦକ୍ଷିଣାଂଶର ଅଧିବାସୀମାନେ ଏହାକୁ ସର୍ବୋତ୍କୃଷ୍ଟ ଉପାଦେୟ ଖାଦ୍ୟସ୍ୱରୂପ ବ୍ୟବହାର କରନ୍ତି । ଏହାକୁ ତାମିଲ ଭାଷାରେ "ବଲ୍ଲିକିଲଙ୍ଗୁ", ତେଲଙ୍ଗୀରେ "ଗେଣସୁ" ଓ ହିନ୍ଦୁସ୍ଥାନୀରେ "ଶକ୍ରକନ୍ଦ" କହନ୍ତି ।

କନ୍ଦମୂଳ ଅତି ଶୀଘ୍ର ବଢେ ଓ ପରିମାଣରେ ବେଶି ହୁଏ । ଏ ଫସଲ ନିମନ୍ତେ ଜଳର ଅଳ୍ପ ଆବଶ୍ୟକ ହେଉଥିବାରୁ, ଏଥିର ପରିମାଣ ଶତ ଉପରେ ନିର୍ଭର କରୁଥିବାରୁ ଏବଂ ଏହା ସର୍ବପ୍ରକାର ମୃତ୍ତିକା ଓ ଜଳବାୟୁରେ ଉତ୍ପନ୍ନ ହେଉଥିବାରୁ, ଜଳକଷ୍ଟ ଏବଂ ଦୁର୍ଭିକ୍ଷସମୟରେ ଏଥିର ଚାଷ ବିଶେଷ ଉପକାରରେ ଆସେ । ଏହା ଖାଇବାକୁ ଅତ୍ୟନ୍ତ ସୁସ୍ୱାଦୁ ଓ ମଧ୍ୟ ପୁଷ୍ଟିକର ଓ ବଳବର୍ଦ୍ଧକ । ଏହାର ଲଟା ହାତ ୫ । ୬ ତ ଲମ୍ବା ହୋଇ ମାଟି ଉପରେ ମାଡ଼େ ଓ ଏଥିରେ ସୁନ୍ଦର ବାଇଗଣି ରଙ୍ଗର ଫୁଲ ହୁଏ । ଲଟାର ପ୍ରତ୍ୟେକ ଗଣ୍ଠିରୁ ଅନେକ ଚେର ବାହାରେ ଏବଂ ପ୍ରତ୍ୟେକ ଚେରରେ ଅନେକସ୍ଥଳରେ ରସପୂର୍ଣ୍ଣ କନ୍ଦ ହୋଇ ବୃଦ୍ଧି ହେଲେ କନ୍ଦମୂଳର ଆକାର ଧାରଣ କରେ । ପ୍ରତି ଲଟାରେ ହାରାହାରି ଗୋ ୬୦ ଟି ଲେଖା କନ୍ଦମୂଳ ହୁଏ । ଯବଦ୍ୱୀପରେ ଗୋଟିଏ କନ୍ଦମୂଳ ସେର ୬ ର ଓଜନ ପର୍ଯ୍ୟନ୍ତ ବଢ଼ିବାର ଦେଖାଯାଏ । ମାତ୍ର ଏ ଦେଶରେ ଏହା ସାଧାରଣତଃ ଅଧସେର ଓଜନ ପର୍ଯ୍ୟନ୍ତ ବଢ଼େ ।

ଆକୃତି, ଓଜନ, ସ୍ୱାଦ ଏବଂ ଗନ୍ଧ ଭେଦରେ କନ୍ଦମୂଳ ଅନେକ ପ୍ରକାର ହୋଇଥାଏ । ସାଧାରଣତଃ ଧଳା ଓ ଲାଲ କନ୍ଦମୂଳ ଦେଖାଯାଏ । ଅପେକ୍ଷାକୃତ ସୁସ୍ୱାଦୁ ଥିବାରୁ ଲାଲ ରଙ୍ଗର କନ୍ଦ ସାଧାରଣରେ ବିଶେଷ ଆଦର ଦେଖାଯାଏ ।

ଭାରତବର୍ଷର ଯେ କୌଣସି ସ୍ଥାନରେ ଏହାର ଚାଷ ହୋଇ ପାରେ । ଏହାର ଚାଷ ନିମନ୍ତେ ବାଲିଆ ମାଟି ବିଶେଷ ଉପଯୋଗୀ; କୌଣସି ସ୍ଥାନରେ ଏଣ୍ଟୁଆମାଟିରେ ମଧ୍ୟ ହୋଇଥାଏ । ମାନ୍ଦ୍ରାଜ ଓ ସନ୍ନିକଟବର୍ତ୍ତୀ ସମୁଦ୍ର ଉପକୂଳରେ ଏହାର ଚାଷ ହୋଇପାରେ, କାରଣ ଲବଣାକ୍ତ ଜଳବାୟୁ ଏହାର ବୃଦ୍ଧିର ବିଶେଷ ସହାୟତା କରେ ।

କନ୍ଦମୂଳ ଚାଷ ନିମନ୍ତେ ମାଟିକୁ ଖୁବ ଗଭୀର ଭାବରେ ଚାଷ କରିବାର ଆବଶ୍ୟକ । ଲଙ୍ଗଳ ବା କୋଡ଼ଦ୍ୱାରା ଖୋଳି ମାଟିକୁ ଯେତେ ଗଭୀର କରାଯିବ, ସେହି ପରିମାଣରେ ବେଶି ଫସଲ ଅମଦାନି ହେବ । ଏହାକୁ ସିଆର ବାନ୍ଧି ବା ଶଜାଡ଼ି କରି ଲଗାଯାଏ । ସିଆର ବାନ୍ଧି ଲଗାଇଲେ ପ୍ରତ୍ୟେକ ୨ ଫୁଟ ଅନ୍ତରରେ ଉଚ୍ଚ ର ୧ ଫୁ ଓ ପ୍ରସ୍ଥ ର ୧½ ଫୁ କରିଦେବା ଦରକାର । ବୃଷ୍ଟିର ସମ୍ଭାବନା ନ ଥିଲେ କୁଡ଼ ବାନ୍ଧି ଲଗାଇବା ଉଚିତ ନୁହେଁ । ଜ୍ୟେଷ୍ଠମାସଠାରୁ ଅଶ୍ୱିନମାସ ପର୍ଯ୍ୟନ୍ତ ସବୁବେଳେ ଲଟା ଛାଟି କେବ ଲଲଗୁପେ ଶତ କଥିକୋଇ ଥିବା ସ୍ଥଳରେ ଲଗାଇବ ଏହାର ମଞ୍ଜିରୁ ଗଛ ହୁଏ ନାହିଁ । ମାଟି ଶୁଖିଲା ଥିଲେ ଲଟା ଲଗାଇବାର ଦୁଇ ଏକ ଦିନ ପୂର୍ବରୁ ଅଥବା ଲଗାଇବାର ଠିକ ପରରୁ କିଆରିରେ ପାଣି ମଡ଼ାଇବ, କାରଣ ଲଟା ଗୁଡ଼ିକୁ ଓଦା ଓ ଭିଜା ମାଟିରେ ଲଗାଇବା ଉଚିତ । ଦି ୭ ଦି ମଧ୍ୟରେ ଚେର ଲାଗି ଲଟା ମାଡ଼ିବାକୁ ଆରମ୍ଭ କରିବ । ଲଟା ଜନ୍ମାଇବା ନିମନ୍ତେ କନ୍ଦମୂଳ ନ ମିଳିଲେ ମଧ୍ୟମ ଆକାରର ସାନ ୨ କନ୍ଦମୂଳକୁ ମାଟିରେ ପୋତି ଲଟା ଜନ୍ମାଇ ନେବାକୁ ହେବ ଏଣିକି ଚାଷର ଅନ୍ୟାନ୍ୟ ପ୍ରକ୍ରିୟାଗୁଡ଼ିକ ଖୁବ ସହଜ ସାଧ୍ୟ । ଲଟା ଲଗାଇବାର ଦି ୧୫।୨୦ ଦି ପରେ ପ୍ରଥମଥର ଏବଂ ତାହାର ମା ୧ ସ ପରେ ଦ୍ୱିତୀୟଥର ବାଛିବାକୁ ହେବ । ସାଧାରଣତଃ ବର୍ଷାକାଳରେ ଲଟା ହେଉଥିବାର ଜଳରେ ପାଣି ମଡ଼ାଇବାର ଦରକାର ହୁଏ ନାହିଁ । କିନ୍ତୁ ଯଦି ବୃଷ୍ଟି ଦି ୧୫ ଦି ମଧ୍ୟରେ ଥରେ ନ ହୁଏ ତେବେ ଦି ୭ ପରେ ଥରେ ଲେଖା ପାଣି ମଡ଼ାଇବ ଜଳର ପରିମାଣ ଅଳ୍ପ ହେଲେ ଯଥେଷ୍ଟ ହୁଏ; ପାଣିରେ କିଆରି ବୁଡ଼ାଇ ଦେବାର ଦରକାର ହୁଏ ନାହିଁ । ଲଟା ଲଗାଇବାର ମା ୩।୪ ପରେ ପତ୍ରସବୁ ହଳଦିଆ ହୋଇ ଶୁଖିବାର ଦେଖାଗଲେ ବୁଝ ଏକଦିନ ପୂର୍ବରୁ ଲଟାରୁ ପତ୍ରଗୁଡ଼ିକ ତୋଳିଦେଇ, ମାଟି ଖୋଳିବା ସୁବିଧା ପାଇଁ କିଆରିରେ ପାଣି ମଡ଼ାଇ କନ୍ଦମୂଳଗୁଡ଼ିକ କୋଡ଼ିରେ ଖୋଳି ନେବାକୁ ହୁଏ ସାଧାରଣତଃ ମାଣପ୍ରତି ବାଲେଶ୍ୱର ମ ୧୦୦ ମଣ ବା ୧୫୦ ମଣ ଅମଳ ହୁଏ ମାତ୍ର ଭଲ ଖତ ଦେଇ ଯତ୍ନପୂର୍ବକ ଚାଷ କଲେ ମାଣପ୍ରତି ମ ୨୦୦ ମଣ କନ୍ଦମୂଳ ଅମଳ ହୋଇପାରେ ।

ଲୋକେ କନ୍ଦମୂଳକୁ ସାଧାରଣତଃ ସିଝାଇ ବା ପୋଡ଼ିକରି ଖାଇଥାନ୍ତି । ବୋମ୍ବାଇ ନଗରର ସମୁଦ୍ର ଉପକୂଳବର୍ତ୍ତୀ ପ୍ରଦେଶମାନଙ୍କରେ କନ୍ଦମୂଳକୁ ପାତଳା ଚେକା ୨ କରି କାଟି, ବହୁଁରେ ତେଲ ଏବଂ ଲଙ୍କାମରିଚ ଗୁଣ୍ଡି ବୋଳି ଦେଇ ବା ଘିଅରେ ଭାଜି ଅଚାର କରନ୍ତି । ଏପରି ଅବସ୍ଥାରେ ଏହା ବହୁଦିନ ପର୍ଯ୍ୟନ୍ତ ଅବିକୃତଭାବରେ ଥାଏ ଏବଂ ଖାଇବାକୁ ସୁସ୍ୱାଦୁ ହୁଏ । କନ୍ଦମୂଳର ଲଟା ଗୋରୁମାନଙ୍କର ଅତ୍ୟନ୍ତ ଉପାଦେୟ ଖାଦ୍ୟ ସାମଗ୍ରୀ ଅଟେ ।

ଉପରଲିଖିତ ବିବରଣରୁ ଦେଖାଯାଉଅଛି ଯେ ଅନାବୃଷ୍ଟି ସମୟରେ ମା ୩।୪ ମଧ୍ୟରେ ସାମାନ୍ୟ ଖରଚ କରି ଓ ଅଳ୍ପଜଳ ଯୋଗାଇ ମାଣପ୍ରତି ଅନ୍ୟ ଫସଲର ଦଶଗୁଣ କନ୍ଦମୂଳ ଅମଳ କରାଯାଇ ପାରେ । ଅନାବୃଷ୍ଟି ସମୟରେ ଏବଂ ଦୁର୍ଭିକ୍ଷର ଆଶଙ୍କା ଥିଲେ କୃଷି ସମ୍ବନ୍ଧୀୟ

Digitized by srujanika@gmail.com

Split by PDF Splitter



ସଭ୍ୟସମୂହ ଏବଂ ଅଜ୍ଞାତ୍ୟ ଧନବାନ୍ ଜମିଦାର ମାନେ ଯଦି ପ୍ରଚୁର ପରିମାଣରେ କନ୍ଦମୂଳର ଗୃଷ କରନ୍ତି, ତାହାର ପ୍ରତ୍ୟାଶା ନ ରଖି କେବଳ ମୂଲ୍ୟ ଦରିଦ୍ର ପ୍ରଜାମାନଙ୍କୁ ଏହା ବିକ୍ରୟ କରନ୍ତି, ତା ହାହେଲେ ଦୁର୍ଭିକ୍ଷର ଆଶଙ୍କା ବହୁଳ ପରିମାଣରେ ହ୍ରାସ ହେବ ଅମେରିକାର ଅନେକାନେକ ପ୍ରଦେଶରେ କନ୍ଦମୂଳ ପ୍ରଧାନ ଖାଦ୍ୟ ଅଟେ ଏବଂ ସେଠାର ଲୋକେ ଏହାକୁ ଚରକାଳ ବ୍ୟବହାର କରି ବଡ଼ା ସୁଖରେ କାଳ ଯାପନ କରନ୍ତି । ଉଚ୍ଚ ରକମର ଗୋଟାଏ ନୂଆ ଖୋଳାଇ ଲେ ସାମାନ୍ୟ ଜମିରେ କନ୍ଦମୂଳ ଗୃଷ କରିବା ପାଇଁ ଜଳ ଯୋଗାଇ ପାରିଯାଏ । ପଣ୍ଡଅ ଓ ପହାଡ ଏକ ଜମିରେ ବ ୬ ର୍ଥ ପର୍ଯ୍ୟନ୍ତ କନ୍ଦମୂଳର ଉପ ଯ୍ୟପର ଗୃଷ କୋଇପାରେ, କେବଳ ମଝିରେ ମଝିରେ ପ୍ରଚୁର ପରିମାଣରେ ଖତ ଦେଇ ଥିଲେ ଯଥେଷ୍ଟ ହୁଏ । କୃଷକମାନଙ୍କୁ ଉତ୍ସାହ ଦେବା ଉଦ୍ଦେଶ୍ୟରେ ଦୁର୍ଭିକ୍ଷ ସଂବନ୍ଧୀୟମାନଙ୍କ-ରେ ଏହି ଫସଲର ଖଜଣା ମାଫ କରିବା ନିମନ୍ତେ ସରକାର ବାହାଦୁରଙ୍କୁ ପ୍ରାର୍ଥନା କରୁଅଛନ୍ତି, କ୍ରମଶଃ ଏହି ଉପାୟ ଅବଲମ୍ବନ କଲେ ଦୁର୍ଭିକ୍ଷ ସମୟରେ ଇଷ୍ଟାପୂର୍ତ୍ତିର ବ୍ୟବସ୍ଥା ଅପେକ୍ଷା ଏତଦ୍ୱାରା ବିଶେଷ ଉପକାରର ସମ୍ଭାବନା ଅଛି । ”

—·—

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

କୋଇଡ଼ର ମେମ୍ବର ମିଃ ବି, ଭକ୍ତର, କୋଲାଟକ ଇଷ୍ଟ୍ରୀ ପ୍ରଦାନ କରିବାରେ ନାଜ୍ୟକର ମିଃ ବୃନ୍ଦଗୋବିନ ସ୍ୱର ଏଠ ଅଗଷ୍ଟମାସ ତା ୧୩ ରଠାରୁ ବୋର୍ଡର ମେମ୍ବର କାର୍ଯ୍ୟରେ ବାହାଲ ହେଲେ ।

ପାଃକାଡିଭିସରର ଅଫିସିଆଟିଂ କମିଶନର ମିଃ ଉକଣର ମଦ୍ଦ ଗୋଟିଏ ଷ୍ଟିସର କମିଶନ ପଦରେ ବାହାଲ ହେଲେ ।

## ସ୍ଥାନୀୟ ସମ୍ବାଦ ।

ଅସ୍ମାକଙ୍କର ସାଲିସାଥ୍ୟ କମିଶନ ଆସିବା କ, ଏଫ୍ ସାଲେଷ ସାହେବ ଛଅମାସର ଛୁଟୀ ନେଇ ଗତ ତା ୧୪ ରି-ଖରେ ବିଲାତ ଯାତ୍ରା କଲେ ।

ବଡଲାଟସ ଅଦାଲତୀ ଠାରେ ଏକ ବୃଦ୍ଧବାର ସଂକଳ୍ପର ଖବର ଅଟେ ।

ଗତ ମଙ୍ଗଳବାରଠାରୁ ଏଠା ଅତ ନୂଆବଜେଟ ପିଟିଅଛି ।

ଗତ ସୋମବାରଠାରୁ ଏଠା ରେଭିନ୍ୟୁ କଲେକ ଓ କଲେଜସ୍କୁଲ ଫିଟିଅଛି ।

ଏ ସହରର କଟକ ଓ ଭୁବନେଶ୍ୱରରେ ସରକାରର ଭଟ୍ଟେଣୀ ନଦିଧାରର ଲିବ କାମ ହୋଇଅଛି ।

ବନ୍ୟାଠାରୁ ପରୀକ୍ଷା ଦେବାନିମନ୍ତେ ଉମେଦବାରଙ୍କ ଦାଖଲ ପରେ ସୁବିଧାର ଦବସ୍ଥ ଗୁଡ଼ା ବନିଶ୍ଚିତ ଦରଖାସ୍ତ ଦିଅ ଯାଇଛି ତ ହେଲଅଛନ୍ତି । ଅତ୍ୟ ପରୀକ୍ଷା ସେଥିରେ ହେବ ।

ଗତ ବୃହସ୍ପତିବାର କଲେଜ ଭଙ୍ଗିବା ପରେ ଏଠା ଟ୍ରେନିଂ ସ୍କୁଲର ହିଲକ ସ୍ମୃତ ଶବ ବର୍ଷ ସବ ହଠ ସ୍ୱର୍ଗୀୟ ଭକ୍ତଗୋପୀନାଥ ମହୋଦୟଙ୍କ ସ୍ମରଣ ଶାସ୍ତ୍ର ସଭ୍ୟଙ୍କ ଗ୍ରହଣ କରିବା ସମୟର ଘୋଷଣାପତ୍ର ପାଠ କରିଥିଲେ । ସଭାସ୍ଥଳରେ ବର୍ତ୍ତମାନଙ୍କର ସବ ସାଦ ହୋଇଥିଲ ଏବଂ ଅନେକେ ସ୍ଥାନ ନ ପାଇ ଛଳେ ରହିଥିଲେ ।

## ଖଣ୍ଡଗିରି ସମ୍ବାଦ ।

ସାପିକା ପଦ୍ମସଖାରେ ଲୁଣିଆ ଖଣ୍ଡଗିରିର ବଧାନ ବ୍ରାହ୍ମଣଟି ଯାତ୍ରିକ ଦଳରେ ଲୁଗ୍ଗ ହୋଇ ଉଡୁଟିଏ ହାର ଭୂଷ ଥିଲେ ସୂଦ୍ଧା କାଯୁତୁଣୀ ଲହଡଯାଇଅଛି । ଦଗଠ ସୁନ୍ଦରର ଦ୍ୱାରା ସ ୪ ଖା ସମସ୍ତେ ହେଗୀ ଗୃହର କପାଳ ଭଳ କରି ଲଗିଛନ୍ତି ଥାଇଁ ଓ ଲଭ ଗୃହକୁ ନଷ୍ଟ ଯିବାର ଘଥ ନ ଥିଲେ ସୂଦ୍ଧା ଲଢ଼ଯାଇଅଛି; ଧନ୍ୟ ରେ ସମ୍ପଦର୍ଭ ଓ ବିଦ୍ୱାନ ।

ନିକଟବର୍ତ୍ତୀ ସ୍ୱପ୍ନିର ଗ୍ରାମରେ ବାସୀ ମହାପ୍ରଭୁ ଓ ଦେବର ସାହୁ ସୁନ୍ଦର ମଧ୍ୟରେ ୪ ର୍ଥ ପ୍ରଦରୁ ବଗଡ ଉଠିଅଛି; ଦଗଠ ଅକ୍ଟୋବର ତା ୧୨ ରିଖରେ ଦବେର ସାହୁର ଗୃହ କପଳ ଅନେକ ମନୁଷ୍ୟ ସହ ସ୍ୱଗୃହରେ ଯୋଗଦେଇ ଥଲେ; ଏହି ମହାପ୍ରଭୁ ସହମାନଙ୍କ ସାହୁଙ୍କ ବଡିର ଫୌଜଦାରୀ ଆରମ୍ଭ କଲେ । ପରବାସିବାର ହଜ ଏ ଅବହ ଓ ଏକଜଣ ଦୂର ହୋଇଅଛନ୍ତି । ହବଦ୍ଧିକି ସୁଲିଶ ସାହେବ ଉଭୟ ପକ୍ଷର ଲୋକମାନଙ୍କୁ ସମସ୍ତେ “ମୋତେ ବଡିଲ ସାହୁ ଓ ତାହାର ଲୋକମାନେ ମାରିଛନ୍ତି” କହି ସହିବ ଲାଇଲ ।

ଭୁଅଶ୍ଚର ଜିଲ୍ଲା କାଉନ୍ସିଲର ଜଣ ଗତ ସାଲଭିବାରୁ ତାହି ଧନରାଶିର ପାଇଁ ସବୁକୁ ୧୦୦୦ ଙ୍କାର ବିଜ୍ଞାପନ ଦେଇଅଛି ।

ମହେଶ ପୁର ନିବାସୀ ୨ ଜଣ କୃଷକ ଅଟକ ଦ ୪ ର୍ଥ ହେଇ ସମ୍ବଲପୁରରେ ଥିଲ । ତାହାର ସେଠାକାର ପଲ୍ଲୀ ତେବେଲ ସହବାସରେ ଶୁକ୍ଲରଙ୍କ କରିଥିବାରୁ ସମାଜଚ୍ୟୁତ ହୋଇଥିଲ; ସ୍ୱେଚ୍ଛାରେ ଗୃହରେ ପତ୍ନୀ ପଲ୍ଲୀଙ୍କୁ ଅଦର୍ଶ ନାହିଁ; ସାମାଜିକ ଶାସକମାନେ ଏ ସ୍ତ୍ରୀ ଦେବଲକୁ ଦୀକ୍ଷା ହେବାର ଅବଲୁନ କରିଛନ୍ତି ନାହିଁ ପଥାପଣ ପ୍ରୁଦେପ୍ସୁତ ଉଭୟପକ୍ଷ ହୋଇ ମୁଖ ମୁକ୍ତିମଣ୍ଡପ ପଣ୍ଡିତସଭାର ଗ୍ରଣ କରୁଅଛନ୍ତି । ଏଣା କରୁଁ ଅବଲମ୍ବେ ପ୍ରକାଶ ପାଇରେ ଏହିପ୍ରକାର ଉତ୍ତର ଗୋଟିଏ ଦାରୁଣ ଉତ୍ପାତକ ହୋଇପଡିବ ।

ଏ ବର୍ଷ ବୃଷ୍ଟି ହୋଇଥ ଫସଲ ଏକରକମ୍ ଅଥାନ୍ତ ହୋଇଅଛି ।

ଏଠା ହାଟୁଅ ତୋଷାରେ ୫ ୫୦,୦୦୦ ଙ୍କାର ଗୋଟିଏ ଗୋଦାମ ଖୋଲିବାର ଉଦ୍ୟମ ଦେଇଅଛି ।

## ଜଗତ୍ସିଂହପୁର ସମ୍ବାଦ ।

ଏ ଅଞ୍ଚଳରେ ଉଚ୍ଚଜାତ ମେସଅ ପାଗ ହୋଇ ସାମାନ୍ୟ ବର୍ଷା ହୋଇଥିବାରୁ ଲୋକଙ୍କ ମନରୁ ଦୁର୍ଭିକ୍ଷ ଆଶଙ୍କା ଦୂର ହୋଇଅଛି।

ବସନ୍ତରୋଗର ପ୍ରକୋପ ଏ ଅଞ୍ଚଳରେ ଏବେ ତେବେ ଯାଇ ନ ଥିଲେ ମଧ୍ୟ ଅନେକ ପରିମାଣରେ ହ୍ରାସ ଲଭିଅଛି, ଏହି ଜମିରେ ଏ ଅଞ୍ଚଳକୁ ଯେ ଭାଲୁର ଅଛି ଥିଲେ ତାଙ୍କର ଏବେ ଉତ୍ତର ନ ଯାଇ ଅଛି ଭଲ ଭଲ ରହୁଥିଲେ ଭଲ ହୋଇଥାନ୍ତା ।

ଅତ୍ର ଡାକ୍ତରଖାନାର ଡାକ୍ତର ଓ କମ୍ପାଉଣ୍ଡର ଦୁଇଜଣଙ୍କୁ ପ୍ରାୟ ଛଅମାସ ହେଲା ଦରମା ପାଇ ନାହାନ୍ତି, କେତେ ଥର ସମ୍ବନ୍ଧ କରି ତିନି ତିନି ମାସରେ ଦରମା ନ ପାଇଲେ କ କଷ୍ଟ ହୁଏ ତାହା ବୁଝିବା ଉଚିତ ଅଛି କରି ବୁଝିବ ।

ପୋଲିସ ସବ୍‌ଇନ୍‌ସପେକ୍ଟର ଗୁରୁବାବୁ ସଉରଚନ୍ଦ୍ର କାର୍ଯ୍ୟରୁ ନିବୃତ୍ତି ଆମ୍ଭେ ଅସନ୍ତୁଷ୍ଟ ଶୁଣାଯାଏ, ଏ ମହାଶୟ ଅତ୍ର ଜଗତ୍‌ସିଂହପୁର ଥାନାରେ ଥିବାବେଳେ ସେତେବେଳେ ଚୌକିଦାରର ବେଶ ପାଇଥାନ୍ତେ ଏଠାରୁ ସେ ଗଲ ଦାଉଦରୁ ଚୌକିଦାରର ମୌକା ଉପରକୁ ଯିବାର ପ୍ରଥା ଉଠିଯାଇଅଛି ।

କେନାଲ ଉପବାର ସବଡିଭିଜନ ଲାଲ ଅଫିସର ଶ୍ରୀଯୁକ୍ତ ବାବୁ ପ୍ରାଣକୃଷ୍ଣ ସେନ ମହୋଦୟ ଅନେକ ଦିନ ଏଠାର ଅଫିସରେ କାର୍ଯ୍ୟ ହୋଇ ଏଠାରୁ ଖାଜାନ୍ତରକୁ ଯିବାର ମଞ୍ଜୁର କରିଅଛନ୍ତି, ଏ ସମ୍ବାଦରେ ଆମ୍ଭେମାନେ ସେତେବେଳେ ଦୁଃଖିତ ଅଛନ୍ତି କାରଣ ଏହାଙ୍କର ସୌଜନ୍ୟତା, ଭଦ୍ରତା ଓ ପରୋପକାରିତା ରେ ସମସ୍ତେ ବାଧ୍ୟ ।

ଅତ୍ର ସବଇନସ୍ପେକ୍ଟର ମହୋଦୟ ବାବୁ ଦେବରେ ମାଲିଆମିଲକଙ୍କୁ ବହୁ ସେବା କରୁଅଛନ୍ତି । ଈଶ୍ୱର ତାହାଙ୍କ ଶୀଘ୍ର ଅବସ୍ଥେ କରନ୍ତୁ । ଏହାର ପ୍ରାର୍ଥନା ।

## ଯାଜପୁର ସମ୍ବାଦ ।

ଯାଜପୁର ବ୍ରାହ୍ମଣପ୍ରଧାନ ସ୍ଥାନ । ଏଠାରେ ପୂର୍ବେ ସଂସ୍କୃତ ଶିକ୍ଷାର ବହୁଳ ପ୍ରଚାର ଥିଲା ମାତ୍ର ବର୍ତ୍ତମାନ ଏଠାର ବ୍ରାହ୍ମଣମାନେ ସଂସ୍କୃତ ଶିକ୍ଷା କରିବା ଦୂରେ ଥାଉ ମାତୃଭାଷା ଓଡ଼ିଆ ଲେଖାପଢ଼ା ଶିକ୍ଷାରେ ମଧ୍ୟ ସେମାନଙ୍କର ଆଗ୍ରହ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଅତ୍ର ସ୍ଥାନ ମଧ୍ୟରେ ପଣ୍ଡିତ ଦାମୋଦର ବିଦ୍ୟାବାଗୀଶ ଓ ପଣ୍ଡିତ ସଦାଶିବ ବିଦ୍ୟାରତ୍ନ ଦୁଇଜଣ ମାତ୍ର ସୁପଣ୍ଡିତ ଥିଲେ ସେମାନଙ୍କର ନାମ ଦେଶବିଦେଶରେ ଖ୍ୟାତ ଥିଲା । ତନ୍ମଧ୍ୟରୁ ପଣ୍ଡିତ ସଦାଶିବ ବିଦ୍ୟାରତ୍ନ ମହାଶୟ ଗତ ଅକ୍ଟୋବର ମାସ ତା ୧୫ ରିଖ ବୃହସ୍ପତିବାର ୬୯ ବର୍ଷ ବୟସରେ ଇହସଂସାର ତ୍ୟାଗ କରି ଲୋକାନ୍ତରକୁ ଗମନ କରିଅଛନ୍ତି । ପଣ୍ଡିତ ମହାଶୟଙ୍କ ମୃତ୍ୟୁରେ ଏଠାରୁ ଜାତୀୟ ଲୋକେ ଦୁଃଖିତ ଅଛନ୍ତି । ଉକ୍ତ ବିଦ୍ୟାରତ୍ନ ମହାଶୟଙ୍କର ସମ୍ମାନାର୍ଥେ ଏଠା ହାଃ ଇଂ ସ୍କୁଲର କର୍ତ୍ତୃପକ୍ଷମାନେ ଛୁଟି ଅନେକ ସ୍କୁଲ ବନ୍ଦ କରିଥିଲେ ।

ଜଳାଭାବରୁ ଧାନବିଲମାନ ଶୁଖି ଯାଉଥିଲା ଉପକ୍ରମ ହୋଇଥିଲ ମାତ୍ର ଅକ୍ଟୋବରମାସ ତା ୧୯ ରଖଠାରୁ ତା ୨୨ ରଖ ପର୍ଯ୍ୟନ୍ତ ଅବାଧ ମେଘବୃଷ୍ଟି ହୋଇ ପ୍ରାୟ ଏକଇଞ୍ଚ ହେବ ଜଳ ଝରଣା ହୋଇଥିବାରୁ ଧାନ୍ୟଫସଲ ପକ୍ଷରେ ବିଶେଷ ଉପକାର ହୋଇଅଛି ମାତ୍ର ପରନ୍ତୁ ଧାନ-କିଆରୀ ଶୁଖି ଯାଉଥିବାରୁ ଅଉ ଜଳ ବର୍ଷା ନ ହେଲେ ସମ୍ପୂର୍ଣ୍ଣ ଧାନଫସଲ ସଂପୂର୍ଣ୍ଣ ଭଲ ହେବ ନାହିଁ ।

ବୈତରଣୀର ପଲ ଶୀଘ୍ର ଅଟକ ହେଉଅଛି, ଅକାଶ ପରିଷ୍କାର ହୋଇସିବା ଓ ଶୀଘ୍ରବେ ପ୍ରତିଶୟ ଜମ ପଡୁଥିବାରୁ ଲୋକ ଗଡ଼ିବାର ସମ୍ଭବ ହୁଏ ।

ଜ୍ୱରଠାରେ ରୋଗ ହ୍ରାସ ହେଉଅଛି ମାତ୍ର ଅନେକ କ୍ରମରୁ ଦେଉଳ ଅନେକଲୋକ ଜ୍ୱରରୋଗରେ ଆକ୍ରାନ୍ତ ହେଉଅଛନ୍ତି ।

ଦୁର୍ଗାପୂଜାର ସର୍ବ ଅବକାଶ ପରେ ଗତ ଅକ୍ଟୋବର ମାସ ତା ୩୧ ରଖ ମଙ୍ଗଳବାରଠାରୁ ଏଠା କୋର୍ଟମାନ ଅବାରିତ ଖୋଲିଅଛି ।

ବାବୁ କାଳୀନାଥ ଚକ୍ରବର୍ତ୍ତୀ ଡାକ୍ତର ଏଠାରେ ପ୍ରାୟ ଦୁଇ ବର୍ଷ ହେବ ସୁନାମ ଅର୍ଜନ କରି ଏଣିକିଆ କାର୍ଯ୍ୟ କରୁଥିଲେ ମାତ୍ର ତାଙ୍କର ସବ ଭାଲୁ ଦଳ ମୁନସିପଙ୍କ ମହକୁମାରେ ଏହାଙ୍କୁ ତାଙ୍କର ପ୍ରାର୍ଥନାମତେ ସେ ସେଠାରୁ ଓ ସେଠାର ଡାକ୍ତର ଏହାଙ୍କୁ ବଦଳି, ଏହି ଯାଜପୁରକୁ ଆସିବାର ଆଦେଶ ହୋଇଅଛି ।

Digitized by srujanika@gmail.com

## ସାଧାରଣ ସମ୍ବାଦ ।

କଲିକତା ଟ୍ରେଡଗାଲରେ ଜଣେ ସାହେବ ମଟରଗାଡ଼ିରୁ ତାଙ୍କର ବେଳେ ବୁଲିବା ବୋଲି ଲଟିଣ ନେହରୁର ସାହେବ ଉପ ଘଟିଗଲା ଲୋକଙ୍କୁ ଘର ଦେଖାଇ କରିବା ସମସ୍ତରେ ପାଇ କାହାକୁ ନ କହି ଅନେକ ଲୋକଙ୍କରେ ଭଲିଥିଲା । ତାହା ମଧ୍ୟରୁ ଏକ ହଜାର ନୋଟ ଖଣ୍ଡିଏ ହଟାଇବାରୁ ସାର ବର୍ତ୍ତମାନ ଧରଦେଇ ପୋଲିସଦ୍ୱାରା ଚାଲାଣ ହୋଇଅଛି ।

ଗତ ଅକ୍ଟୋବର ମାସ ତା ୨୧ ଦିନରେ ଜାପାନ ସେନା-ପତି ଟୋଗୋ ମହୋଦୟ ଟୋକିଓ ନଗର ମଧ୍ୟରେ ପହଞ୍ଚି ସମ୍ରାଟଙ୍କ ସଙ୍ଗେ ସାକ୍ଷାତ କରି ଯୁଦ୍ଧର ଜୟଲାଭ ଜଣାଇଲେ । ଅଧିକାରୀ ଶୁଭ ବାର୍ତ୍ତା ପ୍ରଦାନ କଲେ । ନଗର ମଧ୍ୟରେ ଏ ମହୋତ୍ସବ ଦେଖିବା ସମୟରେ ଉକ୍ତ ସ୍ଥାନ ଲୋକାରଣ୍ୟ ହୋଇ ରହିଥିଲା ଏବଂ ସମସ୍ତେ ଏହାଙ୍କୁ ଦେଖି ଜୟ ଧ୍ୱନିରେ ଗଗନ ଫଟାଇ ଦେଲେ । ସ୍ମୃତିଚିହ୍ନ ସ୍ୱରୂପ ନଗରରେ ତାଙ୍କ ଲାଗି ସମାଗତ ପଶ୍ଚାତ ତାଙ୍କର ଏବଂ ସେନା ଦଳର ସାହସର ପ୍ରଶଂସା କରିଥିଲେ ।

ରଙ୍ଗପୁରଠାରୁ ସମ୍ବାଦ ମିଳିଛି ଯେ ଗତ ଅକ୍ଟୋବର ମାସ ତା ୨୧ ଦିନରେ ହିମାଳୟଠାରେ ଭୂମିକମ୍ପ ହୋଇଥିବା ସମୟରେ ପ୍ରବଳ ହୋଇଥିଲା । ଏଥି ଅନିଷ୍ଟ ହୋଇ ନାହିଁ । ଦାର୍ଜିଲିଙ୍ଗ ଯୋଗେ ଏହି କମ୍ପ ଅନୁଭବ ହୋଇ ଥିବାର ସମ୍ବାଦ ମିଳିଛି । ମୋଟରେ ତିନି ଥର ଲାଗି ଅଛି ଏବଂ ଏକ ଗୃହରେ ପଡ଼ି କୌଣସି ଲୋକାନ ହୋଇ ନାହିଁ । ଭଗବାନ ମହୋଦୟଙ୍କ କୃପାରୁ ଏହାଙ୍କ ଦେଶରେ ଶାନ୍ତି ହୋଇଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

ଲୁଣ୍ଡରା, ମୟୂରଭଞ୍ଜ—କେନ୍ଦୁଝର ମହାରାଜାଙ୍କ ମୃତ୍ୟୁ ସମ୍ବାଦ ପୂର୍ବରୁ ପ୍ରକାଶ ହୋଇଥିବାରୁ ଆପଣଙ୍କ ପତ୍ରିକା ପ୍ରକାଶିତ ହେଲା ।

ଶ୍ରୀ ଭଗବାନ ଦାସ—ଆପଣଙ୍କ ପତ୍ର ପୋଷ୍ଟମାଷ୍ଟର ବାବୁ ହରେକୃଷ୍ଣ, ବନ୍ଦ୍ୟୋପାଧ୍ୟାୟଙ୍କ ଉଦ୍ଦେଶ୍ୟର କାର୍ଯ୍ୟର ଯୋଗ୍ୟ ବୋଲି ବିବେଚିତ ହେଲା । ମାତ୍ର ବିଶେଷ କାରଣ ବଶତଃ ପ୍ରକାଶିତ ହୋଇ ନ ପାରିବାରୁ ଫେରାଇ ଦିଆଗଲା ।

ଶ୍ରୀ ଅଭୟଚନ୍ଦ୍ର ପାଢ଼ୀ—ପଦ୍ମପୁର ଅଞ୍ଚଳରୁ ପ୍ରେରିତ ହେଲା ।

ଶ୍ରୀ ଶଶୀଭୂଷଣ ଦାସ—'ସମ୍ମିଳନୀ' ନାମରେ ଗୋଟିଏ ପ୍ରବନ୍ଧ ଉତ୍କଳଦୀପିକାରୁ ଉଦ୍ଧୃତ ହୋଇ ସେଥିରେ ପ୍ରକାଶ ନାମର ଅର୍ଥ ସମ୍ବନ୍ଧ ଲେଖିଅଛନ୍ତି ସେ କଥା ଉପଯୁକ୍ତ ବ୍ୟକ୍ତି ବା ସମ୍ପ୍ରଦାୟ ବିଶେଷର ଅଥବା ସାଧାରଣ କାର୍ଯ୍ୟ ସାଧନାର୍ଥେ ତାହା ପ୍ରକାଶିତ ହୋଇଅଛି ଠିକ ବୁଝାଯାଉ ନାହିଁ ।

ଶ୍ରୀ ବାମନ ଦ୍ୱିବେଦୀ—ଚିଲିକା ଅଞ୍ଚଳବାସୀ ଉତ୍ପୀଡ଼ନରେ ଉତ୍ପୀଡ଼ିତ ବାବୁ ରମାନାଥ ଦାସଙ୍କ ଘର ଓ ସାହାଙ୍କରେ କେତେକ ଗୃହ ଦଗ୍ଧ ହୋଇଅଛି ଓ ବହୁ ଲୋକଙ୍କର ସାଧାରଣ ଶିଶୁ ଚକ୍ଷୁ ହାନି ହୋଇ ଘଟଣା ମନୋଯୋଗ ଅଛି ମାତ୍ର ଅଧିକାଂଶ ଗ୍ରାମବାସୀମାନଙ୍କର ସାହାଯ୍ୟ ଓ ସହାନୁଭୂତି ନ ଦେଖି ଲେଖକ ଦୁଃଖ ପ୍ରକାଶ କରିଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର—

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ ।

ମହାଶୟ !

ଏ ସ୍ଥଳରେ ୧୫ କ୍ଷୁଦ୍ର ରୋଗ ଓ ଧାନ୍ୟ ରୋଗର ବୃଦ୍ଧି ହେଉଅଛି ଏବଂ ବିଶେଷତଃ ଧାନ୍ୟ ପାଚିବାର ସମୟ ପ୍ରାୟ ପ୍ରତିବର୍ଷ ଅମ୍ଭ ଗ୍ରାମବାସିମାନେ ଓ ନିକଟବର୍ତ୍ତୀ ଗ୍ରାମବାସିମାନେ ଚୋରଦ୍ୱାରା ଅତ୍ୟନ୍ତ ଉତ୍ପୀଡ଼ିତ ହେଉଅଛନ୍ତି । ଏଥିର ପ୍ରଧାନ କାରଣ ଅତ୍ୟନ୍ତ ଗୋଲମାଲ ଚୌକିଦାରମାନେ ରାତ୍ରରେ ମଧ୍ୟ ଗସ୍ତ ଆଦୌ କରୁ ନାହାନ୍ତି । ଯେବେ ଚୌକିଦାରମାନେ ପ୍ରତିଦିନ ରାତ୍ରରେ ଗସ୍ତ କରିବା ସଙ୍ଗେ ସଙ୍ଗେ ଚୋର ସନ୍ଦେହ ଲୋକମାନଙ୍କ ଗତିବିଧି ପ୍ରତି ଅନ୍ୱେଷଣ ରଖନ୍ତି ତେବେ ଯଥାର୍ଥ ଶାନ୍ତି ରକ୍ଷା ହୁଅନ୍ତା । ଗ୍ରାମସ୍ଥ ଅଧିକାଂଶ ଲୋକ ଗରିବ, ଏମାନଙ୍କ ଦୈନିକ ରୋଜଗାରଦ୍ୱାରା ଜୀବିକା ନିର୍ବାହ ହୁଏ । ଚୋର ଧରି ପୋଲିସ ଏବଂ ଅଦାଲତରେ ପ୍ରମାଣ ଦେଇ ଦୋଷୀ ଦମନ କରିବା ପ୍ରଜାଙ୍କ ପ୍ରତି ମହାନ କଠିନ ବ୍ୟାପାର ଅଟେ । ଚୌକିଦାରମାନଙ୍କଦ୍ୱାରା ଶାନ୍ତି ରକ୍ଷା ହେବା ଉଚିତ ତମ୍ଭା ଉପରସ୍ଥଙ୍କଦ୍ୱାରା ସୁବନ୍ଦୋବସ୍ତ ହେବା ପ୍ରତି ଆଶା କରି ଶ୍ରୀମତ୍ ଶ୍ରୀଯୁକ୍ତ ମୟୂରଭଞ୍ଜାଧିପତି ମହୋଦୟଙ୍କ ପ୍ରତି ପ୍ରାର୍ଥନା କରୁଅଛୁଁ । ଇତି ।

| | | |
|---|---|---|
| ୨୩।୧୦।୦୫ | | |
| ପାଙ୍କୁଡ଼ା ଶାସନ | | ବଶମ୍ବଦ |
| ପୋଷ୍ଟ ଲୁପଲଶ୍ରଭ | | ଶ୍ରୀ ଗୋବିନ୍ଦଚନ୍ଦ୍ର ମିଶ୍ର |
| ମୟୂରଭଞ୍ଜ | | |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦେବେନ୍ଦ୍ରନାଥ ମିଶ୍ର | ଜୟପୁର | ଟ ୩ |
| „ ଦଗସବ୍ଧକଣେ ବାସ ସ ଓଭରସିୟର | ଭଦ୍ରକ | ଟ ୩ |
| ମିସ୍ତ୍ରୀ ସଦାଶିବ ଦେବ | କୃଷ୍ଣାନନ୍ଦପୁର | ଟ ୩ |
| ବାବୁ ଫକୀର ସାହୁ | ନମଗ୍ରାମବଜାର | ଟ ୧ |
| „ ମାଧବ ଦାସ | ଡେଲି | ଟ ୦ ୩ |
| ମହନ୍ତ ବୁନ୍ଦାବନ | ଧାମନଗର | ଟ ୩ |
| ବାବୁ ରମାନାଥ ପାତ୍ର | ଅଶୋକଙ୍କଦେଶ ଖୋର୍ଦ୍ଧା | ଟ ୩ |
| „ ଭାଗବତ ସାହୁ | ଚଉଧୁରୀ କଟକ | ଟ ୩ |
| „ ଦିବାକର ଦାସ | ଚାନ୍ଦନୀଚୌକ କଟକ | ଟ ୧ |

## ବିଜ୍ଞାପନ ।

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷ ବିକ୍ରୟ ହେଉଅଛି ।

| | | |
|---|---|---|
| ମଟର ଡାଲି | ମ ୯ ଟ ୪୫ ଟ ୧ କୁ ସେ ୦ ୩/ | |
| ଖୁଆ ବିଶ | ମ ୧ ଟ ୫୦ ଟ ୧ ବାକୁ ସେ ୦ ୩/ | |
| ଲୁଣ ଧାନବିଶ | ମ ୧ ଟ ୫୦ ଟ ୧ ବାକୁ ସେ ୧ | |
| ନ ୧ ସ୍ୱର ମଇଦା | ଟ ୧ ବାକୁ ସେ ୪ ୩ | |
| ଏକର | ଟ ୭ ବାକୁ ମ ୧ | |
| ନ ୨ ସ୍ୱର ମଇଦା | ଟ ୧ ବାକୁ ସେ ୫ ୩ | |
| ଏକର | ଟ ୭ ୩/ | ମ ୧ |
| ନ ୧ ସୁଜି ଅଟା | ଟ ୧ ବାକୁ | ସେ ୪ ୩ |
| ଏକର | ଟ ୭ | ମ ୧ |
| ନ ୨ ସୁଜି ଅଟା | ଟ ୧ ବାକୁ | ସେ ୭ |
| ଏକର | ଟ ୬ ବାକୁ | ମ ୧ |
| କାଶୀ ଚିନି | ଟ ୧ ବାକୁ | ସେ ୨।/ |
| ଏକର | ଟ ୧୭ କୁ | ମ ୧ |
| ଗୁଡ଼ | ଟ ୧ ବାକୁ | ସେ ୩ |
| ଏକର | ଟ ୧୫ | ମ ୧ |
| କଲିକତା ସୋରିଷ ତେଲ | ଟ ୦ ୩୭ କୁ | ସେ ୧ |
| ଏକର | ଟ ୨୦ କୁ | ମ ୧ |
| କାନପୁର ସୋରିଷ ତେଲ | ଟ ୦ ୩/ କୁ | ସେ ୧ |
| ଏକର | ଟ ୨୨ କୁ | ମ ୧ |
| ମିଶ୍ରି ବଡ଼ଦାନା | ଟ ୧ କୁ | ସେ ୨୩/୧୦ |
| ଏକର | ଟ ୧୪ ବାକୁ | ମ ୧ |
| ମିଶ୍ରି ଛୋଟିଦାନା | ଟ ୦ ୩/ | ସେ ୧ |
| ଏକର | ଟ ୨୨ | ମ ୧ |
| ଧୂଆ ଗଜାତେଲ | ଟ ୦ ୩/ | ସେ ୧ |
| ଏକର | ଟ ୨୨ | ମ ୧ |
| ନଡ଼ିଆତେଲ | ଟ ୦ ୩/ | ସେ ୧ |
| „ | ଟ ୨୨ | ମ ୧ |
| କଡ଼ୁଦିନ ହାଗମାର୍କା | ଟ ୧୩/ | ଟି ୧ ୪ |
| „ ଘଣ୍ଟାମାର୍କା | ଟ ୧୩୭ | ଟି ୧ ୪ |
| „ ଶୀମାର୍କା | ଟ ୧୩ ୩ | ଟି ୧ ୪ |
| ରେଡ଼ିତେଲ | ଟ ୧ | ସେ ୨୪ |
| ଏକର | ଟ ୧୪୪ | ମ ୧ |
| ଘିଅ | ଟ ୦ ୩/୭ | ସେ ୧ |
| ଏକର | ଟ ୮ | ମ ୧ |
| ଗୁଡ଼ଗୁଡ଼ି | ଟ ୧ | ସେ ୨୩ |
| ଏକର | ଟ ୧୩୩ | ମ ୧ |
| ଚଣାଡାଲି | ଟ ୧ | ସେ ୨୩/ |
| ଏକର | ଟ ୬୪ | ମ ୧ |
| ହରଡ଼ ଡାଲି | ଟ ୦ ୩/ | ସେ ୧ |
| ଏକର | ଟ ୪। | ମ ୧ |
| ବୁଟ ଡାଲି | ଟ ୦ ୩/୭ | ସେ ୧ |
| ଏକର | ଟ ୭ | ମ ୧ |
| ମସୁର ଡାଲି | ଟ ୦ ୩/୧ | ସେ ୧ |
| ଏକର | ଟ ୩। | ମ ୧ |
| ସୁହା | ଟ ୦ ।/ | ପା ୧ ଭରି |

| | | |
|---|---|---|
| ଚୌଧୁରୀବଜାର ଛକ | } | ଶ୍ରୀ ଗଣେଶ ଦାସ |
| କଟକ | | |

## NOTICE.

### CUTTACK JEWELLERY WORKS.

ଏତଦ୍ଦ୍ୱାରା ଅମ୍ଭେମାନେ ଜନସାଧାରଣଙ୍କୁ ଜଣାଉଅଛୁଁ କି ଯେ କଟକ ବକ୍ସିବଜାରଠାରେ ଅମ୍ଭେମାନେ ଦେଶୀୟ ଓ ବିଦେଶୀୟ ସୁନାରୂପାର ଅଳଙ୍କାର ତିଆରି କରିବାର ଯେଉଁ ଗୋଟିଏ ନୂତନ କାରଖାନା ଖୋଲିଅଛୁଁ ତାହା ଅଳ୍ପରୁ ପ୍ରାୟ ଦଶମାସ ହେବ ଖୁବ ସୁଖ୍ୟାତିର ସହିତ ଚଳିଆସୁଅଛି । ଏହି ଅଳ୍ପ ସମୟ ମଧ୍ୟରେ ଏହି କାରଖାନା ଯାହା ଉନ୍ନତି ଲାଭ କରିଅଛି ତାହା ନିମ୍ନଲିଖିତ କତିପୟ ମହାନୁଭବଙ୍କ ସମସ୍ତେ ଅବ-

Split by PDF Splitter
Digitized by srujanika@gmail.com

Split by PDF Splitter



ଗତ ହୋଇଯାଉବେ । ବର୍ତ୍ତମାନ ଅମ୍ଭେମାନେ ଉକ୍ତ କାରଖାନାକୁ ଗୋଟିଏ ବୃହତ୍ କମ୍ପାନୀ ସ୍ୱରୂପ ଗଠନ କରି ଯିନ୍ସମାନ ଅନ୍ତର ଶସ୍ତ ମଲ୍ୟରେ ଦେବା ନିମନ୍ତେ ମନସ୍ଥ କରଅଛୁ । ଉକ୍ତ କମ୍ପାନୀରେ ଯେଉଁମାନେ ଅଂଶୀଦାର ହେବାକୁ ଇଚ୍ଛା କରନ୍ତି ସେମାନେ ଆଗତ ଡିସେମ୍ବର ତା ୨୫ ରଖ ମଧ୍ୟରେ ଉଲ୍ଲିଖିତ ଠିକଣାକୁ ଲେଖି ପଠାଇଲେ ସମସ୍ତ ବିଷୟ ଜାଣି ପାରିବେ । ପ୍ରକାଶ ଥାଉକି ଉକ୍ତ କାରଖାନା ସହିତ ଅମ୍ଭେମାନେ ଘଡ଼ୀ ଓ ଚସମା ଇତ୍ୟାଦିର ଗୋଟିଏ ନୂତନ ଶାଖା ଖୋଲିଅଛୁ । ଅଶାକରୁଁ ଦେଶ ହିତୈଷୀ ଭଦ୍ର ବ୍ୟକ୍ତି ମାନେ ଥରେ ଆସି ଦେଖିବାଦ୍ୱାର ଅମ୍ଭମାନଙ୍କୁ ଚିରବାଧିତ କରିବେ

କଟକ } ଶ୍ରୀ ପରମାନନ୍ଦପ୍ରୁଷ୍ଟି ମ୍ୟେନେଜର
କଟକ ଯୁଏଲର୍ ୱର୍କ୍ସ
୨୧।୧୦।୦୫ } ବକ୍‌ସିବଜାର କଟକ

Mr. F. N. FISCHER, the late Collector of Cuttack, who visited the above firm on the 9th October 1905, writes:—"Visited the Cuttack Jewellery works. The designs are neat and the work fine. I have ordered several things in filegree."

Mr. W. TEUNON, I. C. S. the late Session Judge of Orissa who took some silver stoppers from the above writes in a letter from Bhagalpure; "Messrs G. C. Prusty & Co. of Buxibazar supplied me with two silver stoppers. They were of very neat workmanship."

Babu BIDHU BHUSAN CHAKERBRATTY, the late Sudjudge of Cuttack who was a great patron of the above firm and visited several times writes:—"Visited the Cuttack Jewellery Works of G. C. Prusty & Co. of Buxibazar Cuttack. I was satisfied with every thing I saw. The workmanship is nice and the prices charged are moderate. I wish the concern every success. It deserves public encouragement and patronage."

Babu SURJONARAYAN DAS, additional Subjudge of Cuttack writes:—"I have much pleasure to certify that the firm of G. C. Prusty & Co. of Buxibazar Cuttack are turning out Jewellries and filigree works of good design and choyce. Recently I bought some of them which in respect of design and workmanship were creditable to the good reputation of the firm and gave me entire satisfaction. I trust the public will patronize as the articles appear to be cheaper than many other similar firms."

Babu G. C. GANGUL, professor, Ravenshaw College, who visited the workshop on the 5th March 1905, writes:—"The time has come when our arts and industries should be actively encouraged by our countrymen. The workmanship of the Art Wares I have seen is neat indeed, and I shall be glad to hear of the success of this business in the near future" Besides these there are several others which can be seen in our Visitor's book.





ଡାକ୍ତର ମେଜର ସାହେବଙ୍କ **ଇଲେକଟ୍ରୋ ସାଲସା** ଅଦ୍ଭୁତ ଓ ଅଲୌକିକ ଅଦ୍ଭୁତ, ବୈଜ୍ଞାନିକ ଶ୍ରେଷ୍ଠ ଅବୃର୍ଦ୍ଧିଗୁଣ ! ପ୍ରତ୍ୟକ୍ଷଫଳ ଚରାଚରଜଗତରେ ଖ୍ୟାତିଲାଭ କରିଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧି, ପାରଦୋଷ ନାଶ କରିବାକୁ ଅମୋଘ, ବାତରକ୍ତ ଗେଗର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ରତିଶକ୍ତିର ପୂର୍ଣ୍ଣବିକାଶ ହୁଏ ।

ଅସଂଖ୍ୟ, ଅଯାଚିତ ସୁଖ୍ୟାତିପତ୍ର ଅବ୍ୟର୍ଥତା, ଅଲୌକିକତା ଅଦ୍ଭୁତମତାର ଜ୍ୱଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ତାହାର ୨।୩ ଖଣ୍ଡ ମାତ୍ର ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ଯତିନ୍ଦ୍ରଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"✻✻✻ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ, ଦୃଷ୍ଟ ହେବୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ " ।

୨ । ମହାମାନ୍ୟ ମହାରାଜା-ରଘୁନାଥ ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"✻✻✻ ଭାଙ୍ଗିପଡ଼ିଲ ମୋହରେ ପଡ଼ ତ୍ୟାଗଜନିତ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକଟ୍ରୋ ସାଲସାର ଗୁଣ ମୁଁ ଗୁଣି ପାରୁ ନାହିଁ । ମୋତେ ଅଧିକ "ତିନିଟ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ବୀରବର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ୧୪୯ ଟଙ୍କା ୧୨ ଶିଶିକୁ ଏକଥାକରେ ୧୫ ଟ ୧୦ ୧୬ ୦ ଡାକମାସୁଲ ସ୍ୱତନ୍ତ୍ର

ପ୍ରୋପ୍ରାଇଟର,—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା


Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ମହିଳାମାନଙ୍କର ହେୟାର-ଲାଇନ ସୋହାଗର ସାମଗ୍ରୀ

କେଶର ପରିପୋଷଣ, ପରିବର୍ଦ୍ଧନ ଓ ଶ୍ରୀସମ୍ପାଦନକାରୀ ମନୋହର କେଶ ତୈଳ । କେବଳ ଉପଜୀବ୍ୟ ଓ ଭେଷଜଗୁଣର ସହିତ ପ୍ରାକୃତିକ ସୁଗନ୍ଧଯୁକ୍ତ, ଅନନ୍ୟପ୍ରାଣ ସୁନ୍ଦର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ଅଦ୍ଭୁତ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହ ଅତି ମହକ ପଡ଼ିବ । ମସ୍ତିଷ୍କ ସୁଶୀତଳ ହେବ । ଦିବାଶେଷ ସେନେକ ମନୋହର ସ୍ୱପ୍ନରେ ମଗ୍ନ ହେବେ । ଆପଣଙ୍କ ମନକୁ ଦେବ ଯେପରି ପ୍ରାକୃତିକ ସ୍ୱର୍ଗ ଭୂମିରେ ଅଛନ୍ତି ।




"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ କେଶ ସୁଗନ୍ଧରେ ଥାଏ । ସ୍ନାନ ପରେ କେଶରେ ଯେତେ ପାଣି ଲାଗେ, ହେୟାର-ଲାଇନ ଯେତେ ଲଗାଯାଏ, ସେପରି ସୌରଭର କ୍ଷୟ ହୋଇ ନ ଥାଏ । ଅତି ମୂଲ୍ୟବାନ ଅତର ଓ ବିଦେଶୀୟ ମ୍ୟାକେସାର ତୈଳ ପ୍ରସ୍ତୁତ ହୋଇ ସୌରଭ ଓ ଗୁଣ କେତେ ପରିମାଣ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛତା ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏହା ଲଗାଇଲେ କେଶରେ ଝୁଣ୍ଟ୍ ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଦ୍ରବ୍ୟ ନୁହେ ମୁଣ୍ଡବିନ୍ଧା, ମସ୍ତ ଭୂଲ, ହିଷ୍ଟିରିୟା ପ୍ରଭୃତି ଶିର ରୋଗର ମହୌଷଧ । ଚକ୍ଷୁ, ପଡିବା ଜାଲା, ଶୀଘ୍ର ବାହୁ, ସବୁ ଅତି ଗରମ ହେବା, ପ୍ରାଣର ଅସ୍ଥିର ଲାଗିବା, ଅସ୍ୱସ୍ତ ବୋଧ ହେବା, ଅନିଦ୍ରା, ରାତ୍ର ବାଲିସ ପଡ଼ିବା ପ୍ରାୟ ବୋଧ ହେବା, ଶିର ଘୂର୍ଣ୍ଣନ ପ୍ରଭୃତି ଉପସର୍ଗ ନିବାରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଆଉ ନାହିଁ । ଏହା ସୁଲଭ—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ସୁବର୍ଦ୍ଧିତ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଦୃଢ଼ ପଡ଼ିବା ବନ୍ଦ ହୁଏ, ମସ୍ତିଷ୍କ ଥଣ୍ଡା ରହେ ଓ ଚକ୍ଷୁ ଭଲ ରହେ । ଅକେଳରେ ବ୍ୟବହାର କଲେ ଧଳା କେଶ କଳା ହୁଏ, ଦୃଷ୍ଟି ଶକ୍ତି ପ୍ରବଳ ହୁଏ, କେଶ ଘନ ହୁଏ, ମନର ସ୍ଥୈର୍ଯ୍ୟ ରହେ, କୋମଳ ଓ ସୁନ୍ଦର ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ । ସ୍ମରଣ ଶକ୍ତି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଆଦରର ସାମଗ୍ରୀ । ମୂଲ୍ୟ ପ୍ରତି ବଡ଼ ଶିଶି ଟ ୧ (୩,୬,୧) ଶିଶି ଏକତ୍ରରେ ଟ ୩୦, ଟ ୧୩, ଟ ୬୦ ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବ୍ଲିଉ ମେଜର ଏଣ୍ଡ କୋମ୍ପାନୀ— କଲିକତା





ଡାକ୍ତର ମେଜର ସାହେବଙ୍କର

ନୂତନ ଅବିଷ୍କାର !

ଚଳନ୍ତି ଜଗଦ୍ଦଳ—ସୁଖାଦ୍ୟ !!

ଅସାଧ୍ୟ ରୋଗର—ସାଧ୍ୟ ଔଷଧ !!!

## ହାଇଡ୍ରୋସିଲ-ଇଞ୍ଜେକସନ

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ୪ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଅନେକମାନେ ଦୁଃଖ ସହିତ କହୁଅଛନ୍ତି, ଏହି ପ୍ରଲେପ ବ୍ୟବସ୍ଥିତରୂପେ କେତେକ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋରିଣ୍ଡ ଯେତେ ବଡ଼ ହେଉ, ସେତେ ସ୍ୱାଭାବିକ ହୋଇ ନିଶ୍ଚୟ ଆରୋଗ୍ୟ ହେବ । ସେଥିନିମନ୍ତେ ଏହି ଘନ ହେଉ ନାଶକ ଉପସର୍ଗ ଲକ୍ଷଣାଦିଯୁକ୍ତ ଉପସର୍ଗାନ୍ବିତ ରୋଗ ଓ ତାହାର ଦାରୁଣ ଯନ୍ତ୍ରଣାରେ ଅଥବା ଗୋପନସ୍ଥାନରେ ଜନ୍ମ ନିର୍ବିଷ୍ଟ ଓ ଜଳ ଯନ୍ତ୍ରଣାରେ ଅଛନ୍ତି, ସେମାନେ ଥରେ ଏହି ଅପରେସନ ଉଭୟ ବସ୍ତ୍ରୀ କରନ୍ତି, ପ୍ରଥମ ଥର ବ୍ୟବହାର କରିବ ଦେଖନ୍ତୁ । ପ୍ରଥମ ଥର ବ୍ୟବହାର ପ୍ରଲେପ ବ୍ୟବହାର କଲେ ଏହାର ଅଦ୍ଭୁତ ଉପକାରିତା ଜଣାଯାଏ ଅର୍ଥାତ୍ କରେ ଏହାର ଅଦ୍ଭୁତ ଉପକାରିତା ଜଣାଯାଏ ଅର୍ଥାତ୍ କେବଳ ଚାରି କାଲିର ଔଷଧ ଲେପନ କରି ବାନ୍ଧେନ କୋଷ ଫୁଲି ଅଧିକ ହେଲେ କୋଷ ମଧ୍ୟସ୍ଥ ଜଳ, ମାଂସ ଜମାଇ ରଖି ଥିବା ଗ୍ରନ୍ଥି ସମସ୍ତ ଜଳ କ୍ରମେ ଛାଡ଼ି ଓ ସହଜ ହୋଇ ସମ୍ପୂର୍ଣ୍ଣରୂପେ ଅପସାରିତ ଅଥବା କ୍ରମେ ଶୁଖାଇ ଅର୍ଥାତ୍ ବାନ୍ଧେନ ଖଣ୍ଡ ହୋଇଯାଏ ଏବଂ ଚର୍ମ ଆରୋଗ୍ୟ ହେବା ଚର୍ମ ଓ ସୁନ୍ଦର କରିଯାଏ । ସେଥିନିମନ୍ତେ ଆରୋଗ୍ୟ ହେବା ପର୍ଯ୍ୟନ୍ତ ସେମାନେ ଏହି ମହୌଷଧର ଉପକାର ହୋଇଅଛନ୍ତି, ସେମାନେ ଏହି ମହୌଷଧର ପ୍ରଶଂସା କରନ୍ତି । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । କଷ୍ଟକର ଉପସର୍ଗ ନାହିଁ, ଆହାର ବିହାର ସ୍ୱାଭାବିକ ।

ମୂଲ୍ୟ ପ୍ରତି ଶିଶି ଟ ୧ ଦୁଇ ଶିଶି ଏକତ୍ରରେ ଟ ୩ ।

୫ ଶିଶି ଟ ୭ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବ୍ଲିଉ ମେଜର ଏଣ୍ଡ କୋମ୍ପାନୀ କଲିକତା



ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଅମ୍ଭ ଦୋକାନରେ ନିମ୍ନଲିଖିତ ସବାରି ଓ ଯାନବାହନ ମାନ ବିକ୍ରୀ ନିମନ୍ତେ ପ୍ରସ୍ତୁତ ଅଛୁ । ଯଥା:—

ବଡ଼ ସବାରି ଫୁ ୬୨ × ୩, ଦୋହର ଢଙ୍କାଟ ମଗର ଓ ଚକ୍ରଚୌଘୋଡ଼ିଆ ଲଣ୍ଡନ, ଗଦି ଓ ଛାଇର ସହିତ ଏହା ଇତର ଓ ଭଦ୍ରଲୋକ ସାଷ୍ଟିନ ଲୁଗା ମଡ଼ା ଟ ୬୦୦

ଏକାକ ଛିଟ ଲୁଗା ମଡ଼ା ଟ ୧୦୦

ସାଧାରଣ ସବାରି ଗମ୍ଭାର ଢାଠର ସବାରି

| | |
|---|---|
| ଲମ୍ବ ଫୁ ୫-୧୦ ଇ × ଫୁ ୨-୯ ଇ | ଟ. ୨୫ |
| „ ୫-୭ × ୨-୭ | ଟ ୨୦ |
| „ ୫ × ୨-୭ | ଟ ୧୭ |

ଏହା ଛଡ଼ା ଅନ୍ୟ ବାଟେ ଢାଠର ଭଗ୍ନାଉ ଏହି ମାପର ନେଲେ ଟ ୨୫ କୋ ସ୍ଥଳେ ଟ ୧୮ ଟ ୨୦ କୋ ସ୍ଥଳେ ଟ ୧୬ କୋ ଏବଂ ଟ ୧୬ କୋ ସ୍ଥଳେ ୧୩ କୋଟେ ମିଳିବ । ଅଧିକନ୍ତୁ ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାରି ଓ ଯାନବାହନ ଫରମାସ ହେବ ସେପରି ଶୀଘ୍ର ଗଢ଼ାଇ ଦେବୁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୪।୧୦।୦୪ } ଶ୍ରୀ ମାଗୁଣି ମହାରଣା
ହିତକ ପ୍ରିଣ୍ଟିଂ କମ୍ପାନୀ ଅଫିସ
କଟକ ଦରଘାବଜାର



## Air Rifle

### ଛଡ଼ା ଯାଏଲ ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଛୋଟରା ଆବଶ୍ୟକ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ ଫୁଟ ପର୍ଯ୍ୟନ୍ତ ସଜୋରରେ ଏହାର ଗୁଳି ଯାଏ । ଏହା ଦ୍ୱାରା ଚଢ଼େଇ, ବଗ, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ଲୋକମାନଙ୍କ ମଧ୍ୟ ଶିକାର କରାଯାଏ । ମନୁଷ୍ୟକୁ ମାରିଲେ ପ୍ରାଣର ହାନି ହୁଏ ନାହିଁ କିନ୍ତୁ ଆଘାତ ଲାଗେ । ଏହି ବନ୍ଧୁକ ଅତି ଜରୁରୀ ସାଧାରଣଙ୍କ ନିକଟରେ ବନ୍ଧୁକ ନ ରଖିବାରୁ ଚୋର ଡକାଏତ ଓ ବଦମାସମାନଙ୍କ ହସ୍ତରୁ ଧନ ସମ୍ପତ୍ତି ଓ ପରିବାର ବର୍ଗଙ୍କର ମାନ, ସମ୍ଭ୍ରମ ରକ୍ଷା କରିବା ଅସମ୍ଭବ । କିନ୍ତୁ ଏହି ବନ୍ଧୁକ ରୋଷେଇ ଘରେ ରଖିଲେ ଆଉ ଭୟ ରହେ ନାହିଁ । ଏହି ବନ୍ଧୁକ ଘରେ ରଖିବାକୁ ବା ବ୍ୟବହାର କରିବାକୁ ସରକାରଙ୍କ ଲାଇସେନ୍ସ ନେବାକୁ ହୁଏ ନାହିଁ ଏବଂ ସର୍ବସାଧାରଣରେ ବ୍ୟବହାର କରାଯାଏ ।

| | |
|---|---|
| ମଲ୍ୟ "ଡ" ବନ୍ଧୁକ | ଟ ୧୦ |
| "କୁଇନ" ଟ ୧୨ ଓସ୍ତାଦର | ଟ ୧୨ |
| ଗୁଳିସି ଟି ୫ ଗ୍ରିକ | ଟ ୫ |

ପ୍ୟାକିଂ ଓ ପୋଷ୍ଟେଜ ଟ ୧ ଅଣା ।

ପ୍ରତ୍ୟେକ ବନ୍ଧୁକ ସହିତ ୧ ଟିପି ଗୁଳି ଓ ବ୍ୟବହାରିକ ନିୟମାବଳୀ ଦିଆଯାଏ ।

ପ୍ରାପ୍ତିସ୍ଥାନ

ମେସର୍ସ ମହନ୍ତି ଏଣ୍ଡ ବ୍ରଦର୍ସ

୧୬।୧ ମିର୍ଜାପୁର ଷ୍ଟ୍ରିଟ

କଲିକତା


Digitized by srujanika@gmail.com

Split by PDF Splitter



# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | | |
|---|---|---|
| କାର୍ତ୍ତିକମହାତ୍ମ୍ୟ | ନୂତନସଂସ୍କରଣ | ଟ ୦ ୵ |
| ରାଧାରସାମୃତ ଗୀତା | | ଟ ୦।୵ |
| ଶ୍ରୀଦଶମ ଗୋପଲୀଳା ନୂତନ ସଂ | | ଟ ୦ ୵ |
| ଜଳ୍ପଷଡ୍ଧାଧ୍ୟାୟୀ ଅର୍ଥାତ ହରିଜନ୍ମ କଥା | | ଟ ୦୵ |
| ମନ୍ତ୍ରମଣ୍ଡଳଗୀତା | | ଟ ୦୵ |
| ଧର୍ମପୁରାଣ | | ଟ ୦।୵ |
| ବଳଙ୍କାରାମାୟଣ | ନୂତନ ସଂସ୍କରଣ | ଟ ୧ ୧ |
| କୃଷ୍ଣ ଲୀଳା | | ଟ ୦୵ |
| ବୈଶାଖମହାତ୍ମ୍ୟ ନୂତନସଂସ୍କରଣ | | ଟ ୦।୵ |
| ଅନାଗତଭବିଷ୍ୟ | ” | ଟ ୦୧୨ |
| ଚଉତିଶାଳୀ ପାଠ | ” | ଟ ୦ ।୨ |
| ଭାମରହସ୍ୟଗୀତା ୧ମ ଭାଗ | ” | ଟ ୦।୵ |
| ” ୨ୟ ଭାଗ | ” | ଟ ୦। |
| ବଦଗ୍ରନ୍ଥଚିନ୍ତାମଣି | ” | ଟ ୧୨ |
| ଗୌରିକଡାଙ୍ଗିମାଜଣଲ | ” | ଟ ୦ ୨ |
| ହନୁମାନ ଚୌତିଶା | ” | ଟ ୦ ୧୫ |
| ଗୋଲକଧାମ ଖେଳ | ” | ଟ ୦ ୵ |
| ଚନ୍ଦ୍ରସଙ୍ଗ ଛନ୍ଦ | | ଟ ୦ ୵ |
| ବୈଦ୍ୟଜୀବନ ଶ୍ଳୋକ ଓ ଅର୍ଥ | | ଟ ୦ ।୵ |

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ

# ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୭୫—୧୬୦ ଖ୍ରୀ

ଏଥିରେ ବହୁ ଉପଦ୍ୱୀପର ନାଜପୁତ୍ରର କଥା ( ଯାଇବ ଓ ଦୈତ୍ୟର ଅବଶିଷ୍ଟାଂଶ) ଓ ସିନ୍ଦବାଦ ନାବିକର ବାଣିଜ୍ୟ ଯାତ୍ରାର ସାତଗୋଟି ଅତି ଅଦ୍ଭୁତ ବିବରଣ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ୵ ଡାଃ ମାଃ ଟ ୦ ୧ ୨

ପ୍ରଥମ ଖଣ୍ଡରି ଏବେ ଅଳ୍ପସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି ।

ମୂଲ୍ୟ ଟ ୦ ।  ଡାଃ ମାଃ ଟ ୦ ୧ ୨

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ ।

ନୂତନପୁସ୍ତକ	ନୂତନପୁସ୍ତକ

| | | |
|---|---|---|
| ସଂଗୀତ କୁସୁମ | ୧ମ | ଟ ୦ ୵ |
| ସଂଗୀତ ଲହରୀ | ୧ମ | ଟ ୦ ୵ |
| ଶ୍ରାଦ୍ଧମାଳିକା | | ଟ ୦ ।୨ |
| ନିତ୍ୟକର୍ମପଦ୍ଧତି | ୧ମ | ଟ ୦ ।୨ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ପ୍ରିଣ୍ଟିଂକମ୍ପାନୀରେ ପ୍ରାପ୍ତବ୍ୟ । ସଂଗୀତ ଲହରୀ ଓ ନିତ୍ୟକର୍ମପଦ୍ଧତିର ଅନ୍ୟାନ୍ୟ ଭାଗମାନ ଶୀଘ୍ର ପ୍ରକାଶିତ ହେବ ।

ଜଗନ୍ନାଥପ୍ରେସ } ଶ୍ରୀ ସୁଦର୍ଶନ ଦାସଶର୍ମା
ପୁରୀ

# ହରିବଂଶ
# ମହାଭାରତାନ୍ତର୍ଗତ
# ଖିଳ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ମୂଲ୍ୟ ପ୍ରତିଖଣ୍ଡ ୧ ଟଙ୍କା

# ଉପନିଷତ୍‌ସଂଗ୍ରହ ।

ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୵

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଆମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ କଟକ ଚାନ୍ଦିନୀଚୌକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ରେଭେନ୍‌ସାକଲେଜ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଅତ୍ୟନ୍ତ ସସ୍ତା ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ଭେଲ୍ୟୁପେବଲର ପାର୍ଶଲରେ ନେବା ଲୋକେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| କାବ୍ୟତତ୍ତ୍ୱ, (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ ୵ |
| ସଙ୍ଗୀତସାଗରର ପ୍ରଥମ ତରଙ୍ଗ | ଟ ୦ ୵୨ |
| ଏହାର ଦ୍ୱିତୀୟ ତରଙ୍ଗ | ଟ ୦ ୵ |
| ଏହାର ତୃତୀୟ ତରଙ୍ଗ | ଟ ୦ ୵ |
| ଏହାର ଚତୁର୍ଥ ତରଙ୍ଗ | ଟ ୦ ୵ |
| ଏହାର ପଞ୍ଚମ ତରଙ୍ଗ | ଟ ୦ ୵ |
| ଏହାର ଷଷ୍ଠ ତରଙ୍ଗ | ଟ ୦ ୵ |
| ସଙ୍ଗୀତ ସଂସାର | ଟ ୦ ୵ |
| ଉମଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ୵ |
| ପାରିଜାତମାଳା (ଶ୍ରୀମତୀ ଲକ୍ଷ୍ମଣା ଦେବୀ କୃତ) | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ୵ |
| ବର୍ଷାକାଳ ବର୍ଣ୍ଣନା | ଟ ୦ ୧୫ |
| ସମରତରଙ୍ଗ | ଟ ୦ ୵ |
| ବାଲ୍ୟସାକ୍ଷୀ | ଟ ୦ ୵ |

ଶ୍ରୀ ଦାମୋଦର ପଟ୍ଟନାୟକ

# ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଘଡ଼ିର ଓ ସ୍ୱାଚ ଅନାବୃତ ମୂଲ; ସ୍ୱଚଲିସନ; ଟ ୫ ଟଙ୍କା ଉଚ୍ଚାରିତ ଓ ସ୍ୱାଚ ଟ ୫; ରେଲଓ୍ୱେ ରେଗୁଲେଟର ଓ ସ୍ୱାଚ ଟ ୪; କୋରନେସନ କୋଂ ଓ ସ୍ୱାଚ ଟ ୧୨ ରୁ ଟ ୫୦ ଟଙ୍କା ପର୍ଯ୍ୟନ୍ତ; ଟାଇମପିସ ( ଘଣ୍ଟା ଓ ଘଣ୍ଟା ବାଜେ ) ଟ ୪ ଟଙ୍କା । ପ୍ରତ୍ୟେକ ଘଡ଼ିର ଗେରେଣ୍ଟି ବନ୍ଧ୍ୟାଦ ଓ ମାସୁଲ ସ୍ୱତନ୍ତ୍ର ଲାଗେ ।

ଅତି ଅପଣଙ୍କର ପ୍ରୟୋଜନ; — ସର୍ଣ୍ଣଭୂତ ଗନ୍ଧଦ୍ରବ୍ୟ ( ଭୋବା ) ଦ୍ରବ୍ୟ ଅବସ୍ଥ ଟ ୧୫; ୧।୨ ଟ ୨;

ବେଶବ୍ୟବହାର ଆରୁଜ ଗୋଟିକୁ ଟ ୦ ।୵, ଡଜନ ଟ ୧ ଟଙ୍କା, ରେଲଓ୍ୱାର ଦ୍ରବ୍ୟପୁଷ୍ଟ କୁଞ୍ଜ ଗୋଟିଏ ଟ ୨ ହାର୍ଓ୍ୱାର ବନ୍ଧୁକ ( ପାସ ଲାଗେ ନାହିଁ ) ଟ ୫; ପକେଟ ପ୍ରେସ ଷ୍ଟାମ୍ପ ୨ ଓ ୩; ଜଡ଼ିତ ( ଏକତ୍ରେ ୧୦ × ୨

ଧନ୍ଦ୍ର ) ଟ ୦ ।୨; ସୁନ୍ଦର ସୁନ୍ଦର ଖେଳନା ଟ ୦ । ଅଣା ଠାରୁ ଟ ୧୦ ଟଙ୍କା ପର୍ଯ୍ୟନ୍ତ; ମ୍ୟାଜିକ ଲଣ୍ଠନ ଟ ୨ ଠାରୁ ଟ ୧୦ ଟଙ୍କା ପର୍ଯ୍ୟନ୍ତ ନାନାପ୍ରକାର ସ୍ୱତନ୍ତ୍ର । ଏହାବ୍ୟତୀତ ନାନା ପ୍ରକାରର ବସ୍ତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ସ୍ପଷ୍ଟ କରି ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦି ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ସପ୍ଲାଇ କୋଂ, ନ ୧୯ ବଳରାମ ଘୋଷ ଷ୍ଟ୍ରିଟ

ଶ୍ୟାମବଜାର କଲିକତା ।

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା

ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାରୁ ପ୍ରସ୍ତୁତ ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ଦୋଷ ହରଣ କରିବାରେ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲସା	ଟ ୧ ୧

# ମିତ୍ର ବଟିକା ।

ମ୍ୟାଲେରିୟା ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ସ୍ଥିରୀକୃତ ହୋଇଅଛି, ମ୍ୟାଲେରିୟା ଜନିତ ସର୍ବପ୍ରକାର ଜ୍ୱରର ପ୍ରୀହା ଯକୃତର ବୃଦ୍ଧିର ନାଶକ ଏମନ୍ତ ଉତ୍କୃଷ୍ଟ ମହୌଷଧ ଅନ୍ୟ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କରି ଶତସହସ୍ର ସୁସ୍ଥ ଜନ ଓ ପ୍ଲୀହାଯକୃତର ବୃଦ୍ଧିର ରୋଗୀ ଏକାଥରକେ ନିର୍ଦ୍ଦୋଷଭାବରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିୟା ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ର ସ୍ୱଚ୍ଛନ୍ଦରେ କହିଲେ ସୁଦ୍ଧା ଅତ୍ୟୁକ୍ତି ହେବ ନାହିଁ ।

ଏକଥର ବ୍ୟବହାର କଲେ ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହେଉଅଛନ୍ତି ।

ଏହାର ଗୋଟିଏ ମହତ୍‌ଗୁଣ ଏହି ଯେ ଏହା ସେବନ ଶରୀରରେ ଅଧିକ ଦୁର୍ବଳ କରାଏ । ଏଥିରୁ ବେଲ୍ଟବତ୍ତର ଉପକ୍ରମ, ଗମ୍ଭ ଓ ହସ୍ତ ପଦ ଜ୍ୱାଳା, ଶୀତଳ, ତୃଷ୍ଣା, ପଦ ବଣ୍ଡାଳ ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଏହପରି ଅବସ୍ଥାରେ ଏହା ନିୟମରୁ ବ୍ୟବହାର କରିବାରେ ଅଚିରେ କଲେ ମ୍ୟାଲେରିୟାରୁ ରକ୍ଷିତ ରହିବ ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୵ |
| ୧ ” ୪୦ ” | ଟ ୧ ୧ |

ଡାକଦ୍ୱାରା ପଠାଇଲେ ଟ ୦ ୵ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ କମିଶନ ଲାଗିବ ।

N. N. Mitras Ringworm ointment.

# ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସିପ୍ରକାର ଦୂଷିତ ଘାଦୁ ହେଉନା କାହିଁକି, ଏହି ଔଷଧ ସୁଦ୍ଧ ତିନିଦିନ ବ୍ୟବହାର କଲେ ମାତ୍ର ତାହା ଆରାମ ହେବ । ଅନେକ ଲୋକ ୨୦ ବର୍ଷର ଘାଦୁରୋଗ ଅସ୍ମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକକାଳକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକଖର୍ଚ୍ଚ | ଟ ୦ ୵ |
| ଭି, ପି, | ଟ ୦ ୵ |
| ଏକ ଡଜନ | ଟ ୨।୵ |

ଡାକଖର୍ଚ୍ଚ ସ୍ୱତନ୍ତ୍ର

Digitized by srujanika@gmail.com

Split by PDF Splitter




# N. N. Mitra's

ଦନ୍ତ ରୋଗର ମହୌଷଧ
ନିଶର ଦନ୍ତରୋଗର ମହୌଷଧ

ଏହା ବ୍ୟବହାର କେବଳ ଥରେ କରିଲେ ଦୂର ଏବଂ ଅଚ ଲଗାଇଲେ ଯନ୍ତ୍ରଣାରୁ ମୁକ୍ତି ଦିଏ । ମୂଲ୍ୟ ୫ ୦ ।
ଗ୍ୟାରେଣ୍ଟି ।

ଇଂରେଜୀ ଔଷଧ ଏବଂ ହୋମିଓପ୍ୟାଥିକ ଔଷଧ ଏବଂ ଡାକ୍ତରି ଔଷଧ ଓ ଅନ୍ୟାନ୍ୟ ଆମ୍ଭେମାନେ ପାଇକାରି ଦରରେ ବିକ୍ରୟ କରୁଅଛୁ ।

ଆମ୍ଭେମାନେ କଲିକତାର ଉତ୍କୃଷ୍ଟ ଓ ଅନେକଙ୍କ ଦ୍ୱାରା ପ୍ରଶଂସିତ ଔଷଧ ଓ ଦ୍ରବ୍ୟାଦି ଉତ୍କଳରେ ବିକ୍ରି କରୁଅଛୁ ସେଥି ପାଇଁ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ମଫସଲର ଗ୍ରାହକମାନଙ୍କୁ ସରବରାହ କରୁଥାଉ ।

ଆମ୍ଭେମାନେ ଉଚିତ ଦାମରେ ସମସ୍ତ ଔଷଧ ଭିନ୍ନମତେ ପ୍ରାଦି କରି ସରବରାହ କରୁଅଛୁ ।

ଏନ, ଏନ, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବଂ ରିଟେଲ ଡ୍ରଗିଷ୍ଟ
ନଂ ୨୨୩ ନମ୍ବର ବହୁବଜାର ଷ୍ଟ୍ରିଟ, କଲିକତା
କଟକର ଏଜେଣ୍ଟ
ବାବୁ କୁସୁମକୁମାର ସେନ ପ୍ଲିଡର ମୋହରିର
ବିଶ୍ୱନାଥ ଦାସ

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das, Mohorir
care of Kusum Kumar Sen Pleader
Cuttack.



# ବିନାମୂଲ୍ୟେ ବିତରିତ

କେବଳ ଡାକ ମାସୁଲ ଦେଇ ନିମ୍ନଲିଖିତ ଏବଂ ଉପକାରୀ ଔଷଧ ମଧ୍ୟରୁ କୌଣସି ଏକ ପ୍ରକାରକୁ ଏକ ଶିଶି କ୍ରୟ କଲେ ବା ମୂଲ୍ୟକରୁ ଏକ ଏକ ଟଙ୍କା ଲକ୍ଷ ଦେଲେ ପ୍ରଥମଥର ମୂଲ୍ୟ ଏଭଳି ଏକ ଡବା ତଙ୍କ ଦିଆଯିବ ସଞ୍ଜୀବନୀ ବଟିକା ଏବଂ ଡବା ବିନାମୂଲ୍ୟେ ଦିଆଯିବ ।

# ନବରତ୍ନ ।

ଏହା ବହୁପରୀକ୍ଷିତ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅଧିକ ପ୍ରଯୋଜନ ।

୧ । ଅଗ୍ନିକୁମାର ବଟିକା—ଅଜୀର୍ଣ୍ଣରେ ଅବ୍ୟର୍ଥ । ଏହାଦ୍ୱାରା ପେଟ, ଶୂଳ, ଜ୍ୱର, ବେଦନା ଓ ଉଦରାମୟ, ଟୁଳା ଏବଂ ଅରୁଚି ଅମ୍ଳପିତ୍ତ ଗ୍ରହଣୀ ଓ ଅଗ୍ନିମାନ୍ଦ୍ୟ, ଶିରୋରୋଗ ଓ ଅନ୍ୟାନ୍ୟ ସବୁପ୍ରକାର ରୋଗ ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ଛୋଟ ଡବା (୧୬ ବଟିକା) ୫ ୦ ।/, ୨ ନମ୍ବର ଡବା (୩୦ ବଟିକା) ୫ ।/, ୩ ନମ୍ବର ଡବା (୫୦ ବଟିକା) ୫ ୧୮ ।

୨ । ଦଦ୍ରୁଦାବାନଳ—ଏହା ଦାଦ, କୁଣ୍ଡିଆ, ଖୋସ ବା ଚର୍ମରୋଗ ଓ ଅଣ୍ଡାରୋଗ ପ୍ରଭୃତି ସବୁପ୍ରକାର ଚର୍ମରୋଗ ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅବ୍ୟର୍ଥ ଓ ମୂଲ୍ୟ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରାଇ ହୁଏ ନାହିଁ । ମୂଲ୍ୟ—୧ ଡବା ୫ ୦ । ଡାକ ୫ ୨



୩ । କର୍ଣ୍ଣଦାବାନଳ—ଏଥିରେ କାନ ବୃନ୍ଦ ଓ ପ୍ରଭୃତି ଜ୍ୱାଳା ଦ୍ୱାରା ଉପଦ୍ରବ ଅତି ସହଜରେ ଆରୋଗ୍ୟ ହୁଏ ଓ କାନରେ ପୁଜ ବାହାରିବା ଅବଧି ନଷ୍ଟ ହୁଅଇ । ମୂଲ୍ୟ ପ୍ରତି ଶିଶି ୫ ୦ । ଡାକ ଖର୍ଚ୍ଚ ୫ ୬ ।

୪ । ଛିଦ୍ରଭୂଲାଗ୍ନି—ଏଥିରେ ସବୁପ୍ରକାର ଘା ଯଥା ଗର୍ମି, ବିସର୍ପ ଓ ପ୍ରଭୃତି ଦୂଷିତ ଅତି ସହଜରେ ଜଳ ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ଡାକ୍ତରମାନଙ୍କର ସ୍ତ୍ରୀରୋଗ-ଚିକିତ୍ସା ବା ଅଣ୍ଡ ବା କର୍ଣ୍ଣ ଓ ଉପଦଂଶ ଉପରେ ମହୌଷଧ କର୍ମ କରେ । ମୂଲ୍ୟ—ଛୋଟ ଡବା ୫ ୦ । ଓ ଡାକ ୫ ୨

୫ । ଶୂଳବଜ୍ରାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସବୁପ୍ରକାର ଶୂଳ ଓ ପେଟଫମ୍ପା ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ୫ ।; ଡାକ ଖର୍ଚ୍ଚ ୫ ୧୨ ଅ ।

୬ । ପ୍ରମେହସୁଧା—ଯୌବନର ଦୁଷ୍କର୍ମରେ ପ୍ରମେହ ରୋଗ ଉତ୍ପନ୍ନ ହୁଏ । ଏହା ଶରୀରକୁ ଆକ୍ରମଣ କଲେ କ୍ରମଶଃ ଶରୀର ଅକର୍ମଣ୍ୟ ହୁଏ, ଏଥିରୁ ରକ୍ଷା ପାଇବାପାଇଁ ଏକ ନୂଆ ଔଷଧ ପ୍ରମେହସୁଧା । ଏଥିରେ ରୋଗର ବିଷ ସମ୍ପୂର୍ଣ୍ଣରୂପେ ନଷ୍ଟ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ଉପଶମ ହୁଏ । ଏହା ରୋଗ ଆରମ୍ଭରୁ ଓ ଶେଷ ପର୍ଯ୍ୟନ୍ତ ଯେକୌଣସି ଅବସ୍ଥାରେ ଓ ଅନ୍ୟ ଔଷଧ ବ୍ୟବହାର କରି ଫଳ ନ ପାଇଲେ ଅମୋଘ ଔଷଧ । ମୂଲ୍ୟ—ଛୋଟ ୫ ୧; ଡାକ ଖର୍ଚ୍ଚ ୫ ।(ଆ

୭ । ଲକ୍ଷ୍ମୀମନ୍ଦ ତୈଳ—ଏହା ନୂତନ ଓ ପୁରାତନ ସବୁପ୍ରକାର ବାତରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ଛୋଟ ଶିଶି—୫ ୦ ।/; ଡାକଖର୍ଚ୍ଚ ୫ ୬( ଆ ।

୮ । ଅମୃତରସ—ଯେପରି ଜାଲ ସେହିପରି ଗୁଣ ବୃଦ୍ଧି ଓ ଶରୀର ପୋଷଣ ଶକ୍ତି ଅଶ୍ୱଗନ୍ଧାର ଔଷଧ । ଅଳ୍ପ ଦିନ ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣଜ୍ୱର ପାଣ୍ଡୁ ଶୋଥ, କ୍ଷୟ, ଅର୍ଶ ରୋଗ, ଶିର ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ୫୦ ଓ ଡାକ ୫୬ ଅ

୯ । ଭାସ୍କରତୈଳ—ଏହା ଅସାଧ୍ୟ, ଅଣ୍ଡରୋଗ ଅନାବାଦ ଓ ଅସାର ଲକ୍ଷଣ ବେଦନା ଓ ଅନ୍ୟ ସବୁପ୍ରକାର ବାତ ଓ ସ୍ନାୟବିକ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ୫ ୦୧, ଡାକ ଶିଶି ୫ ୬( ଆ ।

ଜନସାଧାରଣଙ୍କ ସୁବିଧା ନିମନ୍ତେ ଉଚିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଦେଶୀୟ ଶୁଦ୍ଧ ଘୃତ | ଶିଶି | ୫ ୦୧ | ଡାକ ଖର୍ଚ୍ଚ | ୫ ୬( |
| ପାଚନ ଅର୍କ | " | ୫ ୦୧ | " | ୫ ୬( |
| ଅଶ୍ୱଗନ୍ଧା ଚୂର୍ଣ୍ଣ | " | ୫ ୧୨ | " | ୫୧୬( |
| ମାଲତୀକୁସୁମ ତୈଳ | " | ୫ ୦୧୪ | " | ୫ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉମାଚରଣ ଦାସ ବାଲେଶ୍ୱର



# ଯାଦୁର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ କାଳଜ୍ୱର ଓ ଯାଦୁରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ବୃଥା ହତାଶ ବା ବିଫଳମନୋରଥ ହୋଇଅଛନ୍ତି, ଜ୍ୱାଳା ଯନ୍ତ୍ରଣାରେ ଜର୍ଜ୍ଜରିତରୂପେ, ଶାନ୍ତିରୂପେ ଏ ରୋଗ ହାତରୁ ମୁକ୍ତି ପାଇବାର ଚେଷ୍ଟା କରନ୍ତି ସେମାନେ ଏହି ସର୍ବୋତ୍କୃଷ୍ଟ ଫଳପ୍ରଦ ଅବ୍ୟର୍ଥ ସେବନ କରନ୍ତୁ ଦେଖିବେ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ମନୁଷ୍ୟ ଦେହର ଯାଦୁ ବଗାର ପଶୁ ଦେହରେ ମାଣ୍ଡୁଆ ଯାଦୁ ସର୍ବାଙ୍ଗ ଭଲ ହୋଇ ଯାଉଅଛି । ଏହାର ଏପରି ଗୁଣସବୁ



ଦେଖି ସ୍ରଷ୍ଟଙ୍କରେ ବହୁଲୋକ ଆଶ୍ଚର୍ଯ୍ୟାନ୍ୱିତ । ଏ ଔଷଧରେ ଏପର୍ଯ୍ୟନ୍ତ କେହି ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।
ମୂଲ୍ୟ ୧ ଡବା ୫ ୦।/, ୩ ୫ ୧, ୬ ୫ ୧୩, ୧୨ ୫ ୩

# କାଟୁର ମହୌଷଧ ।

ସର୍ବପ୍ରକାର କାଟୁ ବା ଖାଉଁସ, କୁଣ୍ଡିଆଣ, ନାନାପ୍ରକାର ଚର୍ମରୋଗ ହେଲେ, ସା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅଳ୍ପକାଳ ମଧ୍ୟରେ ରୋଗ ନିଶ୍ଚିହ୍ନରୂପେ ଦୂର ହୋଇଯାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସାମାନ୍ୟ ସର୍ଟିଫିକେଟ ଡାକ୍ତରଙ୍କଠାରୁ ଡାକ୍ତରଖାନାଠାରେ ପ୍ରମାଣ ଅନେକ ପାଇଅଛି ପରୀକ୍ଷା କରାଇ ବାସ୍ତବିକ ଏଥିରେ ସନ୍ଦେହ ବହୁ ଘୁଞ୍ଚାଇଁ ।
ମୂଲ୍ୟ ୧ ଡବା ୫ ୦୫, ୩ ୫ ୧।/, ୬ ୫ ୨, ୧୨ ୫ ୪ ।

ପ୍ରାର୍ଥୀମାନେ ନିଜନିଜର ନାମ, ଗ୍ରାମ, ଡାକଘର, ଜିଲ୍ଲା ଏବଂ କାହାର ରୋଗ ଔଷଧରୁ ଲେଖିବା ଅବଶ୍ୟକ ଭଲମତରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ରାମଲାଲ ସେନ
ହେଡ ଉତ୍କଳପ୍ରେସ, ନଂ ନାଁ ଲିଖନ ୧୦ ୫; ବାଲେଶ୍ୱର



# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାସୁଲ ୫ ୦ ।/

ଉତ୍ତମାଦରୂପ ମହୌଷଧ ସେବନରେ ପେଟକାମୁଡ଼ା ପେଟ ଫମ୍ପା ଜ୍ୱର ଓ ଶୂଳ ପ୍ରଭୃତି ପ୍ରକାର ରୋଗମାନ ଶୀଘ୍ର ଆରୋଗ୍ୟ ହୁଏ ।

କୋଷ୍ଠବଦ୍ଧ ବା ସୁଧାରତ୍ନ ଚୂର୍ଣ୍ଣ ଅମୋଘ ଔଷଧ ସ୍ୱରଭେଦ ।

ରୋଗରେ ପ୍ରଥମ ଭଲ ଦ୍ରବ୍ୟରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ସୀ ଦ୍ରବ୍ୟର କୋଷ୍ଠବଦ୍ଧ ବ ସନ୍ଦେହ ମେହ ସବୁବାରରେ ଆରୋଗ୍ୟ ହୁଏ, ଦ ଦିନ ମଧ୍ୟରେ ଚମତ୍କାର ଫଳ ଦେଖାଯାଏ ।

ମୂଲ୍ୟ ଏକପାତକରେ ୧୫ ଦା ଉ, ଡି, ୧ ୦ ।/

# ସର୍ବକ୍ଷତାନ୍ତକମଲମ

( ଘାଉଦାଦ ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ୧ ୧ ଦା ଉ, ପ ୧ ୦ ।/
କଠିନ ଉପଦଂଶ କ୍ଷତସବୁ ଓ ସବୁକିଛି ଘା ଶୀଘ୍ର ଆରୋଗ୍ୟ ହୁଏ ।

# କାମକଳ୍ପତରୁ

# ରସାୟନ ।

ଏହା ସେବନରେ ଅନେକ ଲକ୍ଷ୍ମୀ ଶକ୍ତି, ବୃଦ୍ଧର ମେଧ ଶକ୍ତି, ଶୁକ୍ରର ଧାରଣାଶକ୍ତି ବୃଦ୍ଧି ହୁଏ ବୃଦ୍ଧ ଯୁବକ ପରି ହୁଏ ( ମେଧା ) ଓ ବଳିଷ୍ଠ ହୁଏ ସର୍ବଦାରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ବଳାଦି ଲାଭ କରନ୍ତି ଯୁବ ଅଦ୍ଭୁତ ଦିବ୍ୟ ବିଦେଶ ଔଷଧପୂର୍ଣ୍ଣ ଏକ କଲସୀର ମୂଲ୍ୟ ୧ଃ ୦ଃ ମାସୁଲ ସମେତ ୫ ୧ ୦ ଏଥିରେ ସ୍ୱାଦ ଏବା ଅଧିକ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଦତ୍ତରଞ୍ଜନ
ହିତୈଷୀ, କେନ୍ଦ୍ରପଡ଼ା ୮ କାଶୀଧାମ


ଏହି ଉତ୍କଳଦୀପିକା ସମ୍ପାଦକ କଟକ ବଡ଼ବଜାରର ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81



ସାପ୍ତାହିକ ସମ୍ବାଦ ପତ୍ରିକା ।

# THE UTKAL DIPIKA.

ଭା ୪୦ ଶ | ସଂ ୪୩ ସଂଖ୍ୟା

CUTTACK, SATURDAY THE 11th November 1905.

ତା ୨୭ ଷ କାର୍ତ୍ତିକ ସନ ୧୩୧୩ ସାଲ ଶନିବାର

ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀ ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୯ | ପଶ୍ଚାଦ୍ଦେୟ ଟ ୬୯

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ° ⅃ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୯ ପର୍ଯ୍ୟନ୍ତ ଏକ ସ୍ତମ୍ଭକୁ ଟ ୩୯ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଆର୍ଦ୍ଧରେ ସଙ୍ଖ୍ୟା ଟ° ॥ ଆରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

Wanted a Hindu Passed Compounder for the State Dispensary at Nilgiri on a salary of Rs. 10 permensem. Applications with copies of testimonials will be received by the undersigned up to 15th November 1905.

R. Naik
Government Agent
Nilgiri ( Orissa )

ବିଜ୍ଞାପନ ।

ସ୍ୱଦେଶୀୟବସ୍ତ୍ର ! ସ୍ୱଦେଶୀୟବସ୍ତ୍ର !!
ସ୍ୱଦେଶୀୟ ବସ୍ତ୍ର !!!

ଢାକାଈମଲ ଓ ଅହମ୍ମଦାବାଦ ମିଲର ଧୋତି, ଚଦର, ଶାଢ଼ୀ, ଛିଟଣୀଚଦର, ଗେଞ୍ଜି ଓ ମୋଜା ପ୍ରଭୃତି, ସମସ୍ତ ବ୍ୟକ୍ତିଙ୍କର ବ୍ୟବହାରୋପଯୋଗୀ ବସ୍ତ୍ରମାନ ଆମ୍ଭେ ଆଣାଇଅଛୁଁ । ବିଲାତି ଅପେକ୍ଷା ଏହାର ମୂଲ୍ୟ ଅଧିକ ନୁହେ । ସାଧାରଣଙ୍କୁ ଅନୁରୋଧ, ଥରେ ଆମ୍ଭ ଦୋକାନକୁ ଆସି ନିଜ ନିଜର ଆବଶ୍ୟକୀୟ ବସ୍ତ୍ର କ୍ରୟ କରିବାଦ୍ୱାରା ଆମ୍ଭକୁ ଉତ୍ସାହିତ କରିବେ । ମୋଫସଲକୁ ଭି, ପି, ଦ୍ୱାରା ପଠାଇବାପାଇଁ ପ୍ରସ୍ତୁତ ଅଛୁଁ । ଇତି

୨୭ । ୧୦ । ୦୫ } ଶ୍ରୀ ଶୁକଦେବ ରାମ
ନୂଆସଡ଼କ କଟକ

## NOTICE.

### District Board, Cuttack

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of Work. | Estimated amount. |
|---|---|---|
| 1 | Compound wall for Dompara Rajbati ... ... | Rs. 4127 |
| 2 | Veterinary Stable at Ranihat | Rs. 900 |
| 3 | Gravelling Cuttack Sonepur 13th, 15th, 16th, 18th, and 19th miles | Rs. 2000 |
| 4 | Construction of Cattleshed and reroofing Godown at the Keshpur Experimental Farm | Rs. 1487 |

### RULES

1. All tenders which must be on Form No. 1 obtainable at this office (price 0-8-0 each) must be enclosed in sealed covers and on the outside the name of the work legibly written.
2. All tenders must specify the rates at which the intending contractor will execute the work.
3. Tenders will be received up to 15th November 1905.
4. Tenders not in the proper Form above mentioned will be rejected.
5. The undersigned does not bind himself to accept the lowest or any tender.

CUTTACK, 3-11-1905 } N. N. MITRA. District Engineer. CUTTACK

ନୂତନ ସାପ୍ତାହିକ ସମ୍ବାଦ ପତ୍ରିକା ।

## "ମନୋରମା"

ଏହି ପତ୍ରିକା ମୟୂରଭଞ୍ଜ ରାଜଧାନୀ ବାରିପଦାରେ ପ୍ରକାଶିତ ହେଉଅଛି । ସର୍ବସାଧାରଣଙ୍କ ନିମନ୍ତେ ଅଗ୍ରୀମ ବାର୍ଷିକ ମୂଲ୍ୟ ଦୁଇଟଙ୍କା ଏବଂ ଛାତ୍ରମାନଙ୍କ ନିମନ୍ତେ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକଟଙ୍କା ଚାରିଅଣା ମାତ୍ର । ଗ୍ରାହକମାନେ ନିମ୍ନ ଠିକଣାକୁ ଅଗ୍ରୀମ ମୂଲ୍ୟ ପଠାଇ ପତ୍ର ଲେଖିଲେ ପତ୍ରିକା ପାଇ ପାରିବେ ।

ବାରିପଦା ମନୋରମା ଅଫିସ } ଶ୍ରୀ ବୈଦ୍ୟନାଥ ଦାସ, ସମ୍ପାଦକ
ବାରିପଦା ମୟୂରଭଞ୍ଜଷ୍ଟେଟ୍।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଆଠଗଡ଼ ଷ୍ଟେଟ୍ ଜଙ୍ଗଲରେ ଅଳ୍ପ ମା ୬ ମାସ ହେଲା ଗୋଟାଏ ମନୁଷ୍ୟଖିଆ ମହାବଳ ବ୍ୟାଘ୍ର ଅତ୍ୟନ୍ତ ଉପଦ୍ରବ କରି ୧୪ ଜଣ ମନୁଷ୍ୟ ମାରି ଥିବାରୁ ତାହାକୁ ନିପାତ କରିବା ନିମନ୍ତେ ସମସ୍ତ ଯତ୍ନ କରାଯାଇଥିଲେହେଁ କୌଣସି ଫଳ ହୋଇ ନାହିଁ ।

ଯଦ୍ୟପି କୌଣସି ଲୋକ ଉକ୍ତ ବ୍ୟାଘ୍ରକୁ ମାରି ପାରିବ ତେବେ ତାହାକୁ ଅଙ୍ଗାବଢ ମାଣେ ଭୂମି ଓ ଏକକାଳୀନ୍ ପଚିଶ ଟ ୨୫ଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ।

ଏତତ୍ସମ୍ବନ୍ଧୀୟ ବିଶେଷ ବିବରଣ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଲେଖିଲେ ଜଣାଯିବ ।

ଆଠଗଡ଼ ରାଜଅଫିସ } Srinath Samanta
୩।୧୧।୦୫ } For Raja.

Digitized by srujanika@gmail.com

ଏତଦ୍ୱାରା ଅମ୍ଭର ତାଲୁକ ଯାଜପୁର ଓ ଧାମନଗର ଥାନା ଇଲାକାର ଦରଦସ୍ତ ମାଲଗୁଜାରିଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ବନମାଳୀ ପଣ୍ଡାର । ସା । ଅହରପଡ଼ା । ପ୍ର । ଯାଜପୁର ଯାହାକୁ ଅମ୍ଭର ଅମଲ୍ଲେମନାମାପ୍ରାପ୍ତ ଜାରଫର ଦାନ ଥିଲେ ତାଙ୍କୁ ଅମ୍ଭେ ସନ ୧୩୧୨ ସାଲ ଆରମ୍ଭରୁ ବରଖାସ୍ତ କରଅଛୁଁ ଅମ୍ଭର ପ୍ରାପ୍ୟ ଖଜଣା ଓ ରଜସ୍ୱ ଧାନ ପ୍ରଭୃତି ଉକ୍ତ ବନମାଳୀ ପଣ୍ଡାର ବା ତାହାର ପୈତା ଭଣ୍ଡପଣ୍ଡାର ଓ ବରଖାସ୍ତି ପେଥଦା ଅମିଇଁ ଓ ଅମ୍ଭର ଖର୍ଚ୍ଚ ଏଜେଣ୍ଟମାନଙ୍କୁ ଦେବ ନାହିଁ, ଦେଲେ ଅଦାଲତ ଅସ୍ଥାର ମଞ୍ଜୁର ପାଇପାରିବ ନାହିଁ । ଅମ୍ଭର ପ୍ରାପ୍ୟ ଖଜଣା ଓ ଗେର ଅମ୍ଭ କଚେରୀରେ ଅମ୍ଭଙ୍କୁ ଅଥବା ଅମ୍ଭର ମୋକ୍ତାରନାମାପ୍ରାପ୍ତ କର୍ମଚାରୀଙ୍କୁ ଦେଇ ରସିଦ ନେଇଯାଉଥିବ ଜେବ ଉକ୍ତ ବନମାଳୀ ପଣ୍ଡାରକୁ ସନ ୧୯୦୪ ମସୀହା ମଇ ମାସ ତା ୨୪ ରଖ ଲିଖିତ ରେଜେଷ୍ଟ୍ରି ସଂଯୁକ୍ତ ମୋକ୍ତାରନାମାରେ ଯେ ସମସ୍ତ କ୍ଷମତା ଦିଆଯାଇଥିଲା ତାହା ସମସ୍ତ ରହିତ କରାଗଲା ଅଛି ଜାଣିବ । ଇତି । ୧୪।୧୦।୧୯୦୭ ମସୀହା

ଜମିଦାର

ଶ୍ରୀ ଲକ୍ଷ୍ମଣବଲ୍ଲଭ ନେଶାବନ୍ଧ

। ସା । ଅହରପଡ଼ା । ପ୍ର । ଯାଜପୁର

---

ଗଭର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜୀ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ସୁଦୃଢ଼, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ, କେଶ ନରମ ହୁଏ, ମସ୍ତକର ଚୁଳି ନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଚିନ୍ତା, ମସ୍ତିଷ୍କ ଦୌର୍ବଲ୍ୟ ସ୍ୱାଭାବିକ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଚକ୍ଷୁଦାହ, ଦୃଷ୍ଟି ଦୌର୍ବଲ୍ୟ ଏ ସବୁର ନେତ୍ର ଅବଶ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପ୍ୟାକିଂ ଓ ଡାକମାଶୁଲ ଟ ୦।୵

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ନୂତନ ପୁରାତନ, ମୂତ୍ର ପଥ ସମ୍ବନ୍ଧୀୟ ସବୁ ପ୍ରକାର ମେହ, ପୁରାତନ ମେହ, ଯନ୍ତ୍ରଣାଦାୟକ ପୂଜ ଏବଂ କ୍ଷତ ମୂତ୍ରନଳୀର ପ୍ରଧାନ ଔଷଧ । ରୋଗୀ ସ୍ୱଦେହ ଜଣି ବିବରଣ କରି ଅଗ୍ରେ ଲେଖିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକମାଶୁଲ ଟ ୦।୵

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମିତ ପେଟର ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବକାଳରେ ଦୁର୍ବଳତା ରୋଗର ଆଶଙ୍କା ଦୂର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକ ମାଶୁଲ ଟ ୦।୵

---

ଅମୃତ ବଲ୍ଲୀ କଷାୟ ।

ପାରଦଦୋଷ, ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୲ ଡାକମାଶୁଲାଦି ଟ ୦।୵

ରକ୍ତାଶୀତ ଶୋଧକ ।

ନାଡ଼ି ରକ୍ତ ଓ ବସ୍ତି ରୋଗର ଏଣ୍ଟ ପ୍ରତିକାରକ ଅବ୍ୟର୍ଥ ମହୌଷଧ । ଶୂଲ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାଶୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅତ୍ୟଧିକ ଜପ ଦ୍ୱାରା ଶୁକ୍ରକ୍ଷୟ, ପୌରୁଷ ମୂଳକ ସ୍ନାୟବିକ ଦୌର୍ବଲ୍ୟ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ରୁଦ୍ଧ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଗୁଡ଼ ଜୌଷ୍ଟା ବଟିକା ଟ ୪ ଡାକମାଶୁଲ ପ୍ରଭୃତି ଟ ୦।୵

# ପୁନର୍ନବାସବ ।

ଶୋଥ ଓ ଜ୍ୱରର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାଶୁଲ ଟ ୦।୵

ପାପ୍ତି ସ୍ଥାନ

କଟକର ଶାରଦା ପ୍ରସାଦ ଦାସ ଗୁପ୍ତ କଟକର ଏକମାତ୍ର ଏଜେଣ୍ଟ

ଚାନ୍ଦିବଜାର, ଚାନ୍ଦନୀଚୌକ, କଟକ

ଅଥବା ନଗେନ୍ଦ୍ରନାଥ ସେନ କବିରାଜ

୧୮।୧ ଓ ୧୯ ଲୋଅରଚିତ୍ପୁର ରୋଡ

କଲିକତା

---

# ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରି ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅଲୋପ୍ୟାଥିକ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଡାକଯୋଗେ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ

ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ ପତ୍ରରେ ଷ୍ଟାମ୍ପ ଇତ୍ୟାଦି ରେପ୍ଲାଇପେବଲ ପାର୍ଶ୍ୱଲରେ ତାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା ଜମ୍ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଡ଼ି ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ<br>ଚଉଧୁରିବଜାର, କଟକ<br>୩୦।୫।୧୯୦୪

ଶ୍ରୀ ବାଳକୃଷ୍ଣଦାସ<br>କବିରାଜ<br>ଶ୍ରୀ ରାମକୃଷ୍ଣ ସିଂହ<br>ମାନେଜର

---

# NERVE-VIGOR

# ସ୍ନାୟୁଶକ୍ତି ବର୍ଦ୍ଧନ

ଡାକ୍ତର ହାରଗ୍ରିଭ ସାହେବଙ୍କର ଅଦ୍ଭୁତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସମ୍ପୂର୍ଣ୍ଣ ସ୍ନାୟବିକ ରୋଗର ଅତ୍ୟନ୍ତ ନିର୍ଦ୍ଦୋଷ ଏବଂ ବିଶେଷ ଗୁଣ ଦାୟକ ମହୌଷଧରୂପେ ତାହାର ଉତ୍କର୍ଷତା ପ୍ରମାଣ କରଅଛି;— ସ୍ନାୟବିକ ରୋଗମାନଙ୍କର ନାମ ଯଥା;—




୧ ଅତ୍ୟନ୍ତ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ, ଇନ୍ଦ୍ରିୟ ଦୋଷ, ଅତ୍ୟାଚାର ବା ପୌଷ୍ଟିକ ଦୋଷ ହେତୁ ସ୍ୱାସ୍ଥ୍ୟ ଦୁର୍ବଳତା, ସ୍ମୃତି ଶକ୍ତି ହ୍ରାସ, ମାନସିକ ବା ଶାରୀରିକ ଦୌର୍ବଲ୍ୟ, ମସ୍ତିଷ୍କ ଘୂର୍ଣ୍ଣନ, ସ୍ମରଣ ଶକ୍ତିର ହ୍ରାସ, ମାନସିକ ବୈକଲ୍ୟ, ଚକ୍ଷୁର ଦୃଷ୍ଟି ହ୍ରାସ, ଦୃଷ୍ଟି ଶକ୍ତି ହ୍ରାସ, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ ବା କୌଣସି କାର୍ଯ୍ୟ କରିବାରେ ଅକ୍ଷମତା, ମାଂସପେଶୀ ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶିଥିଳତା, ଅକାଳବାର୍ଦ୍ଧକ୍ୟ, ଜୀବନୀ ଶକ୍ତିର କ୍ଷୀଣତା, ଧ୍ୱଜଭଙ୍ଗ ଇତ୍ୟାଦି—ସ୍ନାୟବିକ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅଦ୍ଭୁତ କ୍ରିୟାକାରକ ଏବଂ ଚିରସ୍ଥାୟୀ ଫଳପ୍ରଦ;

ରୋଗର ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅଳ୍ପଦିନରେ ଅଦୃଶ୍ୟ ହୁଏ ଏହା ବାସ୍ତବରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏହାର ବ୍ୟବହାର ପରେ ଶାରୀରିକ ସୁସ୍ଥତା, ବଳ ଏବଂ ଶକ୍ତିର ସହିତ ସ୍ୱାସ୍ଥ୍ୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ନିଜେ ଅନୁଭବ କରି ନ ପାରି ଥିବାରୁ ତାହା ଅନୁଭବ କରେ ।

ତିନିସପ୍ତାହ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧୲

ଠକିବା ଭୟରେ ପ୍ରତାରଣା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲ ଦେହରେ ଆମର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିନେବା ଉଚିତ । ଔଷଧ ତାଲିକା ମଗାନ୍ତୁ ।

ଠିକଣା—ଇ; ପି; ଏଣ୍ଡ କୋଂ ଓ୍ୱାର୍କସ୍, ଇଣ୍ଟାଲି କଲିକତା

The E. P. & C. Works,

Intally CALCUTTA.

Split by PDF Splitter

Digitized by srujanika@gmail.com

Split by PDF Splitter



507

WANTED

A clerk for the Puri Municipal office for one year with prospects of being made permanent. Salary Rs. 20 a month. Applications will be received by the undersigned till the 20th instant.

Puri Municial office. P. C. Mittra
7—11—1905. Chairman

# ଉତ୍କଳଦୀପିକା ।

ଗତ ମାସ ତା ୨୮ ଇଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗ ରୋଗଦ୍ୱାରା ୨,୬୧୩ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୩,୩୩୨ ଘଟିଥିଲା । ରୋଗ ବର୍ଦ୍ଧିତ ସପ୍ତାହରେ ଦେଖା ପଡୁଅଛି । ବୋମ୍ବାଇ ପ୍ରଦେଶରେ ୨୨୩୩ ରୁ ୧୬୯୭ କୁ ଖସିବା ବଡ଼ ଆନନ୍ଦର ବିଷୟ । ମଧ୍ୟଭାରତରେ ମଧ୍ୟ ୪୬୫ ରୁ ୪୨୨ କୁ ଖସି ଆସିଅଛି ଓ ବାକୀ ପ୍ରଦେଶ ସମୂହ ମଧ୍ୟରେ ମୃତ୍ୟୁସଂଖ୍ୟା ଖସିପଡ଼ିଅଛି ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଶ୍ରୀଯୁକ୍ତ ମିଃ ଏଫ୍ ଡବ୍ଲିଉ ଡଉନ ଓଡ଼ିଶା ପ୍ରଦେଶର କମିଶ୍ନର ପଦରେ ନିଯୁକ୍ତ ହେଲେ । ସାହେବ ମହୋଦୟ ବହୁକାଳ ପୂର୍ବରୁ ଥିଲେ ସୁତରାଂ ତାଙ୍କୁ ଓଡ଼ିଶାର ଅବସ୍ଥା ଜଣା ଅଛି ଓ ତାଙ୍କର ନିଯୋଗ ସାଧାରଣରେ ଅନୁମୋଦିତ ହେବ ଏଥିରେ ସନ୍ଦେହ ନାହିଁ । ଓଡ଼ିଶା ସହିତ ସମ୍ବଲପୁର ଓ ନୂତନ ଗଡ଼ଜାତ ରାଜ୍ୟର ସମ୍ମିଳିତ ସମୟରେ ଡଉନ ସାହେବଙ୍କ ଅଧୀନରେ ଥାଇ ପୋଲିଟିକେଲ ଏଜେଣ୍ଟଙ୍କ କାର୍ଯ୍ୟ ହେଲେ ଭଲ ହେବ । ଆମ୍ଭେମାନେ ଶୁଣୁଅଛୁଁ ଯେ ଶ୍ରୀଯୁକ୍ତ ନବ୍ଲେଟ୍ ରାମସେ ପୋଲିଟିକେଲ ଏଜେଣ୍ଟ ସ୍ୱରୂପ ନିଯୁକ୍ତ ହୋଇ ଆସୁଅଛନ୍ତି । ଏ ଜଣେ ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରେଣୀର କର୍ମଚାରୀ ଅଟନ୍ତି ସୁତରାଂ ଡଉନ ସାହେବଙ୍କ ଅଧୀନରେ ଓ ପରାମର୍ଶରେ ତାଙ୍କର କାର୍ଯ୍ୟ ଚଳିବାର ଅନୁମିତ ହେଉଅଛି ।

ଗତ ମଙ୍ଗଳବାର ଦିବସ ଏ ନଗରର ମିଉନିସିପାଲିଟୀର ଗୋଟିଏ ବୈଠକ ହୋଇଥିଲା । ରାୟ ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୂର ଏ ନଗରର ମୃତଦେହ ଶ୍ମଶାନ ନିକଟରେ ହିନ୍ଦୁ ଶବଦାହକଙ୍କ ଆଶ୍ରୟ ନିମନ୍ତେ ଗୋଟିଏ ପକ୍କା ଆଶ୍ରମଗୃହ ନିର୍ମାଣ କରଣାର୍ଥେ ଦୁଇଶତ ଟଙ୍କା ଦେବାକୁ ଅଙ୍ଗୀକାର କରିଥିବାରୁ ମିଉନିସିପାଲ କମିଶ୍ନରମାନେ ତାହା ଆଦର ସହିତ ଗ୍ରହଣ କରି ତାଙ୍କୁ ଧନ୍ୟବାଦ ଦେଲେ । ଆମ୍ଭେମାନେ ରାୟ ବାହାଦୂରଙ୍କର ସତ୍କାର୍ଯ୍ୟ ପ୍ରତି ଚେଷ୍ଟା ଥିବାର ଦେଖି ବଡ଼ ସନ୍ତୁଷ୍ଟ ହେଲୁଁ ଓ ସେଥି ନିମନ୍ତେ ତାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଉକ୍ତ ଅଧିବେଶନର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ନଗର ସରଭେନ୍ସି ଇନସ୍ପେକ୍ଟର ମିଃ ଟେଲରଙ୍କ ଦୁଇମାସ ଛୁଟି ମଞ୍ଜୁର ହୋଇଅଛି ଓ ତାଙ୍କ ସ୍ଥାନରେ ବର୍ତ୍ତମାନ ସବଇନସ୍ପେକ୍ଟର ମିଃ ଜଗବଲ୍ଲଭ ନିଯୁକ୍ତ ହୋଇଅଛନ୍ତି ।

ଦଶହରା ଦିବସ ମାରୱାଡ଼ିମାନେ ବିଲାତି ଲୁଗାର କଣ୍ଟ୍ରାକ୍ଟ କରନ୍ତି ବୋଲି ସେମାନେ ଉକ୍ତ ଦିବସକୁ ଲକ୍ଷ୍ମୀଦିବସ କହନ୍ତି । ମାତ୍ର ଉକ୍ତ ଦିବସରେ ବିଲାତି ଲୁଗାର କଣ୍ଟ୍ରାକ୍ଟ ନ ହୋଇଥିବା ବିଷୟ ଆମ୍ଭେମାନେ ଯଥା ସମୟରେ ପାଠକମାନଙ୍କୁ ଜଣାଇଅଛୁଁ । ମାରୱାଡ଼ିମାନେ ବର୍ଷକ ମଧ୍ୟରେ ଦୁଇଥର ବିଲାତି ଲୁଗାର କଣ୍ଟ୍ରାକ୍ଟ କରନ୍ତି । ଦଶହରା ସମୟରେ କଣ୍ଟ୍ରାକ୍ଟ ବନ୍ଦ ହୋଇଥିଲା । ଦ୍ୱିତୀୟ କଣ୍ଟ୍ରାକ୍ଟ ଦିବସ କାଳୀପୂଜା ଅମାବାସ୍ୟା ଦିନ ଅଟେ । ଅନେକେ ଅନୁମାନ କରିଥିଲେ ଅମାବାସ୍ୟା ଦିବସରେ କଣ୍ଟ୍ରାକ୍ଟ କରି ପାରନ୍ତି ମାତ୍ର ଉକ୍ତ ଦିବସରେ ମଧ୍ୟ ସେମାନେ କୌଣସି କଣ୍ଟ୍ରାକ୍ଟ କରି ନାହାନ୍ତି । କିନ୍ତୁ ମାରୱାଡ଼ିମାନେ ବ୍ୟବସାୟୀ, ସେମାନେ ଯେପରି ବ୍ୟବସାୟ ବୁଝନ୍ତି ସେପରି ଭାରତରେ ଜାତି ବିରଳ । ସେମାନେ କେବଳ ବିଲାତି ଲୁଗାର ଆମଦାନୀ ପକ୍ଷରେ ଯାହା କରି ନିରସ୍ତ ହୋଇ ନାହାନ୍ତି । ଏକ ସମିତି ଗଠନ କରିଅଛନ୍ତି । ଏହି ସମିତିରୁ ବଙ୍ଗଦେଶରେ ହାଟ ଓ ବସ୍ତ୍ରକଳ ସ୍ଥାପିତ କରା ହେବ ଓ ମୋଫସଲକୁ ଏଜେଣ୍ଟ ପଠାଇ ସେମାନଙ୍କୁ ଟଙ୍କା ଦାଦନ ଦେଇ ଲୁଗା ବୁଣାଇ ନେବାକୁ ହେବ । ଏପରି ସମିତିର ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଅଛୁଁ ।

କଟକର ଲବଣ ସୁପରଇଣ୍ଟେଣ୍ଡେଣ୍ଟ ମିଃ କିଲ ଓ ଲବଣ ସବ୍ ଇନସ୍ପେକ୍ଟର ମିଃ ବୋମୋ ଗସ୍ତରେ ଯାଉଥିବା ସମୟରେ ଗାଡ଼ିବାଲାଦ୍ୱାରା ଗୋଟିଏ ଲମ୍ବା ଘଟିରୁ କେତେକ ଇଟା ଖଣ୍ଡ ପାଣି ଗରମ କରିବା ଚୂଲି ନିମନ୍ତେ ଆଣିଥିବାରୁ କପିଲ ବେହେରା ଓଗେର କେତେକ ଜଣ ଏ ବିଷୟରେ ଗାଡ଼ିବାଲାକୁ ଆପତ୍ତି କରି କହିବାରେ ଓ ପରପ୍ରସ୍ତରେ ମାଡ଼ିପିଟ କରିବାରେ ସେମାନେ ଦଙ୍ଗା ହଙ୍ଗାମା ଅପରାଧରେ ଦଣ୍ଡିତ ହୋଇଥିଲେ । କପିଲ ବେହେରା ଛମାସ କଠିନ ପରିଶ୍ରମସହ ଦଣ୍ଡ ପାଇଥିଲା ଓ ଅନ୍ୟ ଆସାମୀମାନେ ପ୍ରତ୍ୟେକେ ତିନମାସର କଠିନ ପରିଶ୍ରମସହ ଦଣ୍ଡ ପାଇଥିଲେ । କଟକ ମାଜିଷ୍ଟ୍ରେଟଙ୍କ ନିକଟରେ ଅପିଲ ହୁଅନ୍ତେ ମେଜେଷ୍ଟର ସଜା ବାହାଲ ରଖି କେବଳ ପ୍ରଥମ ଆସାମୀର ଦଣ୍ଡକୁ ୬ ମାସ ସ୍ଥଳେ ୪ ମାସ ଓ ଅନ୍ୟ ଆସାମି ସବୁର ମା ୩ ସ ସ୍ଥଳେ ମା ୨ ସ ଲେଖାଏଁ କମ୍ କରି ଦେଇଥିଲେ । ଆସାମିମାନେ ହାଇକୋର୍ଟରେ ଅପିଲ ଦାଏର କରିବାରେ ଜଏଣ୍ଟ ମେଜେଷ୍ଟରଙ୍କ ଉପରେ ରୁଲ ଜାରି ହୋଇ କୈଫିୟତ ତଲବ ହୋଇଥିଲା । ଗତ ତା ୩ ଇଖ ଦିବସ ବିଚାରପତି ମିଃ ଉଡ୍‌ରଫ ଓ ମିଃ ମୁଖର୍ଜିଙ୍କଦ୍ୱାରା ଉକ୍ତ ରୁଲ ଶୁଣାଣି ହୋଇଥିଲା । ରୁଲର ପ୍ରଧାନ କାରଣ ଏହି ଥିଲା ଯେ କୌଣସି କାରଣ ନ ଦର୍ଶାଇ ମେଜେଷ୍ଟରଙ୍କ ଅପିଲରେ ଅନ୍ୟ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ନାହିଁ ମଧ୍ୟ ଆସାମିମାନଙ୍କ ପ୍ରତି ମେଜେଷ୍ଟର ସାହେବ ଅନେକ ସୱାଲ କରିଥିଲେ ମାତ୍ର ତାହା ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୩୪୨ ଅନୁସାରେ ଅନୁଚିତ । ବିଚାରପତି ଦ୍ୱୟ ଉଭୟପକ୍ଷର ଜବାବ ଶୁଣିଅଛନ୍ତି ମାତ୍ର ହୁକୁମ ଦେଇ ନାହାନ୍ତି ।

---

ଉତ୍କଳରେ ବିଶେଷତଃ କଟକ ଜିଲ୍ଲାରେ ବାବା ଧବଳେଶ୍ୱରଙ୍କର ନାମ ଓ ତାହାଙ୍କର ବଡ଼ଓଷା ବା ପିଠାଯାତ୍ରାର ସମାରୋହ କାହାରି ଅବିଦିତ ନୁହେଁ । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଏହି ଯାତ୍ରା ଉପଲକ୍ଷେ କଟକର ଅନ୍ତରବର୍ତ୍ତୀ ଓ ଆଠଗଡ଼ ରାଜ୍ୟର ଅନ୍ତର୍ଗତ ମହାନଦୀର ବିଶାଳବକ୍ଷର ଏକ ପ୍ରାନ୍ତେ ବହୁଜନତା ହୋଇଥାଏ । ସ୍ଥାନଟି ଅତି ସ୍ୱାସ୍ଥ୍ୟକର ଓ ତହିଁର ପ୍ରାକୃତିକ ଦୃଶ୍ୟ ଅତି ମନୋହର ଥିବାରୁ ଏହି ପୁଣ୍ୟ ଦିନ ଛଡ଼ା ବର୍ଷର ଅନ୍ୟାନ୍ୟ ସମୟରେ ଏଠାରେ ଅନେକ ଲୋକଙ୍କର ସମାଗମ ହୋଇଥାଏ । ନଦୀ ମଧ୍ୟସ୍ଥିତ ମନ୍ଦିର ଛଡ଼ା ଶ୍ରୀମାନ୍ ଆଠଗଡ଼ ରାଜାଙ୍କ [illegible] ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ଏକ ମନ୍ଦିର ନୂତନ ତିଆର ହୋଇଅଛି । ଯାତ୍ରୀ ଓ ଶରଣାଗତ ଲୋକଙ୍କ ଆଶ୍ରୟ ସକାଶେ କେତେ ଗୋଟି ପାନ୍ଥଶାଳା ଅଛି ଓ ନିର୍ମିତ ହେଉଅଛି । ଚୌଧୁରୀବଜାରର ପ୍ରସିଦ୍ଧ ବ୍ୟବସାୟୀ ଶ୍ରୀଯୁକ୍ତ ବୈଷ୍ଣବ ରାମସ୍ୱାମୀଙ୍କ ନବନିର୍ମିତ ସୁବୃହତ୍ ସୋପାନ ଶ୍ରେଣୀ ମନ୍ଦିରର ଉତ୍ତର ପାର୍ଶ୍ୱରୁ ମହାନଦୀର ଶୈଳମୟ ଶେଷ ଯାଏ ବିସ୍ତୃତ ଥିବାରୁ ଏହାର ଅଧିକ ଶୋଭା ସମ୍ପାଦନ କରୁଅଛି । ଏହା ପାର୍ଶ୍ୱରେ ଠାବେ ୨ ବଟ ବକୁଳ ଓ ତୁଳସୀ ବେଦିକା ଥିବାରୁ ସ୍ଥାନଟି ଯାତ୍ରୀକ ଲୋକଙ୍କ ପକ୍ଷେ ସମଧିକ ଚିତ୍ତାକର୍ଷକ ହୋଇଅଛି । ମନ୍ଦିର ଓ ତହିଁ ସଂଲଗ୍ନ ପ୍ରତ୍ୟେକ ଇଷ୍ଟ ସ୍ଥଳୀ ଯେତେବେଳେ ଜନସାଧାରଣଙ୍କ ହିତୈଷ୍ୟେ ଉତ୍ସୃଷ୍ଟ, ସେତେବେଳେ ବଡ଼ ଦୁଃଖର ବିଷୟ ଯେ ଏଥିମଧ୍ୟରୁ କେତେକ ଅଂଶ ସୀମାବଦ୍ଧ ହୋଇ ବ୍ୟକ୍ତି ବିଶେଷଙ୍କର

Digitized by srujanika@gmail.com

ଗ୍ରାମ ଜଙ୍ଗଲରେ ଅଦ୍ୟାପି ରହିଅଛନ୍ତି ତ ଯହିଁରେ ସେମାନଙ୍କ ବିଶେଷ ଅନୁମତି ବିନା ଜନସାଧାରଣଙ୍କର ବିଚରଣ ବା ପ୍ରବେଶର ଅଧିକାର ନାହିଁ । ଆବହମାନକାଳରୁ ଦେବାଧି ଦେବଙ୍କର ଅଭ୍ୟର୍ଥନା ସ୍ଥଳର ଥିବା ପ୍ରତ୍ୟକ୍ଷେ ଏଠାରେ ଲୋକଙ୍କ ଧର୍ମକ୍ଷେତ୍ର ହୋଇଅଛି ହେଉ ଏବଂ ଜନକମନ ରଞ୍ଜନ- ସ୍ତମ୍ଭର ସ୍ତମ୍ଭାକାର ଅମ୍ଭେମାନେ ବର୍ଣ୍ଣନା କରି ପାରିଲୁଁ ନାହିଁ । ଏ ବିଷୟରେ ଅମ୍ଭେମାନେ ଧର୍ମପ୍ରାଣ ଶ୍ରୀମାନ୍ ଅଠଗଡ଼ ରଜାଙ୍କର ସୁଦୃଷ୍ଟି ଆକର୍ଷଣ କରୁଅଛୁଁ ।

କପାସଚାଷ ।

ଆଜି କାଲି ସ୍ୱଦେଶୀ ଆନ୍ଦୋଳନରେ ସ୍ୱଦେଶୀବସ୍ତ୍ର ଚଳାଇବା ପାଇଁ ଲୋକେ ଯେପରି ତତ୍ପର ଅଛନ୍ତି ସେହିପରି ତାହାର ପ୍ରଧାନ ଉପାଦାନ କପାସ ଚାଷ ପ୍ରଚଳନରେ ତତ୍ପର ହେବା ଆବଶ୍ୟକ । ସେଥି ନିମନ୍ତେ ହିତବାଦରେ ପ୍ରକାଶିତ କପାସ ଚାଷ ସମ୍ବନ୍ଧରେ କେତେକ ବିଷୟ ନିମ୍ନେ ପ୍ରକାଶ କଲୁଁ ।

୧ । ଜମିନିର୍ବାଚନ — କପା ଆବାଦ ନିମନ୍ତେ ଉଚ୍ଚ ଓ ବାଲିକା ଦୋରସା ମୃତ୍ତିକ ଯୁକ୍ତ ଜମି ପ୍ରଶସ୍ତ । ଏପରି ଜମିରେ ଚାଷ କରିବା ଆବଶ୍ୟକ ଯେ ତହିଁରେ ଯେପରି ପାଣି ନ ଜମେ ଅଥବା ପାଣିକୁ ଯେପରି ଅଟକାଇ ନ ରଖେ ।

୨ । ଜମି ଚାଷ ହେବା—ଫାଲ୍ଗୁନ ମାସରୁ ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ନିତାନ୍ତ ପକ୍ଷରେ ୮।୧୦ ଓଡ଼ ଚାଷ ଓ ମଇ ଦେବା ଆବଶ୍ୟକ । ଜମିରେ ଢେଲା ଥିଲେ ତାହାକୁ ଧୂଳି କରିବାକୁ ହେବ। ୨୪ ଅଲ ଗୃହପାଳିତ ପଶୁଙ୍କ ଜମିରେ ଗୋବର ଅଥବା ଚିଡ଼ିଅର ସାର ଦେଇ ପୁନର୍ବାର ଚାଷ କରି ମଇ ଦେଲେ ଜମି କପା ଆବାଦର ଉପଯୋଗୀ ହୁଏ । ଜମି ଯଦି ସ୍ୱଳ୍ପବଳ କ୍ଷୀଣ ବା ଅଠାଳିଆ ହୁଏ ତେବେ ସେଥିରେ ଘାଉଁଶ ଅଥବା ଛାଇ କମ୍ପୋଷ୍ଟ ଦେଲେ ଗଛ ସୁନ୍ଦର ଓ ସବଳ ହୁଏ ।

୩ । ଜ୍ୟେଷ୍ଠମାସର ଶେଷ ଭାଗରେ ଓ ଆଷାଢ଼ ମାସର ଆରମ୍ଭରେ ମଞ୍ଜି ଲଗାଇବା ଆବଶ୍ୟକ । ପରେ ଗଛ ହେଲେ ପ୍ରତ୍ୟେକ ଗଛ ଯେପରି ୨ ହାତ ବା ୨½ ହାତ ଅନ୍ତରରେ ରହିବ ତହିଁର ବ୍ୟବସ୍ଥା କରିବ । ଏହା ଅପେକ୍ଷା ଅଳ୍ପ ଅନ୍ତରରେ ରହିଲେ ଗଛ ସବଳ ହୁଏ ନାହିଁ ।

୪ । ଗଛଗୁଡ଼ିକ ୧½ ହାତ ଉଚ୍ଚ ହେଲେ ମାଟିରୁ ବା ୧ ଟ ଉଚ୍ଚ କରି ଡାଳମାନ କାଟିଦେବ ତାହା ନ ଦେଲେ ଶୀଘ୍ର ଫଳ ଧରିଯାଏ ଏବଂ ଫଳ ଅଧିକ ହୁଏ ନାହିଁ । କର୍ଷାଦିନ ପରେ ମାଟିର ଅବସ୍ଥା ଦେଖି ୧୫।୨୦ ଦିନ ପରେ ଥରେ ଲେଖାଏଁ ଜଳ ସିଞ୍ଚନ କଲେ ଭଲହୁଏ । କାର୍ତ୍ତିକ ପକ୍ଷରେ ମାସରେ ଥରେଲେଖାଏଁ ମାଟି କୋଡ଼ ଦେବା ଆବଶ୍ୟକ ।

୫ । ଆଶ୍ୱିନ ମାସରୁ ଗଛରେ ଫଳଧରିବାକୁ ଆରମ୍ଭ ହୁଏ । ପୌଷ ମାସରୁ ଫଳ ପାଚିବାକୁ ଆରମ୍ଭ ହୁଏ । ଫଳ ଯେତେବେଳେ ପାଚି ଫାଟିଯାଏ ସେତେବେଳେ ତାହାକୁ ତୋଳିବା ଉଚିତ । ଫଳ ପାଚିବା ସମୟ ଉପସ୍ଥିତ ହେଲେ ପ୍ରତ୍ୟେକ ଦିନ ଫଳ ପାଚିବାକୁ ଆରମ୍ଭ କରେ । ସେଥି ନିମନ୍ତେ ପ୍ରତ୍ୟହ ଖସିବେଳେ ଫଳ ସଂଗ୍ରହ କରିବ । ଫଳ ପାଚିବା ପୂର୍ବରୁ କଦାପି ତୋଳିବା ଉଚିତ ନୁହେ କାରଣ ସେତେବେଳେ ତୁଳାର ଆଁସ କଅଁଳ ଥାଏ ।

୬ । ଅନ୍ୟାନ୍ୟ ଅନେକ ଫସଲ ପରି କପାର ଗଛ ଫଳଦେବା ଉତ୍ତାରୁ ମରିଯାଏ ନାହିଁ । ଯତ୍ନକରି ରଖିଲେ ସେଥିରୁ ବ ୨।୩ ବର୍ଷ ଫସଲ ମିଳେ । ପ୍ରଥମବର୍ଷର ଫସଲ ଅମଦାନି କରିବା ପରେ ମାଘମାସରେ ଉତ୍ତମରୂପେ ଝୋଟିନ୍ଦ୍ରାଗ ଜମି କୋଡ଼ି ଦେବାକୁ ହୁଏ । ଏବଂ ଜ୍ୟେଷ୍ଠମାସରେ ଗଛମୂଳ ଖୋଳିଦେଇ ସେଥିରେ ସାର ଦେଇ ଗଛଗୁଡ଼ିକ ଛାଟି ଦେବାକୁ ହୁଏ । ପୁରୁଣା ଗଛର ଶାଖା ପ୍ରଶାଖାର ଅର୍ଦ୍ଧ ପରିମାଣ ଅଂଶ ମାତ୍ର ରଖି ନୂତନ ଅଂଶଗୁଡ଼ିକ କାଟିଦେବାକୁ ହେବ ।

୭ । ଯଥାନିୟମରେ ଏକ ମାଣ ଜମି ଆବାଦ କଲେ ପ୍ରାୟ ୩।୬ ମହଣ କପା ହୁଏ । ତହିଁ ବାଦ ଦେଲେ ୨।୩ ମହଣ ତୁଳା ହୁଏ, ମହଣ ପ୍ରତି ଟ ୧୫ ଙ୍କା ଦରରେ ସାଧାରଣତଃ ବିକ୍ରୟ ହୁଏ । ଯେଉଁଠାରେ ଅତ୍ୟନ୍ତ ଅଧିକ ମୂଲ ଦେଇ କୁଲି ଲଗାଇବାକୁ ହୁଏ ସେଠାରେ ପ୍ରତିମାଣରେ ଟ ୬ ଟଙ୍କାରୁ ଅଧିକ ଖରଚ ପଡ଼େ ନାହିଁ ।

୮ । କପାକ୍ଷେତ ମଧ୍ୟରେ ଅନେକ ସ୍ଥାନ ଖାଲି ଥାଏ । ସେହିସବୁ ଖାଲି ସ୍ଥାନରେ ଚିନାବାଦାମ, ପିଆଜ ଲଗାଇଲେ କପାଗଛର ଉପକାର ହୁଏ ଏବଂ ଗୋଟିଏ ଜମିରେ ଏକସମୟରେ ଦୁଇଟି ଫସଲ ହୁଏ । ଅମୁମାନଙ୍କ ଦେଶରେ କୃଷକମାନେ କେତେକ ଫସଲ ମଧ୍ୟ ଏଥିରେ ଲଗାଇଥାଆନ୍ତି ।

କଟକର ଗୋରକ୍ଷିଣୀସଭାର ମହୋତ୍ସବ ।

ଗତକମାସ ତା ୪ ରିଖ ଗୋପାଷ୍ଟମୀ କଟକନଗରର ଗୋରକ୍ଷିଣୀ ସଭାର ଉତ୍କଳଗ୍ରାମସ୍ଥ ଗୋଶାଳାରେ ଗୋପାଷ୍ଟମୀ ବ୍ରତର ଅନୁଷ୍ଠାନ ଗୋପୂଜା ପ୍ରଭୃତି କାର୍ଯ୍ୟ ନିମନ୍ତେ ଗୋଟିଏ ବୃହତ୍ ମହୋତ୍ସବ ହୋଇଥିଲା । ଏତଦୁପଲକ୍ଷେ ନଗରର ପ୍ରାୟ ସମସ୍ତ ହୋତାକ ବନ୍ଦ କରି ଦୋକାନିମାନେ ସଙ୍କୀର୍ତ୍ତନ ପ୍ରଭୃତି ଉକ୍ତ କାର୍ଯ୍ୟରେ ଯୋଗ ଦେଇଥିଲେ । ଏ ସଦନୁଷ୍ଠାନର ପ୍ରଧାନ ଉଦ୍ୟୋଗୀ ମାରୁଆଡ଼ିମାନେ । ଗୋଶାଳାଟି ଏଠା କଣ୍ଟୋନମେଣ୍ଟର ଛାଉଣୀ ନିକଟ ମଧ୍ୟରେ ଅବସ୍ଥିତ । ଏଥି ସ୍ଥଳରେ ଗୋଚରଶାଳାସ୍ଥ ସ୍ଥାପିତ ହୋଇଅଛି । ଉତ୍ସବଦିନ ଦିବା ୨ଟାଠାରୁ ରାତ୍ରି ୧୦ ଘଣ୍ଟା ପର୍ଯ୍ୟନ୍ତ ଉପନ୍ଦରୀ ସମାନଭାବରେ ଚାଲିଥିଲା । ଲୋକମାନଙ୍କର ଗତାୟାତ ବ୍ୟତୀତ ଅନୁଷ୍ଠାନ କାର୍ଯ୍ୟରେ ଅନ୍ୟୁନ ୫୦୦୦ ମନୁଷ୍ୟ ଯୋଗ ଦେଇଥିଲେ । ଗୋଶାଳାଟି ନୂତନ ପୁଷ୍ପ, ପତ୍ର ଓ ତୋରଣାଦିରେ ସୁସଜ୍ଜିତ ହୋଇଥିଲା । ସମସ୍ତ ଗୋରୁମାନଙ୍କ ନିମନ୍ତେ ସାଲୁରେ କରି ଦଶ ହୋଇ ଓଢ଼ଣୀ ସବୁ ପ୍ରସ୍ତୁତ ହୋଇଥିଲା । ଗୋରୁମାନଙ୍କୁ ମିଷ୍ଟାନ୍ନଆଦି ପୂର୍ଣ୍ଣଭୋଜନ ଦେବାର ସୁବନ୍ଦୋବସ୍ତ ହୋଇଥିଲା । ଉପସ୍ଥିତ ଜାତିମାନେ ମଧ୍ୟ ଶକ୍ତ୍ୟନୁସାରେ ଗୋରୁମାନଙ୍କର ଭୋଜନ ନିମିତ୍ତ ଦାନ କରୁଥିଲେ । ସେମାନଙ୍କ ମଧ୍ୟରେ ଏଠା ମାରୁଆଡ଼ିମାନଙ୍କର ସଂଖ୍ୟା ଅଧିକ ଥିବାର ଅନୁମିତ ହୋଇଥିଲା । ସେମାନଙ୍କ ମଧ୍ୟରୁ କେହି କେହି ଗୋରୁମାନଙ୍କୁ ବସ୍ତ୍ରରୁ ବସ୍ତ୍ର ଇତ୍ୟାଦି ଦାନ କରିଥିଲେ । ସହରର ସମସ୍ତ କୀର୍ତ୍ତନମଣ୍ଡଳୀ ନିମନ୍ତ୍ରିତ ହୋଇଥିଲେ । ସେଠାରେ ମଧ୍ୟ ସ୍ୱଦେଶୀ ଆନ୍ଦୋଳନର ମୂଳମନ୍ତ୍ର "ବନ୍ଦେ ମାତରମ୍" ଶବ୍ଦ ପ୍ରତିଧ୍ୱନିତ କରିବାକୁ ଲୋକେ ବିସ୍ମୃତ ହୋଇ ନ ଥିଲେ । ରାତି ୭ ଘଣ୍ଟା ସମୟରେ ଗୋଟିଏ ସଭା ହୋଇଥିଲା ସେହି ସଭାରେ ବାବୁ ବିଶ୍ୱନାଥ କର ପ୍ରଭୃତି କେତେକ ଗଣ୍ୟମାନ୍ୟ ଲୋକମାନେ ଗୋରକ୍ଷିଣୀ ସଭାର ଉପକାରିତା ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ବନ୍ଧରେ ବକ୍ତୃତା କରିଥିଲେ । ଦେଶୀୟ ଦ୍ରବ୍ୟ ପ୍ରଚଳନ ସମ୍ବନ୍ଧୀୟ ଗୋଟିଏ ବିଜ୍ଞାପନ ମଧ୍ୟ ବିତରିତ ହୋଇଥିଲା ଏବଂ ଗୋଟିଏ ଗୋରକ୍ଷିଣୀ ସଭାର ବାର୍ଷିକ ଆୟ ବ୍ୟୟର ରିପୋର୍ଟ ସମ୍ବଳିତ ବିଜ୍ଞାପନ ମଧ୍ୟ ବିତରିତ ହୋଇଥିଲା । ସେଥିରୁ ଅବଗତ ହେଲୁଁ ଯେ ଏହି ସଭା ସନ ୧୯୦୫ ମସିହା ଫେବ୍ରୁଆରି ମାସରେ ସ୍ଥାପିତ ହୋଇଅଛି ଏବଂ ଏହି ମାସ ସମୟ ମଧ୍ୟରେ ଟ ୫୬୫୨ ।୮ ଆଦାୟ ମଧ୍ୟରୁ ଖୁଲାବାକି ଆଦାୟ ଟ ୪୬୬୨ ।୬୨ ଏବଂ ବାକି ଆଦାୟ ଟ ୧୧୯୦ ।୨ ଅଛି । ଉକ୍ତ ମା ୧ ସ ମଧ୍ୟରେ ଖରଚ ଟ ୯୬୭୭ ।୧୫ ବାଦ ଯାଇ ଅବଶିଷ୍ଟ ଟ ୬୮୮୪ ।୬୧ ମଧ୍ୟରୁ ମାସିକ ଶତକଡ଼ା ଟ ୦ ।୧ ସୁଦରେ ଶ୍ରୀ ବାବୁ

Digitized by srujanika@gmail.com

ଉକ୍ତ ପୁର ଘସ୍ସ ସୂର୍ଯ୍ୟମଲଙ୍କ ନିକଟରେ ମଜୁଦ ଅଛି । ବାଙ୍କି ଟ ୨୮୪ ୩/୬୨ କୋଷାଧ୍ୟକ୍ଷ ଶ୍ରୀ ବାବୁ ରାମବନ୍ଧୁଙ୍କ ନିକଟରେ ଅଛି । ଏହି ସଭାର ଗୋଟିଏ କାର୍ଯ୍ୟକାରୀ ସମିତି ଅଛି ଏବଂ ସେହି ସଭାର ସଭାପତି ଶ୍ରୀଯୁକ୍ତ ବାବୁ ହରିଚରଣ ବନ୍ଦ୍ୟୋପାଧ୍ୟାୟ ଉକିଲ, ସଂ ଶ୍ରୀବାବୁ ଗୋପାଳଚନ୍ଦ୍ର ମାରବାଡ଼ି, ସମ୍ପାଦକ ଶ୍ରୀ ବାବୁ ସୁଖଦେବ ମାରବାଡ଼ି, ସହକାରୀ ସମ୍ପାଦକ ଶ୍ରୀବାବୁ ଅଭିରାମ ଭଞ୍ଜ ଉକିଲ ଅଟନ୍ତି । ବର୍ଣ୍ଣିତ ଉତ୍ସବ ଦିବସରେ ଗୋଶାଳାରେ ଗୋ ୧୧୨ ଟି ଗୋରୁ ଥିଲେ । ଉକ୍ତ ଅନୁଷ୍ଠାନ ଦୁଇଦିନ ହୋଇଥିଲା, ସଭାର କାର୍ଯ୍ୟ ଉତ୍ତମରୂପେ ଚାଲୁଥିବାର ଦେଖାଗଲା । ଆଶା କରୁଁ ଏଭଳି କାର୍ଯ୍ୟ ଏହିପରି ଚାଲିଲେ ଅନେକ ଅନାଥ ଗୋରୁମାନଙ୍କର ରକ୍ଷା ହେବ ଓ ସଭାର ନାମ ସାର୍ଥକ ହେବ । ଆମ୍ଭେମାନେ ଏହି ସଭାର ସ୍ଥାୟିତ୍ୱ ଏବଂ ଉନ୍ନତି କାମନା କରୁଅଛୁଁ ଏବଂ ସର୍ବସାଧାରଣଙ୍କୁ ସତତ ସହାନୁଭୂତି ପ୍ରକାଶ ନିମନ୍ତେ ଅନୁରୋଧ କରୁଅଛୁଁ ।

---

### ଛାତ୍ରଦମନର ସର୍କ୍ୟୁଲର ।

